୬ କୋଲକାତାକୁ ୬ ୱିକେଟ୍‌ରେ ହରାଇଲା ମୁମ୍ବାଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୩ • ସଂଖ୍ୟା–୫୯ • ୩୦ ମାର୍ଚ୍ଚ ୨୦୨୬ ସୋମବାର • ଭୁବନେଶ୍ୱର • Vol -33 • Issue-59 • 30th March 2026, Monday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟକୁ ସମସ୍ତେ ମିଳିମିଶି ମୁକାବିଲା କରିବା

**ନୂଆଦିଲ୍ଲୀ, ୨୯ ।୩**

ମାସିକ ରେଡିଓ କାର୍ଯ୍ୟକ୍ରମ ମନ କି ବାତରେ ଦେଶବାସୀଙ୍କୁ ସମ୍ବୋଧନ କରି ବଡ଼ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଆମେ ୧୪୦ କୋଟି ଭାରତୀୟ ଏକାଠି ହୋଇ ଲଢ଼ିବା । ପରିସ୍ଥିତି ଏବେ ଚ୍ୟାଲେଞ୍ଜିଂ ରହିଛି । ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏପରି ସ୍ଥିତିରେ ଦେଶବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଏଥିସହ କୌଣସି ଗୁଜବକୁ ବିଶ୍ୱାସ ନକରିବାକୁ ପରାମର୍ଶ ଦେଇଛନ୍ତି ।

ମନ କି ବାତରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ବିଶ୍ୱର ଯେଉଁ କ୍ଷେତ୍ରରେ ଯୁଦ୍ଧ



ଜାରି ରହିଛି ସେହି ସବୁ କ୍ଷେତ୍ରରୁ ଦେଶ ଶକ୍ତି ଆବଶ୍ୟକତାର ବଡ଼ କେନ୍ଦ୍ର । ସାରା ବିଶ୍ୱରେ ତୈଳ ଓ ଗ୍ୟାସକୁ ନେଇ ସଙ୍କଟ ପରିସ୍ଥିତି ଉପୁଜିଛି । ଭାରତ ଏପରି ପରିସ୍ଥିତିକୁ ଦୃଢ ଭାବେ ମୁକାବିଲା କରୁଛି । ଯୁଦ୍ଧ ଚାଲୁଥିବା ରାଷ୍ଟ୍ର ଗୁଡିକରେ ଦେଶର *(ପୃଷ୍ଠା ୭ରେ)*

## ଦୁଇ ଓଡ଼ିଆ ପ୍ରତିଭାଙ୍କୁ ପ୍ରଶଂସା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯ ।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ'ର ୧୩୨ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ।ଏଥିରେ ସେ ଦେଶ-ବିଦେଶର ବିଭିନ୍ନ ପ୍ରସଙ୍ଗଙ୍କୁ ଉପସ୍ଥାପନ କରିଛନ୍ତି । ମନ୍ କି ବାତ୍‌ରେ ପିଏମ୍ ମୋଦୀ ଦୁଇ ଜଣ ଓଡ଼ିଆଙ୍କୁ ମଧ ବହୁତ ପ୍ରଶଂସା କରିଛନ୍ତି । ସେମାନେ ହେଲେ ସମ୍ବଲପୁରର ସୁଜାତା ଭୂୟାଁ ଏବଂ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ ।

ସୁଜାତା ଭୂୟାଁଙ୍କ ନାମ ନେଇ ମହିଳା ସଶକ୍ତୀକରଣର ଉଦାହରଣ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସୁଜାତା ଜଣେ ଗୃହିଣୀ କିନ୍ତୁ ସେ କିଛି ଭିନ୍ନ କାମ କରିବା ସହିତ ପରିବାରର ଉନ୍ନତିରେ ଭାଗିଦାରୀ ହେବାକୁ ଚିନ୍ତା କରିଥିଲେ । ଏଥିପାଇଁ ସେ କିଛି ବର୍ଷ ପୂର୍ବରୁ ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟଚାଷ ଆରମ୍ଭ କରିଥିଲେ । ମାତ୍ର ସୁଜାତାଙ୍କର ଏହି କାର୍ଯ୍ୟ ସହଜ ନଥିଲା । କାରଣ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ସେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ । ଏକା ସାଙ୍ଗରେ ମତ୍ସ୍ୟଚାଷ କରିବା ଏବଂ ପରିବାରର *(ପୃଷ୍ଠା ୭ରେ)*

# ମନ୍ କୀ ବାତ୍ : ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯ ।୩**
**ନ୍ୟୁଜ୍ ବ୍ୟୁରୋ**

ମନ୍ କୀ ବାତରେ ଓଡ଼ିଆ ମତ୍ସ୍ୟ ଉଦ୍ୟୋଗୀ ସୁଜାତା ଭୂୟାଁଙ୍କୁ ପ୍ରଶଂସା କରିଥିବାରୁ ପିଏମ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ସମ୍ବଲପୁରର ସଫଳ ମହିଳା ମତ୍ସ୍ୟ ଉଦ୍ୟୋଗୀ ସୁଜାତା ଭୂୟାଁଙ୍କ ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଏହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଏକ ଗୌରବର ବିଷୟ ।



ଶ୍ରୀମତୀ ଭୂୟାଁ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା'ର ସଦୁପଯୋଗ କରି ହୀରାକୁଦ ଜଳଭଣ୍ଡାରରେ 'କେଜ୍ କଲ୍‌ଚର' ମାଧ୍ୟମରେ ମାଛ ଚାଷ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ବାର୍ଷିକ ପ୍ରାୟ ୨୫ ରୁ ୩୦ ମେଟ୍ରିକ ଟନ୍ ମାଛ ଉତ୍ପାଦନ ସହ ୮ ରୁ ୧୦ ଲକ୍ଷ ଟଙ୍କା ଆୟ କରି ସେ ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ଜଣେ ଗୃହିଣୀରୁ ସ୍ୱାବଲମ୍ବୀ ଉଦ୍ୟୋଗୀ ପାଲଟିଥିବା ସୁଜାତାଙ୍କ ଏହି ପ୍ରେରଣାଦାୟୀ ଯାତ୍ରା ରାଜ୍ୟର ଅନ୍ୟ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ନିଶ୍ଚିତ ଭାବେ ଉତ୍ସାହିତ କରିବ । ତାଙ୍କର ଏହି ନିରନ୍ତର ଉଦ୍ୟମ ଓ ସଫଳତା ପାଇଁ ତାଙ୍କୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୁଜାତାଙ୍କ ଭଳି ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରିବାକୁ ରାଜ୍ୟର ମହିଳାମାନଙ୍କୁ ଆହ୍ୱାନ ଦେଇଛନ୍ତି । ମହିଳା ସଶକ୍ତିକରଣ ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ତାଙ୍କ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି । ଏହି ସବୁ ଯୋଜନାର ସଫଳତା ନିମନ୍ତେ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି ।

# ଆଲୋଚନା ପାଇଁ ରାଜି ହେଲା ଇରାନ : ଆମେରିକା ନିକଟରେ ରଖିଲା ୫ ଦାବି





**ନୂଆଦିଲ୍ଲୀ, ୨୯ ।୩**

ମାସକରେ ପହଞ୍ଚିଲାଣି ମଧ୍ୟପ୍ରାଚ୍ୟ ଯୁଦ୍ଧ । ଏହା ଭିତରେ ଆମେରିକା ସହିତ ଆଲୋଚନା ପାଇଁ ଇରାନ ସର୍ତ୍ତମୂଳକ ସମ୍ମତି ଦେଇଛି । ଏହି ଆଲୋଚନା ପାକିସ୍ତାନ ମାଧ୍ୟମରେ କରାଯିବାକୁ ପ୍ରସ୍ତାବ ଦିଆଯାଇଛି । ଜାରି ଉତ୍ତେଜନା ମଧ୍ୟରେ ଏହି ପଦକ୍ଷେପକୁ ଏକ ପ୍ରମୁଖ କୂଟନୈତିକ ପଦକ୍ଷେପ ବୋଲି କୁହାଯାଉଛି । ରିପୋର୍ଟ ଅନୁଯାୟୀ, ଇରାନ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖିଛି । ଏଥିମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଇରାନ ଉପରେ ଆକ୍ରମଣ ତୁରନ୍ତ ବନ୍ଦ କରାଯାଉ । ଆମେରିକା ଏବଂ ଇସ୍ରାଏଲ ଏହି ଭରସା ଦିଅନ୍ତୁ ଯେ, ଆଗକୁ ଯେପରି କୌଣସି ଆକ୍ରମଣ ହେବ ନାହିଁ । ଏହି ପ୍ରସଙ୍ଗରେ ଏକ ଉଚ୍ଚସ୍ତରୀୟ ବୈଠକ ସୋମବାର ଇସଲାମାବାଦରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ପାକିସ୍ତାନ, ସାଉଦି ଆରବ, ତୁର୍କୀ ଏବଂ ଇଜିପ୍ଟ ଆଲୋଚନାରେ ଅଂଶଗ୍ରହଣ କରିବେ । ଏହି ଦେଶଗୁଡ଼ିକ ମଧ୍ୟରେ ମଧ୍ୟସ୍ଥତା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଇରାନ ପୂର୍ବରୁ ଆମେରିକା ଦ୍ୱାରା ପ୍ରସ୍ତାବିତ ୧୫-ସୂତ୍ରୀ ଚୁକ୍ତିନାମାକୁ ଗ୍ରହଣ କରିବାକୁ ମନା କରିସାରିଛି । ଏବେ ଚାହୁଁଛି ଯେ ଆମେରିକା ଆଲୋଚନା ଟେବୁଲକୁ ଫେରିବା ପୂର୍ବରୁ ତା'ର ପାଞ୍ଚଟି ସର୍ତ୍ତ ଗ୍ରହଣ କରୁ । ଇରାନ ଚାହୁଁଛି ଯେ ଆକ୍ରମଣ ତୁରନ୍ତ ବନ୍ଦ ହେଉ । ଭବିଷ୍ୟତରେ କୌଣସି ଆକ୍ରମଣ ନ କରିବାର ଗ୍ୟାରେଣ୍ଟି ଦାବି କରୁଛି ଇରାନ । ପାକିସ୍ତାନ, ସାଉଦି ଆରବ, ତୁର୍କୀ ଏବଂ ଇଜିପ୍ଟ ସୁନିଶ୍ଚିତ କରିବା ଉଚିତ ଯେ ଆମେରିକା ଇରାନର ଚିନ୍ତାକୁ ଗମ୍ଭୀରତାର ସହ ଶୁଣୁ । ଇରାନର ନୂତନ ଦାବି ହେଉଛି ସେ ହର୍ମୁଜ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚାହେଁ ବୋଲି ଇରାନର ପ୍ରମୁଖ ସର୍ତ୍ତ ରହିଛି ।

## ବାର୍ ଆସୋସିଏସନ୍ ନିର୍ବାଚନରେ ବିଜୟୀ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୨୯ ।୩**
**ନ୍ୟୁଜ୍ ବ୍ୟୁରୋ**

ବାର୍ ଆସୋସିଏସନ୍ ନିର୍ବାଚନ ଗୁଡ଼ିକରେ ବିଜୟଲାଭ କରିଥିବା ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି ।

ଏକ୍ସରେ ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପରିଚାଳିତ ବାର୍ ଆସୋସିଏସନ୍ ନିର୍ବାଚନଗୁଡ଼ିକରେ ବିଜୟଲାଭ କରିଥିବା ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟପାଳିକା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଏବଂ ଆଇନଜୀବୀମାନେ ହେଉଛନ୍ତି ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବାର ପ୍ରମୁଖ ସାରଥି । ମୋର ଦୃଢ଼ ବିଶ୍ୱାସ ଯେ, ଆପଣମାନଙ୍କ ନେତୃତ୍ୱରେ ଆଇନଜୀବୀ ସମାଜର ଉନ୍ନତି ହେବା ସହ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଆପଣମାନେ ନିଷ୍ଠାର *(ପୃଷ୍ଠା ୭ରେ)*

## ଓଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ

**ଭୁବନେଶ୍ୱର, ୨୯ ।୩ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କୁ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ରବିବାର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ କ୍ୟାଡରରେ ଏକ ବଡ଼ ଧରଣର ଅଦଳବଦଳ ଘୋଷଣା କରିଛି । ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଆଠ ଜଣ ଓଏଏସ ଅଧିକାରୀଙ୍କୁ ସେମାନଙ୍କ ବର୍ତ୍ତମାନର ପଦବୀରୁ ବିଭିନ୍ନ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ସେମାନେ ହେଲେ – ହେମସାଗର ଭୋଇ, କୁଚିଣ୍ଡା, ସମ୍ବଲପୁରଙ୍କୁ ବରଗଡ଼ର ପଦମପୁରର ଉପ-ବିଭାଗୀୟ ମାଜିଷ୍ଟ୍ରେଟ ଭାବରେ ବଦଳି କରାଯାଇଛି । ଅଶୋକ କୁମାର ଦାସ, ଡେପୁଟି କମିଶନର, ଭୁବନେଶ୍ୱରଙ୍କୁ ବଣାଇର ସବ କଲେକ୍ଟର ଭାବରେ ବଦଳି କରାଯାଇଛି । ଦୟାସିନ୍ଧୁ ପରିଡା, ସବ କଲେକ୍ଟର, ବାରିପଦା, ମୟୂରଭଞ୍ଜଙ୍କୁ ମୟୂରଭଞ୍ଜର କରଞ୍ଜିଆର ସବ କଲେକ୍ଟର ଭାବରେ ବଦଳି କରାଯାଇଛି । ଯଦୁମଣି ନାୟକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନବରଙ୍ଗପୁରଙ୍କୁ ଜୟପୁରର ସବ କଲେକ୍ଟର ଭାବରେ ବଦଳି କରାଯାଇଛି । ଢେଙ୍କାନାଳ ଜିଲ୍ଲା ପରିଷଦର ଅତିରିକ୍ତ ଏଆଇ ଆଶିଷ ରଞ୍ଜନ ସାହୁଙ୍କୁ ତାଳଚେରର ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । କଳାହାଣ୍ଡିର ଧର୍ମଗଡ଼ର ଅତିରିକ୍ତ ସବ୍ କଲେକ୍ଟର ଅଜୟ ପ୍ରକାଶ ତିର୍କିଙ୍କୁ ରାଇରଙ୍ଗପୁରର ବାମନଘାଟିରେ ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । ତିଗିରିଆର ବିଡିଓ ମନୋସ୍ୱିନୀ ଦାସଙ୍କୁ କଟକ ବାଙ୍କିର ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । ଭୁବନେଶ୍ୱରର ଇଡକୋର ଭୂମି ଅଧିକାରୀ ସ୍ମୃତି ରଞ୍ଜନ ମଲ୍ଲିକଙ୍କୁ ଭଦ୍ରକର ଅତିରିକ୍ତ ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସେମାନଙ୍କର ବର୍ତ୍ତମାନର ପଦବୀରୁ ମୁକ୍ତ *(ପୃଷ୍ଠା ୭ରେ)*

# ବର୍ଷକ ଭିତରେ ୭୭ ମାଓବାଦୀ ଓଡ଼ିଶା ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି



**କଟକ, ୨୯ ।୩ : ନ୍ୟୁଜ୍ ବ୍ୟୁରୋ**

ବର୍ଷକ ଭିତରେ ୭୭ ମାଓବାଦୀ ଓଡ଼ିଶା ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି । ଫୁଲବାଣୀରେ ମାଓ କାର୍ଯ୍ୟକଳାପ ନେଇ ସମୀକ୍ଷା ବୈଠକ କରିବା ପରେ ଏହି ସୂଚନା ଦେଇଛନ୍ତି ଡ଼ିଜିପି । ୨୩ ଜଣ ମାଓବାଦୀ ଏଠୁ ଯାଇ ଛତିଶଗଡ଼ରେ ଆତ୍ମସମର୍ପଣ କରିଛନ୍ତି । ୨୭ ଜଣ ମାଓବାଦୀଙ୍କୁ କମ୍ବିଂ ଅପରେସନ୍ ବେଳେ ନିପାତ କରାଯାଇଛି ବୋଲି ଡ଼ିଜିପି ସୂଚନା ଦେଇଛନ୍ତି । ଏମାନଙ୍କ ଭିତରୁ ୨୦୨୫ ଜାନୁଆରୀ ୨୫ରେ ୧୭ ଜଣ ନିପାତ ହୋଇଥିଲେ । ନୂଆପଡ଼ା-ଗରିଆବନ୍ଧ ସୀମାନ୍ତ ଅପରେସନ୍‌ରେ ୧୭ ଜଣଙ୍କୁ ନିପାତ କରାଯାଇଥିଲା । ଆଉ ଓଡ଼ିଶାରେ ଏବେ ଏମାନଙ୍କ ସଂଖ୍ୟା ସିଙ୍ଗଲ ଡିଜିଟ୍‌କୁ ଖସି ଆସିଛି । ଗୋଟିଏ ଛୋଟ ଗ୍ରୁପ୍ କନ୍ଧମାଳ-ରାୟଗଡ଼ା-କଳାହାଣ୍ଡିରେ କାମ କରୁଛନ୍ତି । ସରେଣ୍ଡର ପାଇଁ ଅପିଲ୍ କରୁଛି, ନଚେତ ସୁରକ୍ଷାକର୍ମୀଙ୍କୁ ସାମ୍ନା କରିବେ ବୋଲି ଚେତାବନୀ ଦେଇଛନ୍ତି ଡିଜିପି । ଫୁଲବାଣୀର ପୋଲିସ ରିଜର୍ଭ ଅଫିସରେ ଡିଜି ଜିଲ୍ଲାର ମାଓ ଗତିବିଧି ଉପରେ ସମୀକ୍ଷା କରିଥିଲେ । *(ପୃଷ୍ଠା ୭ରେ)*



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ମାର୍ଚ୍ଚ, ୨୦୨୬ ସୋମବାର





# ମିଥ୍ୟା ଅପପ୍ରଚାର ବିରୋଧରେ ଏସ୍‌ପିଙ୍କ ଅଫିସ ଘେରାଉ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**




ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ଆକ୍ଷେପ ତଥା ମିଥ୍ୟା ଖବର ପୋଷ୍ଟ କରି ଅପପ୍ରଚାର କରୁଥିବା ଅଭିଯୋଗ ନେଇ ସୋନପୁର ଜିଲ୍ଲା ରାମପୁର ଥାନାରେ ସ୍ଥାନୀୟ ଯୁବ ସମାଜସେବୀ ଉମେଶ ପୂଜାରୀ ଗତ ୧୯ ତାରିଖ ଅଭିଯୋଗ କରିଥିଲେ । ଶ୍ରୀ ପୂଜାରୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ନାମରେ ଗତ କିଛିଦିନ ହେଲା ପ୍ରଦ୍ୟୁମ୍ନ କୁମାର ପାଢ଼ୀ ନାମକ ଜଣେ ଯୁବକ ମିଥ୍ୟା ତଥା ଆପତ୍ତିଜନକ ବ୍ୟକ୍ତିଗତ ଆକ୍ଷେପ ଖବର ସାମଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିବା ନେଇ ଶ୍ରୀ ପୂଜାରୀ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଆଉ ଜଣେ ସ୍ଥାନୀୟ ଯୁବକ ବିକି ମୁଖୀ ମଧ୍ୟ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ କରିଥିଲେ । ସାମାଜିକ ଗଣମାଧ୍ୟମରେ ମିଥ୍ୟା ଅପପ୍ରଚାର କରି ମୋର ସାମାଜିକ ଛବିକୁ କଦର୍ଯ୍ୟ କରିବା ଓ ହୀନ ରାଜନୀତି ପାଇଁ ମୋତେ ଜାଣିଶୁଣି ବଦନାମ କରିବାର ଚକ୍ରାନ୍ତ କରୁଛନ୍ତି ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ସେ ରାମପୁର ହାଇସ୍କୁଲ ଖେଳ ପଡ଼ିଆ ନିକଟରେ ହଠାତ ଶ୍ରୀ ପାଢ଼ୀଙ୍କ ସହ ଦେଖା ହେବା ପରେ ଶ୍ରୀ ପୂଜାରୀ ମିଥ୍ୟା ପୋଷ୍ଟ କାହିଁକି କରୁଛୁ ବୋଲି ପଚାରିବାରୁ ୫୦ ହଜାର ଟଙ୍କା ଦେଲେ ପୋଷ୍ଟ ଡିଲିଟ କରିବି ବୋଲି ଧମକ ଦେବା ସହ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଥିଲା ବେଳେ ପ୍ରଦ୍ୟୁମ୍ନ ପିସ୍ତଲ ଦେଖାଇ ମାରିଦେବାକୁ ଧମକ ଦେଇଥିବା ଶ୍ରୀ ପୂଜାରୀ ଦର୍ଶାଇଛନ୍ତି । ଘଟଣା ପରେ ଶ୍ରୀ ପୂଜାରୀଙ୍କ ସମର୍ଥକ, ସ୍ଥାନୀୟ ସମାଜସେବୀ, ବୁଦ୍ଧିଜୀବୀ, ଆଇନଜୀବୀ, ଯୁବଗୋଷ୍ଠୀ ଥାନାରେ ଏଫଆଇଆର ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ସେମାନେ କହିବା କଥା ଯେ ଶ୍ରୀ ପୂଜାରୀ ଜଣେ ସମାଜସେବୀ ତଥା ସ୍ଥାନୀୟ ଚାଷୀ ମାନଙ୍କ ସୁଖ ଦୁଃଖର ସାଥୀ ଅଟନ୍ତି । ଅଭିଯୋଗ ପାଇବା ପରେ ରାମପୁର ପୋଲିସ ମାମଲା ରୁଜୁ କରିବା ସହ ୨୦ ତାରିଖ ଶୁକ୍ରବାର ଦିନ ପ୍ରଦ୍ୟୁମ୍ନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା । ତେବେ ନବ ନିର୍ମାଣ କୃଷକ ସଙ୍ଗଠନ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇଛି । ଏପରିକି ପ୍ରଦ୍ୟୁମ୍ନ ସେଦିନ ସୋନପୁରରେ ଥିବା ସିସି ଟିଭି ଫୁଟେଜ ଥିବା କୃଷକ ସଂଗଠନ ଦାବୀ କରିଛି । ତେଣୁ ମାମଲାର ନିରପେକ୍ଷ ତଦନ୍ତ ପାଇଁ କୃଷକ ସଙ୍ଗଠନ ଦାବି କରିବା ସହ ସୋମବାର ଏସ୍ ?ପିଙ୍କ ଅଫିସକୁ ଘେରାଉ କରିଥିଲା । ସଙ୍ଗଠନର ରାଜ୍ୟ ଉପ ସଭାନେତ୍ରୀ ସୋନାଲି ବିଶିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। ଏସପି ଶ୍ରୀ ନାରାୟଣ ନାୟକ କହିଛନ୍ତି ଶ୍ରୀ ପାଢ଼ୀ ଙ୍କ ନାମରେ ସମୁଦାୟ ୫ ଗୋଟି କେସ ଥିବା ଜଣାପଡିଛି ଏବଂ ଆଇନରୁ ଉର୍ଦ୍ଧ୍ୱରେ କୌଣସି ବ୍ୟକ୍ତିତ୍ୱ ନୁହନ୍ତି ଆଇନ ତା ବାଟରେ ଯିବ । ସେପଟେ ଶ୍ରୀ ପୂଜାରୀଙ୍କ ସମର୍ଥକ ପୋଲିସ ଉପରେ ସମ୍ପୂର୍ଣ୍ଣ ଭରଷା ଥିବା କହିଛନ୍ତି ।

# ସୁବର୍ଣ୍ଣପୁର ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୟାସ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ, ପିଡି ମୃତ୍ତିକା ସଂରକ୍ଷଣ ବିଭାଗର କିଶୋର ଚନ୍ଦ୍ର ବେହେରା, ବଲାଙ୍ଗୀର ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର, ସୋନପୁର ବ୍ଲକର ଅତିରିକ୍ତ ମତ୍ସ୍ୟ ଅଧିକାରୀ ତ୍ରିଲୋଚନ ସେଠୀ, ଉଲୁଣ୍ଡା ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ, ଶ୍ରବଣ କହଁର, ଅତିରିକ୍ତ ମତ୍ସ୍ୟ ଫାର୍ମର ଅଧିକାରୀ ଚିତ୍ତରଞ୍ଜନ ରାଉତ ଉପସ୍ଥିତ ଥିଲେ। ସୋନପୁର ଓ ଉଲୁଣ୍ଡା ବ୍ଲକରୁ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମତ୍ସ୍ୟ ଚାଷୀଙ୍କୁ ଦୁଇ ଦିନ ଧରି ମତ୍ସ୍ୟ ଚାଷ ଉପରେ ତାଲିମ ଦେବାର କାର୍ଯ୍ୟ କ୍ରମ ଆଜି ଶୁଭାରମ୍ଭ ହୋଇଛି। ପୋଖରୀରେ କିପରି ମାଛ ଚାଷ କରି ରୋଜଗାରକ୍ଷମ ହୋଇପାରିବେ ତା ଉପରେ ତାଲିମ ଦିଆଯାଇଥିଲା। ପୋଖରୀ, ଗାଡ଼ିଆରେ କି ପ୍ରକାର ମାଛଚାଷ କଲେ ଉନ୍ନତ ମାନର ମାଛ ହୋଇପାରିବ ବୋଲି ଅଧିକାରୀ ମାନେ ତାଲିମ ଦେଇଥିଲେ। ସଫଳ ମହିଳା ଚାଷୀମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ତାଲିମ ଶିବିରକୁ ପୂର୍ଣ୍ଣେନ୍ଦୁ ପଣ୍ଡା ସଂଯୋଜନା କରିଥିଲେ। ମତ୍ସ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଜିଲ୍ଲା ପ୍ରତିଷ୍ଠା ଦିବସରେ ଲୋକାର୍ପିତ ହେବ 'ଧଏନ୍ ମାଁ ମାଟି, ଧଏନ୍ ବରଗଡ଼'

**ବରଗଡ଼, ନ୍ୟୁଜ ବ୍ୟୁରୋ**



ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ବରଗଡ଼ ଜିଲ୍ଲାକୁ ନେଇ ରଚିତ 'ପୁଣ୍ୟ ମାଟି ମୋ ବରଗଡ଼' ଗୀତର ଅପୂର୍ବ ସଫଳତା ଓ ଲୋକପ୍ରିୟତା ପରେ ଗୀତିକାର ଡକ୍ଟର ରବିନାରାୟଣ ସାହୁଙ୍କ ରଚିତ ଅନ୍ୟତମ ସଂଗୀତ' ଧଏନ୍ ମାଁ ମାଟି ଧଏନ୍ ବରଗଡ଼, କେଡ଼େ ସୁନ୍ଦର ଆମର ଜିଲ୍ଲା' ଆଗାମୀ ଏପ୍ରିଲ ଏକ ତାରିଖ ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରରେ ଲୋକାର୍ପିତ ହେବାକୁ ସ୍ଥିରୀକୃତ ହୋଇଛି। ସମଗ୍ର ଦେଶକୁ ବରଗଡ଼ ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀଙ୍କ ଅବଦାନ ସହିତ ଦେଶର କଳା, ସାହିତ୍ୟ, ସଂସ୍କୃତିକୁ ସମୃଦ୍ଧ କରିବାରେ ଜିଲ୍ଲାର ଭୂମିକା ଓ ଉନ୍ନତ କୃଷି ଉତ୍ପାଦନର ଗୁରୁତ୍ୱ ସବୁକୁ ସଂଗୀତ ମାଧ୍ୟମରେ ବର୍ଣ୍ଣନା କରାଯାଇଅଛି। ବିଶିଷ୍ଟ ଗାୟକ ତଥା ସଂଗୀତ ନିର୍ଦ୍ଦେଶକ ନବ ମହନ୍ତମଙ୍କ ସଂଗୀତ ନିର୍ଦ୍ଦେଶନାରେ ବରଗଡ଼ଜିଲ୍ଲାର ସୁପରିଚିତ କଣ୍ଠଶିଳ୍ପୀଙ୍କ ମଧ୍ୟରୁ ରୀନା ଦାଶ, ସନ୍ଦୀପ ମହାପାତ୍ର, ନବ ମହନ୍ତମ, ବୁଦ୍ଧଦେବ ବାରିକ, କମଲେଶ ଚକ୍ରବର୍ତ୍ତୀ, ଅନାମିକା ଆଚାର୍ଯ୍ୟ, ଆଶିଷ କୁମାର, କାଳୀଚରଣ ବାଗ, ବିକାଶ ସେନ୍, ତୈ।ଫିକ ଖାନ୍, ଅଙ୍କିତ ରାଜ, ଦୁଷ୍ମନ୍ତ ସୁନା, ସୌଭାଗ୍ୟଲକ୍ଷ୍ମୀ ଦାଶ, ମିଲିମା ନାଗ, ଅଂଶିକା ସିକନ୍ଦର, ନତାଶା ସିକନ୍ଦର, ବର୍ଷା ମହନ୍ତମ, ତପସ୍ୱିନୀ ଦାଶ, ମାନି ଚକ୍ରବର୍ତ୍ତୀ, ସ୍ୱାଗତିକା ତ୍ରିପାଠୀ, ଅଲିଶା ମିଶ୍ର, ସଂଗୀତା ମହନ୍ତମ, ରଶ୍ମିରେଖା ଦାଶ ପ୍ରମୁଖ ୨୩ଜଣ କଣ୍ଠଶିଳ୍ପୀ ଏଥିରେ କଣ୍ଠଦାନ କରିଛନ୍ତି। ଓମ୍ ପ୍ରଡକ୍ସନ, ବରଗଡ଼ ଦ୍ୱାରା ନିବେଦିତ ଉକ୍ତ ସଂଗୀତଟି 'ସପ୍ତକ ଝଙ୍କାର' ଷ୍ଟୁଡ଼ିଓରେ ରେକର୍ଡିଂ ଓ ମାନଭଞ୍ଜନ ନାୟକଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନ ତଥା ଗାନ୍ଧୀ ପାର୍କ ଠାରେ ଏହାର ମୁଖ୍ୟ ଭିଡିଓ ସୁଟିଂ ସମାପ୍ତ ହୋଇ ଯାଇଛି। ଗୀତଟି ଲୋକପ୍ରିୟ ହେବ ବୋଲି ପ୍ରଯୋଜକ ବୁଦ୍ଧଦେବ ବାରିକ ଆଶାବ୍ୟକ୍ତ କରିଛନ୍ତି ।

# ପରିବହନ ଅଧିକାରୀ ଓ ଏମଭିଆଇଙ୍କ ରକ୍ତଦାନ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଯାଜପୁର ରୋଡ ଟ୍ରକ ମାଲିକ ସଂଘ ଓ୍ ଆଞ୍ଚଳିକ ପରିବହନ ଯାଜପୁରର ମିଳିତ ସହଯୋଗରେ ଚୋରଦା ବାଇପାସରେ ଥିବା ସଂଘ କାର୍ଯ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଟ୍ରକ ମାଲିକ ସଂଘର ସଭାପତି ଅମୀୟ ରଞ୍ଜନ ବାରିକ ଓ ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ମଲିକଙ୍କ ନେତୃତ୍ୟରେ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ଯାଜପୁର ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ଯୋଗ ଦେଇଥିବା ବେଳେ ଯାଜପୁର ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ଓ ଏମଭିଆଇ ପ୍ରଦୀପ କୁମାର ବେହେରା ସ୍ୱେଚ୍ଛାକୃତ ଭାବେ ନିଜେ ରକ୍ତ ଦାନ କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ସଂଘ ତରଫରୁ ଡ୍ରାଇଭର ଭାଇମାନଙ୍କ ସମେତ ପରିବହନ ବିଭାଗର କର୍ମଚାରୀ ମାନେ ରକ୍ତ ଦାନ କରିଥିଲେ। ରକ୍ତ ଦାନ ହେଉଛି ମହତ ଦାନ ଏବଂ ରକ୍ତ ଦାତା ହେଉଛନ୍ତି ଜୀବନ ଦାତା, ଦୁର୍ଘଟଣାରେ ରାଜ ରାସ୍ତାରେ ଚାଲିଯାଉଥିବା ନିରୀହ ଜୀବନ ଗୁଡିକୁ ବଞ୍ଚାଇବା ପାଇଁ ଏଭଳି ଏକ ପ୍ରୟାସକୁ ଆପଣେଇଥିବା ଏମଭିଆଇ ପ୍ରଦୀପ ବେହେରା କହିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରକ ମାଲିକ ସଂଘର ସମସ୍ତ ସଭ୍ୟ ଓ୍ ଡ୍ରାଇଭର ଭାଇ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ରକ୍ତ ଦାନ ଶିବିରରେ ପାଖପାଖି ୩୭ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା ବୋଲି ଆରଟିଓ ସୂଚନା ଦେଇଥିଲେ। ଉପଦେଷ୍ଟା ହୃଦାନନ୍ଦ ସାମଲ, ବିଜୟ କୁମାର ମହାନ୍ତି, ରାଜକିଶୋର ପ୍ରଧାନ, ଅଶୋକ କୁମାର ନାୟକ, ଅଶୋକ କୁମାର ଦାସ, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ବିବେକାନନ୍ଦ ମହାନ୍ତି, ମନୋଜ କୁମାର ରଣା, ଉପ- ସଭାପତି କିଶୋର କୁମାର ରାଉତ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ,ସହ ସମ୍ପାଦକ ସମୀର କୁମାର ପରିଡ଼ା, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ଘଡାଇ ଯାଜପୁର ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ନର୍ସିଙ୍ଗ ଅଫିସର ସୀତାଂଶୁ କାମର ସ୍ୱାଇଁ, ଲ୍ୟାବ ଟେକନିସିଆନ ଇତିଶ୍ରୀ ନାୟକ, ଅଜୟ କୁମାର ଜେନା, ଆଟେନାଷ୍ଟ ନବୀନ ସେଠି ଓ ଅକ୍ଷୟ କୁମାର ମହାନ୍ତି ଶିବିରକୁ ପରିଚାଳନା କରିଥିଲେ ।

# ମଝିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ସହରର ମଝିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ-୨୦୨୬ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଂଯୁକ୍ତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସୋନପୁର ପୌର ପରିଷଦର ପୁର୍ବତନ ନଗରପାଳ ତଥା କାଉନସିଲର ଶ୍ରୀ କଇରୁ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ବୁଦ୍ଧଦେବ ସା, ସି.ଆର୍.ସି.ସି., ଗଡ଼ଭିତର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀମତୀ ମିନାକ୍ଷୀ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ପଧାନ ସଭାମଞ୍ଚ ପରିଚାଳନା କରିଥିଲେ । ଚଳିତ ବର୍ଷ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ, ଗଣିତ ମେଳା, ମାତୃଭାଷା ଦିବସ ସମେତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ସଭା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନାଚ, ଗୀତ ପରିବେଷଣ କରାଯାଇଥିଲା । ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ମମତା ଶତପଥ, ଶ୍ରୀମତୀ ଗୀତାଞ୍ଜଳୀ ତାଣ୍ଡି ଏବଂ ଶ୍ରୀମତୀ ଅଞ୍ଜଳୀ ମାହାଣା ସହଯୋଗ କରି ଉତ୍ସବକୁ ସଫଳ କରିଥିଲେ ।




# ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ସଂଘ ପକ୍ଷରୁ କଟକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**କଟକ, ନ୍ୟୁଜ ବ୍ୟୁରୋ**



ସର୍ବଭାରତୀୟ ପେନ୍‌ସନ୍ ଫେଡ଼୍‌ରେସନ୍‌ର ଆହ୍ୱାନ କ୍ରମେ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ସଂଘ ତରଫରୁ ତା ୨୫.୦୩.୨୦୨୬ରିଖ ପୂର୍ବାହ୍ନ ଘ ୧୧.୩୦ମି. ସମୟରେ ୨୦୨୫ ଭାଲିଡ଼େସନ୍ ଆଇନ୍ ପ୍ରତ୍ୟାହାର ଦାବୀରେ ବହୁ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଏକତ୍ରିତ ହୋଇ ଏହାର ପ୍ରତିବାଦ ସ୍ୱରୂପ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର କଟକ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ଉଲ୍ଲେଖ ଯୋଗ୍ୟ ଏହିକି ସପ୍ତମ ବେତନ କମିଶନ ଲାଗୁ ହେବାବେଳେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଯେଉଁ ସୁବିଧା ସୁଯୋଗ ପ୍ରଦାନ କରାଯାଇଥିଲା, ଲାଗୁ ହେବାକୁ ଥିବା ଅଷ୍ଟମ ବେତନ କମିଶନରେ ତାହାର ଉଲଂଘନ କରାଯାଇ ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀଙ୍କୁ ଏଥିରୁ ବଂଚିତ କରାଯିବାର ପ୍ରୟାସ ସମ୍ପର୍କରେ କେନ୍ଦ୍ର ପାର୍ଲାମେଣ୍ଟରେ ତା ୨୫.୦୩.୨୦୨୫ରିଖରେ ଏକ ବିଲ୍ ପାରିତ ହୋଇଅଛିପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପେନ୍‌ସନ୍ ଭୋଗୀମାନେ ଗଣ ଆବେଦନ ଜରିଆରେ ଉକ୍ତ ଭ୍ୟାଲିଡ଼େସନ୍ ଆକ୍ଟ ପ୍ରତ୍ୟାହାର ପାଇଁ ବାରମ୍ବାର ଅନୁରୋଧ କରି ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାଁ। ତେଣୁ ଆଜି ସାରାଦେଶ ଓ ଆମ ରାଜ୍ୟର ବିଭିନ୍ନ ପ୍ରା'ରେ ଏହାର ପ୍ରତିବାଦରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କଟକ ଜିଲ୍ଲାପାଳଙ୍କ ଅଫିସ୍‌ରେ ଏହାର ପ୍ରତିବାଦ ଜଣାଇ ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନାଙ୍କ ସହିତ ଲକ୍ଷ୍ମୀଧର ସାହୁ, କାର୍ତ୍ତିକ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ ଏବଂ ଫକୀର ଚରଣ ଶତପଥବ ପ୍ରମୁଖ ଉପସ୍ଥିତ ରହି ଦାବୀପତ୍ର ପ୍ରଦାନ କରିଥିଲେ ।

# ସଡ଼କ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୫୩ ୟୁନିଟ ରକ୍ତ ସଂଗ୍ରହ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାସଡକ ପରିବହନ କାର୍ଯ୍ୟାଳୟରେ ସଡକ ସୁରକ୍ଷାସ ଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ ଜିଲ୍ଲା ସଡକସୁରକ୍ଷା ଅଧିକାରୀ (ଆର୍‌ଟିଓ) ଲୋକନାଥ ମେହେର୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍.ଭି.ଆଇକାଜଲ୍ ପ୍ରଧାନ, ଅତିରିକ୍ତ ଏମ୍.ଭି.ଆଇଶ୍ରୀକା 'ଟୁଡୁ, ଟି.ଆଇ ରାଜ ନାରାୟଣ ସ୍ୱାଇଁ ପ୍ରମୁଖଉପସ୍ଥିତ ଥିଲେ। ରକ୍ତଦାନ ଶିବିରରେ ଭାରିଜାନ ଚାଳକବସ୍, ଟ୍ରକ୍ ପ୍ରଭୃତି ଚାଳକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥି ସହିତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟନେଇ ଆସିଥିବାବ୍ୟକ୍ତି ନିଜ ଇଚ୍ଛାରେ ରକ୍ତଦାନ କରିଥିଲେ। ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ବିଭାଗ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ମୋଟ୍ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ପରିବହନ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ସଂଜୟ କୁମାର ନାୟକ ପରିଚାଳନା କରିଥିଲେ।

# ବୁଣାକାରଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ସୋହେଲା ବ୍ଲକ ଅନ୍ତର୍ଗତ ଗୋଠ, ଛୁରିଆପାଲି ଓ ସାଧୁପାଲି ଏବଂ ବିଜେପୁର ବ୍ଲକ ରଙ୍ଗମାଟିଆ ଓ ବିଜେପୁର ସ୍ଥିତ ହସ୍ତତନ୍ତ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା (ପିଏମ-ଏଜେଓ୍ୱାଇ)ର ହାଇବ୍ରିଡ୍ ପ୍ରକଳ୍ପ ଅଧୀନରେ ବରଗଡ଼ ଜିଲ୍ଲାର ଅନୁସୂଚିତ ଜାତି (ଏସ୍‌ସି) ବୁଣକମାନଙ୍କ ପାଇଁ ଡୋବି ଓ ଜାଳା ବୁଣା କୌଶଳର ବିକାଶ ନିମନ୍ତେ ୬୦ ଦିବସୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ହସ୍ତତନ୍ତୁ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରର ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ବୁଣକମାନଙ୍କୁ ସଂଗଠିତ କରିବା ଏବଂ ବର୍ତ୍ତମାନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ କୌଶଳ ଗୁଡିକୁ ଶିଖାଇବା ସହ ଡୋବି ଓ ଜାଳା ପରି ଆଧୁନିକ ବୁଣା ପ୍ରଯୁକ୍ତିରେ ତାଙ୍କର ଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପାରମ୍ପରିକ ବୁଣା କୌଶଳକୁ ସୁଦୃଢ଼ କରି ଆଧୁନିକ ଡିଜାଇନ ଓ ଉତ୍ପାଦନ ପ୍ରଣାଳୀକୁ ଏକତ୍ର କରି ଉତ୍ପାଦନ କ୍ଷମତା ଓ ଆୟ ବୃଦ୍ଧି କରିବା । ସୂଚନା ଯୋଗ୍ୟକି, ଏହି ଦକ୍ଷତା ବିକାଶ ତାଲିମ ଶିବିରରେ ଆଗାମୀ ୬ ମାସ ମଧ୍ୟରେ ଜିଲ୍ଲାର ସର୍ବମୋଟ ୩୦୦ ଜଣ ଅନୁସୂଚିତ ଜାତି ବୁଣାକାରଙ୍କୁ ୩ଟି ପର୍ଯ୍ୟାୟରେ ଦକ୍ଷ ସାଧନ କର୍ମୀଙ୍କ ଦ୍ୱାରା ତାଲିମ ଦିଆଯିବ । ତାଲିମ ସମୟରେ ପ୍ରଶିକ୍ଷଣ କାଳୀନ ପ୍ରତି ଶିକ୍ଷାର୍ଥୀ ତଥା ବୁଣାକାରଙ୍କୁ ଦୈନିକ ୨୦୦ ଟଙ୍କା ହିସାବରେ ଜଣଙ୍କୁ ୬୦୦୦ ଟଙ୍କା ଭତ୍ତା ପ୍ରଦାନ କରିବା ସହ ଟ୍ରେନିଂରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଶିକ୍ଷାର୍ଥୀଙ୍କୁ ନିଜ ଉଦ୍ୟୋଗର ବିକାଶ ନିମନ୍ତେ ୫୦ ପ୍ରତିଶତ ସବସିଡ଼ିରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଲୋନ ଯୋଗାଇ ଦିଆଯିବ । ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଦେବଜିତ ନନ୍ଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏଫଡିସି ମେମ୍ବର ରାଜକୁମାର ମହାନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଡିଓ ସୋହେଲା ଏବଂ ଜିଲ୍ଲା ଶ୍ରମ ଅଧିକାରିଣୀଙ୍କ ସମେତ ହସ୍ତତନ୍ତୁ, ବୟନ ଓ ହସ୍ତଶିଳ୍ପ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରି ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ହି ସୁଯୋଗର ସର୍ବୋତ୍ତମ ବ୍ୟବହାର କରିବାକୁ ଉତ୍ସାହିତ କରିବା ସହ ଏହି ପଦକ୍ଷେପ ବରଗଡ଼ ଜିଲ୍ଲାର ଅନୁସୂଚିତ ଜାତିର ବୁଣକମାନଙ୍କ ସାମାଜିକ-ଆର୍ଥିକ ଉନ୍ନତି ଓ ଅଞ୍ଚଳର ସମୃଦ୍ଧ ହସ୍ତତନ୍ତୁ ପାରମ୍ପରିକତାର ପ୍ରଚାର-ପ୍ରସାରରେ ଏକ ମାର୍କପ୍ରଦ ପଦକ୍ଷେପ ଭାବେ ପରିଗଣିତ ହେବ ବୋଲି ନିଜର ମତପ୍ରକାଶ କରିଥିଲେ ।



# ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡା ପଞ୍ଚାୟତର ଧକେଇ ନେଉଳି ଗ୍ରାମର ଗାଗୁନି ସେଠୀ ଏବେ ଜଣେ ଦିବ୍ୟାଙ୍ଗ ଅଟନ୍ତି। ବାପା ମା, ସ୍ତ୍ରୀ ଓ ଦୁଇଟି ପିଲାଙ୍କୁ ନେଇ ତାଙ୍କର ସୁଖୀ ପରିବାର ଥିଲା । ସମୟ ଚକ୍ରରେ ଦୀର୍ଘ ୧୨ ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ଗାଗୁନିଙ୍କ ଜୀବନରେ ଦୁଃଖ ଓ କଷ୍ଟର ପାହାଡ଼ ମାଡି ଆସିଥିଲା । ମୃତ୍ୟୁ ମୁଖରୁ ସିନା ସେ ବଞ୍ଚିଗଲେ ହେଲେ ଆଜୀବନ ଦିବ୍ୟାଙ୍ଗ ହୋଇଗଲେ। କିଛି ଦିନ ତଳେ ଖବର ପାଇବା ପରେ ଗାଗୁନିଙ୍କ ବାଟ ଚଲାପଥ ପାଇଁ ଏକ ହୁଇଲ ଚେୟାର ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯଇଛି । ଜଣେ ଦିବ୍ୟାଙ୍ଗ ଚାଲି ନ ପାରି ପରିବାରର ସହଯୋଗରେ ଏହି ଚେୟାରରେ ବସି ଆଉ କିଛି ଜୀବନ ଖୁସୀରେ ଅତିବାହିତ କରିବ ବୋଲି ଟ୍ରଷ୍ଟର ଲକ୍ଷ୍ୟ ରହିଛି । ଆଜିର କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ପରାମର୍ଶଦାତା ନିମାଇଁ ଚରଣ କର, ଟ୍ରଷ୍ଟର ମୁଖପାତ୍ର ପ୍ରମୋଦ ନାୟକ, ଦିଲ୍ଲିପ କୁମାର ନାଥ, ଶଶିକାନ୍ତ ନାଥ, ରମାକାନ୍ତ ଦାସ ଓ ନିହାର ରଞ୍ଜନ ସାହୁ ଉପସ୍ଥିତ ଥିଲେ।

# ଢେଙ୍କାନାଳରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ

**ଢେଙ୍କାନାଳ,ନ୍ୟୁଜ ବ୍ୟୁରୋ**




ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଭୁବନେଶ୍ୱର, ଖୋର୍ଦ୍ଧା, ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ପିଏମ୍ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳରେ ବାର୍ଷିକ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ କାର୍ଯ୍ୟକ୍ରମ -୨୦୨୬ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହରେ ଦିବା ୨ ଘଟିକା ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ଆବାହକତ୍ୱରେ, ବ୍ରହ୍ମୋତ୍ରୀ ବିଶ୍ୱାଳ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଢେଙ୍କାନାଳଙ୍କ ମାର୍ଗଦର୍ଶନରେ, ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ପିଏମ୍ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳରେ ଏକ ଦିବସୀୟ ବାର୍ଷିକ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ କାର୍ଯ୍ୟକ୍ରମ -୨୦୨୬ ଉଦ୍‌ଘାଟିତ ହୋଇ ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଘାଟନୀ ଓ ଉଦ୍ ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଢେଙ୍କାନାଳ ଜିଲ୍ଲା ଶିକ୍ଷାଅଧିକାରୀ ପରେଶ ଚନ୍ଦ୍ର ପାତ୍ର,ବ୍ରହ୍ମୋତ୍ରୀ ବିଶ୍ୱାଳ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଢେଙ୍କାନାଳ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ବକ୍ତବ୍ୟରେ ଏହି ଅଭିନବ କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ସୃଷ୍ଟି କରିବାପାଇଁ ସମର୍ଥ ହେବ ବୋଲି ଦୃଢ଼ ଆଶାପୋଷଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକ ଓ ୟୁନେସ୍କୋର ଆଜୀବନ ସଦସ୍ୟ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ, ପି.ଏମ୍. ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ବରିଷ୍ଠ ସ୍ତମ୍ଭକାର ତଥା ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରି ସ୍ୱୀୟ ଅଭିଭାଷଣରେ ଆନ୍ତର୍ଜାତୀୟ ଅଲମ୍ପିକ୍ କମିଟି ପକ୍ଷରୁ ସାରା ପୃଥିବୀର ବିଭିନ୍ନ ଦେଶ ବିଦେଶ ସହିତ ଆମ ଦେଶ ଭାରତ ବର୍ଷରେ ଏହି ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ସମସ୍ତ ଛାତ୍ରୀ, ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମାଧ୍ୟମରେ କ୍ରୀଡ଼ା, ଶ୍ରେଣୀ ଗୃହର ବିଭିନ୍ନ ବିଷୟ ଶିକ୍ଷା ଓ ବିଭିନ୍ନ ସହଶୈକ୍ଷିକ କାର୍ଯ୍ୟକ୍ରମ ତଥା କାର୍ଯ୍ୟକଳାପଗୁଡ଼ିକ ମାଧ୍ୟମରେ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ଆଦି ମହନୀୟ ମାନବୀୟ ଗୁଣଗୁଡ଼ିକୁ ବିକଶିତ କରିବା ପାଇଁ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ସଙ୍ଗେ ସଙ୍ଗେ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ହୋଇ ପାରିବ ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅଭିନଭ ବିନ୍ଦ୍ରା ଫାଉଣ୍ଡେସନ ଟ୍ରଷ୍ଟର ରାଜ୍ୟ କାର୍ଯ୍ୟାଳୟର ପ୍ରକଳ୍ପ ସଂଚାଳକ ଅଭିଜିତ ମହାନ୍ତି ଓ ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନ କରି ବାର୍ଷିକ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ କାର୍ଯ୍ୟକ୍ରମ - ୨୦୨୬ର ଲକ୍ଷ୍ୟ,ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କର ସହଯୋଗ,ଚେଷ୍ଟା ଓ ନିଷ୍ଠା ରହିଲେ ଏହି କାର୍ଯ୍ୟକ୍ରମ ନିଶ୍ଚୟ ସଫଳତା ଲାଭ କରିବ ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିବା ସହିତ ବିଭିନ୍ନ ଆନୁଷଙ୍ଗିକ ଶ୍ରେଣୀଗୃହ ଓ କ୍ରୀଡ଼ାଙ୍ଗନରେ ଶିକ୍ଷଣ କାର୍ଯ୍ୟକଳାପ ମାଧ୍ୟମରେ ଉପସ୍ଥିତ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ପାୱାର ପଏଣ୍ଟ ଉପସ୍ଥାପନ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ପରିଶେଷରେ ତାଲିମ୍ ପ୍ରାପ୍ତ ୧ ଜଣ ଶିକ୍ଷୟିତ୍ରୀ ଓ ୧ ଜଣ ଶିକ୍ଷକ ପ୍ରଶିକ୍ଷଣ ଓ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ସ୍ୱୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ସଭା ପ୍ରାରମ୍ଭରେ ଅତିଥି ବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସମସ୍ତ ଅତିଥି ଓ ଶୁଭେଚ୍ଛୁମାନଙ୍କ ଦ୍ୱାରା ପୁଷ୍ପ, ଧୂପ, ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯକ୍ରମରେ ଢେଙ୍କାନାଳ ସଦର ବ୍ଲକ୍ ଓ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ନୋଡାଲ ସ୍କୁଲରୁ ଶାରୀରିକ ଶିକ୍ଷୟିତ୍ରୀ, ଶିକ୍ଷକ, ଆଂଶିକ ସମୟ ପାଇଁ ନିଯୁକ୍ତ ଶାରୀରିକ ପ୍ରଶିକ୍ଷଣ ପ୍ରଦାନକାରୀ କ୍ରୀଡ଼ା ପ୍ରଶିକ୍ଷକ ଅନ୍ୟାନ୍ୟ ବିଭିନ୍ନ ବିଷୟ ପଢ଼ାଉଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଏହିପରି ମୋଟ ୫୬ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଓ ସଫଳ ଅଂଶ ଗ୍ରହଣ କରିଥିଲେ। ଏହି ବିଦ୍ୟାଳୟରେ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ ସ୍ୱାଗତଭାଷଣ, ଅତିଥି ପରିଚୟ ପ୍ରଦାନ ଓ ସଫଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବିଦ୍ୟାଳୟ ତଥା ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟାଳୟ ସହାୟକ ପ୍ରଶାନ୍ତ ସାହୁ ତଥା ଅନ୍ୟ ସମସ୍ତ ସହଯୋଗୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ବୃନ୍ଦ କାର୍ଯ୍ୟକ୍ରମର ସଫଳତାରେ ନିଜର ସହଯୋଗ ପ୍ରଦାନ କରିଥିଲେ।ପରିଶେଷରେ ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏପ୍ରିଲ ୨୭ରୁ ନୃସିଂହ ନାଥଙ୍କ ବୈଶାଖ ମେଳା

**ବରଗଡ଼, ନ୍ୟୁଜ ବ୍ୟୁରୋ**



ପାଇକମାଳ ଅଞ୍ଚଳର ପ୍ରସିଦ୍ଧ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରେ ଆସନ୍ତା ବୈଶାଖ ମେଳା ପାଳନକୁ ନଜରରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତିମୂଳକ ବୈଠକ ଆଜି ମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଆସନ୍ତା ବୈଶାଖ ମେଳା ଏପ୍ରିଲ ୨୭ ତାରିଖରୁ ଆରମ୍ଭ ହୋଇ ମଇ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏ.ବି.ଡି.ଓ. ପାଇକମାଳ (କମ୍ ଇନ୍ଟରିମ ଟ୍ରଷ୍ଟି) ଦେବାଶିଷ ସିହ୍ନାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ବରଗଡ଼ ସାଂସଦ ପ୍ରତିନିଧି ପ୍ରିତେଶ ବହିଦାର, ପଦ୍ମପୁର ବିଧାୟକ ପ୍ରତିନିଧି ଗୌତମ ସିଂହ ଏବଂ ପୂର୍ବ ବିଧାୟକ ସତ୍ୟଭୂଷଣ ସାହୁ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଗତ ବର୍ଷର ଅନୁଭବକୁ ଆଧାର କରି ଏବର୍ଷ ଆୟୋଜନକୁ ଆହୁରି ସୁଦୃଢ଼ କରିବା ଉପରେ ଭାରି ଗୁରୁତ୍ୱ ଦିଆଯାଇଥିଲା। ଭକ୍ତମାନଙ୍କ ବୃଦ୍ଧିଶୀଳ ଭିଡ଼କୁ ଦୃଷ୍ଟିରେ ରଖି ଆଇନ-ଶୃଙ୍ଖଳା, ପାନୀୟ ଜଳ, ବିଦ୍ୟୁତ୍ ? ସୁବିଧା, ଯାତାୟାତ ବ୍ୟବସ୍ଥାପନ, ଆପତ୍କାଳୀନ ଚିକିତ୍ସା ସେବା ଓ ପରିଷ୍କାରତା ଉପରେ ବିଶେଷ ଯୋଜନା ତିଆରି କରାଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ବୈଠକରେ ସମ୍ପୃକ୍ତ ସମସ୍ତ ବିଭାଗକୁ ନିଜ ନିଜ ଦାୟିତ୍ୱ ସମୟରେ ସଠିକ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଶାଖ ମେଳା ସମୟରେ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ପ୍ରସ୍ତୁତି ନେବା ପାଇଁ ସମସ୍ତ ବିଭାଗ ସଚେତନ ରହିବାକୁ ମଧ୍ୟ ଉଲ୍ଲେଖ କରାଯାଇଥିଲା। ଏହି ବୈଠକରେ ମନ୍ଦିରର ବିଭିନ୍ନ ସଦସ୍ୟ, କର୍ମକର୍ତ୍ତାମାନେ ଓ ସ୍ଥାନୀୟ ଲୋକମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ମନ୍ଦିର ପକ୍ଷରୁ ସମସ୍ତ ଭକ୍ତମାନଙ୍କୁ ମେଳା ସମୟରେ ଶୃଙ୍ଖଳା ପାଳନ କରିବା ସହ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।



## ସିଏମସିର ପ୍ରଥମ ପୁସ୍ତକ ମେଳା

# ସାହିତ୍ୟ ସବୁବେଳେ ସମାଜକୁ ପ୍ରେରଣା ଦେଉଛି : ମେୟର

**କଟକ, ନ୍ୟୁଜ ବ୍ୟୁରୋ**



ମହାନଦୀ କୂଳରେ କଟକ ମହାନଗର ନିଗମ ପକ୍ଷରୁ ବାଲିଯାତ୍ରା ପଡିଆରେ ଚାଲିଛି ପ୍ରଥମ ଜିଲ୍ଲା ସ୍ତରୀୟ ପୁସ୍ତକ ମେଳା। ସାହିତ୍ୟ ସରୋବରର ଆଜି ଥିଲା ଅଷ୍ଟମ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ମହାନଗର ନିଗମର ମାନ୍ୟବର ମେୟର ସୁବାସ ସିଂହ, ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ଏବଂ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ପ୍ରଫେସର ଡ ବାବାଜୀ ଚରଣ ପଟ୍ଟନାୟକ, ଗୀତି କବି ସମାଜର ସଭାପତି ତଥା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଲେଖକ ଗୌର ପଟ୍ଟନାୟକ ଅନ୍ୟତମ ଅତିଥିଭାବେ ସାମିଲ ହୋଇଥିଲେ। ସାହିତ୍ୟ ସବୁବେଳେ ଆମ ସମାଜକୁ ପ୍ରେରଣା ଦେଇଛି। କଟକ ସାହିତ୍ୟ ସରୋବର ଆଜି ଆମ ଯୁବ ପିଢୀଙ୍କୁ ପ୍ରେରଣା ଦେବା ସହ ନୂଆ ନୂଆ ପ୍ରତିଭା ସୃଷ୍ଟି କରିବାରେ ସହାୟକ ହେବ ବୋଲି ମାନ୍ୟବର ମେୟର ସୁବାସ ସିଂହ ମତବ୍ୟକ୍ତ କରିଥିଲେ। କଟକ ଆମର ସାଂସ୍କୃତିକ ରାଜଧାନୀ ହୋଇଥିବାରୁ ଜ୍ଞାନକୋଷ ଏହି ସହରର ବିଭିନ୍ନ ପ୍ରାନ୍ତରେ ରହିଛି। ସାହିତ୍ୟ, ସଂସ୍କୃତି, ସିନେମା, କ୍ରୀଡ଼ା,ନୌବାଣିଜ୍ୟ ଏପରିକି ଶିକ୍ଷା କ୍ଷେତ୍ରରେ କଟକ ଅନେକ ଉଦାହରଣ ସୃଷ୍ଟି କରିଥିବା ପ୍ରଫେସର ପଟ୍ଟନାୟକ ଉଲ୍ଲେଖ କରିଥିଲେ। ମହାନଗର ନିଗମ ପୁସ୍ତକମେଳା ଆୟୋଜନ କରିବା ସମାଜ ପ୍ରତି ଏକ ସୁବାର୍ତ୍ତା ବୋଲି ଅଭିହିତ କରିଥିଲେ ଗୌର ପଟ୍ଟନାୟକ। ଶେଷରେ ସିଏମସିର ଲୋକ ସମ୍ପର୍କ ଅଧିକାରୀ ଅବିନାଶ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜି ଅପରାହ୍ନ ଅଧିବେଶନରେ ଓଡ଼ିଶା ଗୀତି କବି ସମାଜ ପକ୍ଷରୁ ୩୦ ରୁ ଅଧିକ ଗୀତି କବି' ଗୀତି କବିତା ଆସରରେ ସାମିଲ ହୋଇଥିଲେ। ଜିଲ୍ଲା ସ୍ତରୀୟ ପୁସ୍ତକମେଳା ଆସନ୍ତା ୨୯ ତାରିଖ ରବିବାର ପର୍ଯ୍ୟନ୍ତ ଚାଲିବ। ପୁସ୍ତକମେଳାରୁ ୯୯୯ ଟଙ୍କାରେ ବହି କିଣିଲେ ଗୋଟିଏ ଔଷଧୀୟ ବୃକ୍ଷ୍ୟ ଉପହାର ସ୍ୱରୂପ ସିଏମସି ପାଖରୁ ଷ୍ଟଲ ନମ୍ବର ୪୦ରେ ପ୍ରଦାନ କରାଯାଉଛି।

# ଜିଲ୍ଲା ପ୍ରଶାସନର ଚଢଉ : ଅବୈଧ ଏଲପିଜି ସିଲିଣ୍ଡର ଜବତ

**ବାରିପଦା, ନ୍ୟୁଜ ବ୍ୟୁରୋ**



ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ଅବୈଧ ଭାବରେ ଏଲପିଜି ସିଲିଣ୍ଡର ମହଜୁଦ୍ ଓ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ଅଭିଯୋଗକୁ ଆଧାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆକସ୍ମିକ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ମୁର୍ଗାବାଡ଼ି ଓ ତକତପୁର ଅଞ୍ଚଳରେ କରାଯାଇଥିବାବେଳେ ଏଥିରେ ମୋଟ ୧୧ଟି ଘରୋଇ ଏଲପିଜି ସିଲିଣ୍ଡର ଜବତ ହୋଇଛି। ସୂଚନା ଅନୁଯାୟୀ, କିଛି ବ୍ୟକ୍ତି ଘରୋଇ ଗ୍ୟାସ ସିଲିଣ୍ଡରକୁ ଅନଧିକୃତ ଭାବରେ ସଂଗ୍ରହ କରି ତାହାକୁ ବ୍ୟବସାୟିକ କାମରେ ବ୍ୟବହାର କରୁଥିବା ନେଇ ପ୍ରଶାସନଙ୍କୁ ଗୋପନ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନାକୁ ଗୁରୁତ୍ୱ ଦେଇ ତହସିଲଦାର କମ୍ ଏକ୍ଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ବାରିପଦା, ସପନ କୁମାର ସାହୁଙ୍କ ନେତୃତ୍ୱରେ ଏକ ସଂଯୁକ୍ତ ଟିମ୍ ଗଠନ କରାଯାଇ ତୁରନ୍ତ ଚଢ଼ାଉ କରାଯାଇଥିଲା। ଏହି ଅଭିଯାନରେ ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ ଶିବାଶିଷ ଜେନା, ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ(ବାରିପଦା ପୌରପାଳିକା) ପ୍ରଭାସ ରଞ୍ଜନ ଶତପଥୀ, ବାରିପଦା ପୌରପାଳିକାର ଯୋଗାଣ ନିରୀକ୍ଷକ ସ୍ୱେତଲିନା ପରିଡ଼ା, ବାରିପଦା ବ୍ଲକ ଯୋଗାଣ ନିରୀକ୍ଷକ ଭାଗ୍ୟଶ୍ରୀ ପତି, ବେତନଟୀ ବ୍ଲକ ଯୋଗାଣ ନିରୀକ୍ଷକ ଅଶୋକ ବେହେରା , କୁଳିଅଣା ବ୍ଲକ ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, ଶୁଳିଆପଦା ବ୍ଲକ ଯୋଗାଣ ନିରୀକ୍ଷକ ଅନମୋଲ ସାହୁ ପ୍ରମୁଖ ସକ୍ରିୟ ଭାବେ ଭାଗ ନେଇଥିଲେ। ଟିମ୍ ଦ୍ୱାରା ବିଭିନ୍ନ ଘର ଓ ସନ୍ଦେହଜନକ ସ୍ଥାନରେ ତଲାଶି କରାଯାଇ ଏହି ସିଲିଣ୍ଡରଗୁଡ଼ିକ ଜବତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଜବତ ହୋଇଥିବା ସିଲିଣ୍ଡରଗୁଡ଼ିକ ଘରୋଇ ବ୍ୟବହାର ପାଇଁ ଆବଣ୍ଟିତ ଥିଲେ, ହେଁ ସେଗୁଡ଼ିକ ଅନଧିକୃତ ଭାବରେ ସଂଗ୍ରହ କରି ବ୍ୟବସାୟିକ କାର୍ଯ୍ୟରେ ଲାଗୁଥିବା ଜଣାପଡୁଛି। ଏହିପରି କାର୍ଯ୍ୟକଳାପ ସରକାରୀ ନିୟମ ଉଲ୍ଲଂଘନ ସହ ଖାଉଟି ସୁରକ୍ଷା କୁ ମଧ୍ୟ ପ୍ରଭାବିତ କରୁଛି । ଏହି ଘଟଣା ସମ୍ପର୍କରେ ଆହୁରି ତଦନ୍ତ ଜାରି ରହିଛି ଏବଂ ଯେଉଁମାନେ ଏଥିରେ ସଂପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଆଇନୁସାରେ କଡ଼ା କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ସୂଚନା ଦେଇଛି। ଆବଶ୍ୟକ ହେଲେ ଏହି ଅଭିଯାନକୁ ଆଉରି ବ୍ୟାପକ ଭାବେ କରାଯିବ ବୋଲି ମଧ୍ୟ କୁହାଯାଇଛି। ଜିଲ୍ଲା ପ୍ରଶାସନ ସମସ୍ତ ଗ୍ରାହକ ଓ ବ୍ୟବସାୟୀମାନଙ୍କୁ ସଚେତନ କରି କହିଛି ଯେ, ଘରୋଇ ଏଲପିଜି ସିଲିଣ୍ଡରକୁ କୌଣସି ପରିସ୍ଥିତିରେ ବ୍ୟବସାୟିକ କାମରେ ବ୍ୟବହାର କରିବା ଆଇନସମ୍ମତ ନୁହେଁ । ଏପରି କାର୍ଯ୍ୟ କରି ଧରାପଡ଼ିଲେ ଜରିମାନା ସହ ଆଇନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ପ୍ରଶାସନ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି ଯେ, ଯଦି କୌଣସି ସ୍ଥାନରେ ଏପରି ଅବୈଧ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ କିମ୍ବା ଦୁରୁପଯୋଗ ହେଉଥିବା ଦେଖିବେ, ତେବେ ତୁରନ୍ତ ପ୍ରଶାସନକୁ ସୂଚିତ କରନ୍ତୁ, ଯାହା ଫଳରେ ସମୟୋଚିତ ପଦକ୍ଷେପ ନିଆଯାଇପାରିବ। ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ଏପରି ଅବୈଧ କାର୍ଯ୍ୟକଳାପକୁ ଦମନ କରିବାରେ ସଂକଳ୍ପବଦ୍ଧ ଓ ଆଗାମୀ ଦିନରେ ଏହିପରି ଚଢ଼ାଉ ଅବ୍ୟାହତ ରହିବ ବୋଲି ତହସିଲଦାର ବାରିପଦା ଶ୍ରୀ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ରାଜ୍ୟରେ ୧୫୫ଟି ଅନୁବନ୍ଧିତ ବାର୍ ଆସୋସିଏସନରେ ନିର୍ବାଚନ ସଂପନ୍ନ

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅନୁଷ୍ଠିତ ହେଇଛି ବାର ନିର୍ବାଚନ । ସମୁଦାୟ ୧୫୫ଟି ଅନୁବନ୍ଧିତ ବାର ଆସୋସିଏସନରେ ଏହି ନିର୍ବାଚନ ଅନୁଷ୍ଠିତ ହେଇଛି । ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଛି । ଏଥିପାଇଁ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରସ୍ତୁତ ଓ ପ୍ରକାଶିତ ଚୁଡାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯାଇ ସମସ୍ତ ବାର ଆସୋସିଏସନ୍ ଗୁଡ଼ିକୁ ପଠାଇ ଦିଆଯାଇଥିଲା । ନିର୍ବାଚନୀ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି କରି ତୁରନ୍ତ ତାହାର ଏକ କପି ଓଡିଶା ରାଜ୍ୟ ଆଇନଜୀବୀ ପରିଷଦରେ ପେଠ କରିବାକୁ ନିର୍ଦ୍ଦେଶ ରହିଛି । ସକାଳୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ଏଯାବତ ମତଦାନ ସୁରୁଖୁରୁରେ ଚାଲିଥିଲା। ନିର୍ବାଚନ ପାଇଁ ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଛି । ମତଦାନରେ କୌଣସି ଅସୁବିଧା ଉପୁଜୁନଥିବା କହିଛନ୍ତି ଆଇନଜୀବୀ । ସେହିପରି ୨୦୧୯ ମସିହାରୁ ୱାନ ବାର ୱାନ ଭୋଟ ଆଧାରରେ ରାଜ୍ୟର ସମସ୍ତ ଅନୁବନ୍ଧିତ ବାର ଆସୋସିଏସନରେ ନିର୍ବାଚନ ହେଇଛି । ଏହି ପ୍ରରିପ୍ରେକ୍ଷୀରେ କଟକ ହାଇକୋର୍ଟ ବାରରେ ମଧ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିଲା । ମୋଟ ୨୬ ଜଣ ପାର୍ଥି ବିଭିନ୍ନ ପଦବୀ ନେଇ ନିର୍ବାଚନ ଲଢୁଛନ୍ତି । ଏଯାବତ ଶାନ୍ତି ଶୃଙ୍ଖଳା ମଧ୍ୟରେ ବାର ନିର୍ବାଚନ ଜାରି ରହିଛି । ଅପରାହ୍ନରେ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହେବ କହିଛନ୍ତି ହାଇକୋର୍ଟ ନିର୍ବାଚନ ଅଧିକାରୀ ସରୋଜ ଦାସ । ସେହିପରି ଭିନ୍ନ ଭିନ୍ନ କାରଣରୁ ସୁନ୍ଦରଗଡ଼, ନବରଙ୍ଗପୁର ଓ ଜଟଣୀ ଲୟର୍ସ ଆସୋସିଏନରେ ନିର୍ବାଚନ ସ୍ଥଗିତ ରଖାଯାଇଛି ବୋଲି କହିଛନ୍ତି ଓଡିଶା ଷ୍ଟେଟ ବାର କାଉନ୍ସିଲ ପର୍ଯ୍ୟବେକ୍ଷକ ଦିନେଶ ରାୟ । ହାଇକୋର୍ଟ ବାର ନିର୍ବାଚନ ଅଧିକାରୀ ସରୋଜ ଦାସ କହିଛନ୍ତି, ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଚାଲିଛି । ପାଖାପାଖି ୫ ହଜାର ଜଣ ଭୋଟ ଦେବେ । ୪ଟା ପରେ ଭୋଟ ଗଣତି ଆରମ୍ଭ ହେଇଛି । ରାତି ୯ ରୁ ୧୦ ସୁଦ୍ଧା ଫଳାଫଳ ପ୍ରକାଶ କରାଯିବ ।



# ଦୋକାନ ଭିତରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଓଟିମ ବଜାରରେ ଥିବା ଏକ ମାଂସ ଦୋକାନ ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଚୌଦ୍ୱାର ପୋଲିସ ଶନିବାର ସକାଳେ ଉଦ୍ଧାର କରିଛି । ମୃତକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୨ନଂ ୱାର୍ଡ ବର୍ଗୀ ସାହିର ରାମ ସିଂ । ରାମ ସିଂ ମାଂସ ଦୋକାନରେ ଲାଗିଥିବା ପାଇପରେ ରଶିରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଓ ଥାନାକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି । ପରିବାର ଲୋକଙ୍କ ସୂଚନା ଅନୁଯାୟୀ ପେଷାରେ ଜଣେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ରାମ ସିଂ ଶୁକ୍ରବାର ରାତି ୧୦ଟା ସମୟରେ ଘରୁ ଖାଇସାରି ଘରୁ ବାହାରି ଆସିବା ପରେ ଆଉ ଘରକୁ ଫେରି ନଥିଲେ । ସେ ଅତି ଶାନ୍ତ ସ୍ୱଭାବର ଯୁବକ ଓ ତାଙ୍କର କାହାରି ସହିତ ସେଭଳି କୌଣସି ମନମାଳିନ୍ୟ ନଥିବା ପରିବାର ସୂତ୍ରରୁ ପ୍ରକାଶ ।ହେଲେ ସେ କାହିଁକି ଏପରି ପଦକ୍ଷେପ ନେଲେ ଏବଂ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି। ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି ।

# ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ବହୁ ପ୍ରତିକ୍ଷିତ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସକାଶେ ସରକାରୀ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସହଜ କରିବା ପାଇଁ ଜଳେଶ୍ୱର ତହସିଲର ୨୬ଟି ମୌଜାରେ ପରବର୍ତ୍ତୀ ଆଦେଶନାମା ଯାଏଁ କୌଣସି ମ୍ୟୁଟେସନ କିମ୍ବା ଘରବାଡ଼ି ରୂପାନ୍ତରଣ (କନଭରସନ) କରାଯାଇ ପାରିବନି ବୋଲି ଗତ ୨୩ ତାରିଖରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ନିର୍ଦ୍ଦେଶନାମା ଜାରି କରିଛନ୍ତି । ମ୍ୟୁଟେସନ ଓ ଘରବାଡ଼ି ରୂପାନ୍ତରଣ ବନ୍ଦ କରାଯାଇଥିବା ଗାଁଗୁଡ଼ିକ ହେଉଛି ଆକବରପୁର, ବାରକଣା, ବର୍ଡ଼ନା, ବାସୁଲିଆ, ଚକରଘୁ, ଚକମଣି, ଦିବାକପୁର, ଡେମୁରିଆ,ଗୋପୀ ମୋହନପୁର, କନ୍ଦଳିଆ, ଖରିଦା, ନାମ୍ପୋ, ନନ୍ଦିକା, ନିମପୁର, ପାଖରା, ରାୟାରାମଚନ୍ଦ୍ରପୁର, ଶାଳିକୋଠା, ସରିସା, ସରସିଦା, ଶେଖବାଡ଼ି, ଶାସନବାଡ, ପଥରପୁରା, ଜମାଲପୁର, ଦେଉଳି ପଞ୍ଚୁଘଣ୍ଟା ଓ ବାଗପୁଞ୍ଜି ଏହି ସବୁ ମୌଜା ରେ ସରକାରୀ ରେ ବନ୍ଦ ପାଇଁ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ ଏହି ରେଳପଥ ନିର୍ମାଣ ପାଇଁ ପ୍ରାଥମିକ ସର୍ଭେରେ ମୋଟ ୨୩ଟି ଗାଁ ଦେଇ ରେଳପଥ ଯିବ ବୋଲି କୁହାଯାଉଥିଲା। କିନ୍ତୁ ଚୁଡ଼ାନ୍ତ ସର୍ଭେ ତାଲିକାରେ ମୋଟ ୨୬ଟି ଗାଁ ଦେଇ ରେଳପଥ ଯିବ ବୋଲି ଆପାତତଃ ଜଣାପଡ଼ିଛି । ଜଳେଶ୍ୱର ସହରର ସେକବାଡ଼ରୁ ଏହି ରେଳପଥ ଆରମ୍ଭ ହୋଇ ଡେମୁରିଆ ନିକଟରେ ଏହା ଭୋଗରାଇ ତହସିଲ ଇଲାକାକୁ ପ୍ରବେଶ କରିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି ।

# ସମୁଦ୍ରରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

## କୋପଣ୍ଡ ଗାଁରେ ଶୋକରଛାୟା

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଗତକାଲି ଶୁକ୍ରବାର ରାମ ନବମୀରେ କୋପଣ୍ଡ ଗ୍ରାମରୁ କିଛି ଯୁବକ ପୁରୀ ବୁଲିବାକୁ ଯାଇଥିଲେ। ତାଙ୍କ ମଧ୍ୟରୁ ଶୁଭେନ୍ଦୁ ପ୍ରଧାନ(୧୮) ନାମକ ଜଣେ ଯୁବକ ମଧ ନିଜ ସାଙ୍ଗ ମାନଙ୍କ ସହିତ ପୁରୀ ଜଗନ୍ନାଥଙ୍କ ଦର୍ଶନରେ ଯାଇଥିଲେ। ତେବେ ଜଗା ଦର୍ଶନ ପୂର୍ବରୁ ସାଙ୍ଗ ମାନେ ସମୁଦ୍ରରେ ଲହଡ଼ି ଭାଙ୍ଗିବା ସମୟରେ ଶୁଭେନ୍ଦୁ ଭାସି ଯାଇଥିଲେ । ତେବେ ଆଜି ସଖାଳୁ ଶୁଭେନ୍ଦୁଙ୍କ ମୃତ ଦେହ ସମୁଦ୍ରରୁ ମିଳିଥିଲା । ସେପଟେ ମୃତ ଦେହ ମିଳିବା ପରେ ସ୍ଥାନୀୟ ପୋଲିସ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ କରିଥିଲା । ଘଟଣାର ତଦନ୍ତ ପରେ ଶୁଭେନ୍ଦୁଙ୍କ ମୃତ ଦେହ ବ୍ୟାସନଗର ପୌର ପରିଷଦ ସ୍ଥିତ କୋପଣ୍ଡ ଗାଁରେ ପହଞ୍ଚିଛି । ଏହି ଖବର ପାଇ କୋରେଇ ବିଧାୟକ ଆକାଶ ଦାସନାୟକ କୋପଣ୍ଡ ଗାଁରେ ପହଞ୍ଚି ଶୁଭେନ୍ଦୁଙ୍କ ଶେଷ ଦର୍ଶନ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି । ମୃତ ଯୁବକର ବାପାଙ୍କ ନାମ ଜିତେନ୍ଦ୍ର ପ୍ରଧାନ ବୋଲି ଯଣା ପଡିଛି । ଆଜି ଶନିବାର ସନ୍ଧ୍ୟା ୫:୧୫ ମିନିଟ୍ ସମୟରେ ମୃତ ଶରୀର ପହଞ୍ଚି ଥିଲା। ନିଜ ଜନ୍ମସ୍ଥାନ କୋପଣ୍ଡ ଗାଁରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା ।

# ହାତୀ ପଲଙ୍କ ଦୌରାତ୍ମ୍ୟ : ଆତଙ୍କିତ ଚାଷୀ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ବୌଦ୍ଧ ବନଖଣ୍ଡ ଅଧୀନ ବଡ଼ିଗାଁ ପଂଚାୟତ ଅନ୍ତର୍ଗତ ବଲାଶିଙ୍ଗା ଜଙ୍ଗଲି ଅଞ୍ଚଳରେ ବର୍ତ୍ତମାନ ୧୪ ଟିକିଆ ହାତୀ ପଲ ଅବସ୍ଥାନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାତୀ ପଲ ଯୋଗୁଁ ଚାଷୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ପଲ ମଧ୍ୟରେ ଏକ ଛୁଆ ହାତୀ ରହିଥିବାରୁ ଏମାନେ ଜଗି ରହି ସ୍ଥାନ ପରିବର୍ତ୍ତନ କରୁଛନ୍ତି। ତେବେ ୨୧ ଦିନ ତଳେ ଏହି ହାତୀ ପଲ ମର୍ଯ୍ୟାଦପୁର, ଗୋବିନ୍ଦପୁର ଦେଇ ଚଣ୍ଡିଗଡରେ ପହଞ୍ଚିବା ବେଳେ ବହୁ ଚାଷୀଙ୍କ ଏକର ଏକର ଧାନ ଚାଷ, ତରଭୁଜ, ପନି ପରିବା ମାଡ଼ି ଦଳି ନଷ୍ଟ କରିଥିବା ସହ ମହାନଦୀ ପାର ହୋଇ ଆଠମଲ୍ଲିକ ବନାଞ୍ଚଳକୁ ପଳାଇଥିଲେ। ହାତୀ ପଲର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଦିନରାତି କଡା ନଜର ବ୍ୟବସ୍ଥା କରାଯାଇଛି। ସୂଚନା ଅନୁଯାୟୀ, ୨୬ ଦିନ ପୂର୍ବେ ଆଠମଲ୍ଲିକବନଖଣ୍ଡ ଅଞ୍ଚଳରୁ ମହାନଦୀ ଡେଇଁ ୧୩ ଟିକିଆ ହାତୀ ପଲ ବଲାସିଙ୍ଗା ଅଞ୍ଚଳକୁ ପ୍ରବେଶ କରିଥିଲେ। କିଛି ଚାଷୀଙ୍କ ଫସଲ ନଷ୍ଟ ହେବା ପରେ ବନ ବିଭାଗ ସେମାନଙ୍କୁ ମହାନଦୀର ଅପରପାର୍ଶ୍ୱକୁ ଘଉଡ଼ାଇ ଦେଇଥିଲା। କିନ୍ତୁ ହାତୀ ଛୁଆ ଥିବାରୁ ଏଁ ଜଳ ସ୍ତର କମି ଯିବାରୁ ଏହି ୧୪ ଟିକିଆ ହାତୀ ପଲ ପୁନର୍ବାର ମହାନଦୀ ଡେଇଁ ବଲାସିଙ୍ଗା ପ୍ଲାଣ୍ଟେସନ ଅଞ୍ଚଳକୁ ଫେରିଛନ୍ତି। ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତଙ୍କ ନିର୍ଦ୍ଦେଶ କ୍ରମେ ହାତୀ ପଲ ଚାଷୀଙ୍କ ଚାଷ ଓ ପନିପରିବା କିପରି କିପରି ଅଧିକ ନଷ୍ଟ ନ ହେବ ସେଥିପାଇଁ କଡା ନଜର ରଖିବାକୁ ବନ ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସୁରକ୍ଷିତ ଭାବେ ହାତୀ ପଲ କୁ ମହାନଦୀ ଅପର ପାର୍ଶ୍ୱକୁ ଘଉଡ଼ାଇବାକୁ ବନ ବିଭାଗ ଚେଷ୍ଟା କରୁଛି ବୋଲି ସୂଚନା ଦେଇଛନ୍ତି। ବର୍ତ୍ତମାନ ବନ କର୍ମଚାରୀମାନେ ଶିବିର କରି ହାତୀ ପଲ ଉପରେ କଡା ନଜର ରଖିଛନ୍ତି। ଡ୍ରୋନ କ୍ୟାମେରା ମାଧ୍ୟମରେ ହାତୀଙ୍କ ଗତିବିଧି ଉପରେ ବନ ବିଭାଗ କଡା ନଜର ରଖିଛି।

# ଶିମିଳିପାଳରୁ ଶିକାରୀ ଗିରଫ

## ଦେଶୀ ବନ୍ଧୁକ ଓ ବିସ୍ଫୋରକ ଜବତ

**ବାରିପଦା, ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟର ଦକ୍ଷିଣ ବନଖଣ୍ଡରୁ ଶିକାରୀ ଗିରଫ ସହ ଦେଶୀ ବନ୍ଧୁକ ଓ ବିସ୍ଫୋରକ ଜବତ ହୋଇଛି। ଜଙ୍ଗଲ ମଧ୍ୟକୁ ପ୍ରବେଶ ଶନିବାର ରାତିରେ ବନ୍ୟଜନ୍ତୁ ଶିକାରୀ ନିମନ୍ତେ ପ୍ରଚେଷ୍ଟା କରିବା ବେଳେ ଧରାପଡ଼ିଛି। ଏଆଇ କ୍ୟାମେରା ସହାୟତାରେ ବନ କର୍ମଚାରୀ ମାନଙ୍କୁ ଖବର ମିଳିଥିଲା। ଯାହାକୁ ନେଇ ପୋଡ଼ାଡ଼ିହା ବନ ରେଞ୍ଜ କର୍ମଚାରୀ ମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତ ଫେରାର ହେବାକୁ ଚେଷ୍ଟା କରିବା ବେଳେ ତାକୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ କପ୍ତିପଦା ଥାନା ଅନ୍ତର୍ଗତ ଜାମଡିହା ଗ୍ରାମର ଦଶରଥ ସିଂ (୫୦)। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ବିସ୍ଫୋରକ ଓ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଛି। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।



# 'ଡାଲଖାଇ'କୁ ଶାସ୍ତ୍ରୀୟ ନୃତ୍ୟ ମାନ୍ୟତା ପ୍ରଦାନ ପାଇଁ ସାଂସଦଙ୍କ ଦାବି

**ବରଗଡ, ନ୍ୟୁଜ ବ୍ୟୁରୋ**



ସାଂସଦ ପ୍ରଦୀପ ପୁରୋହିତ ପାର୍ଲାମେଣ୍ଟରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ 'ଡାଲଖାଇ' ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ସେ ପାର୍ଲିଆମେଣ୍ଟରେ ବୋଡ଼ାସମ୍ବର ପଦ୍ମପୁରରେ ଏକ ଜାତୀୟ ଡାଲଖାଇ ଏକାଡେମୀ ସ୍ଥାପନ କରିବା ପାଇଁ ଦାବି କରିଛନ୍ତି। ଏହା ଦ୍ୱାରା ଏହି ଲୋକକଳାର ସଠିକ୍ ଗବେଷଣା ଓ ପ୍ରଶିକ୍ଷଣ ହୋଇପାରିବ ବୋଲି ସେ କହିଛନ୍ତି। ଡାଲଖାଇ ନୃତ୍ୟର ସମୃଦ୍ଧ ସଂସ୍କୃତି ଓ ଇତିହାସକୁ ଦୃଷ୍ଟିରେ ରଖି ଏହାକୁ ଶାସ୍ତ୍ରୀୟ ନୃତ୍ୟ ମାନ୍ୟତା ଦେବା ପାଇଁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପଶ୍ଚିମ ଓଡ଼ିଶାର କଳାକାରମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବା ଏବଂ ସେମାନଙ୍କ ଆର୍ଥିକ ସହାୟତା ପାଇଁ ସେ ସଂସଦରେ ପ୍ରସ୍ତାବ ରଖିଛନ୍ତି। ନିକଟରେ ସେ ନିଜେ ବୋଡ଼ାସମ୍ବର ଡାଲଖାଇ ମହୋତ୍ସବରେ ନାଚିଥିବା ଭିଡିଓ ସୋସିଆଲ ମିଡିଆରେ ବହୁତ ଚର୍ଚ୍ଚିତ ହୋଇଥିଲା, ଯାହା ଏହି ଦାବିକୁ ଆହୁରି ମଜବୁତ କରିଛି।

# ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ମା' ବାସନ୍ତୀ ଦୁର୍ଗାପୂଜା

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକର ତୁଳସୀପୁର, ଭଗବାନପୁର ଏବଂ ମଙ୍ଗରାଜପୁର ଗ୍ରାମର ପୂଜାମଣ୍ଡପରେ ମା ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ପଂଚାୟତ ତୁଳସୀପୁର ପଡିଆ ପୂଜା ମଣ୍ଡପରେ ତୁଳସୀପୁର ଗ୍ରାମବାସୀଙ୍କ ସହଯୋଗରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଥିଲା। ବେରୁହାଁ ପଞ୍ଚାୟତ ଭଗବାନପୁର ଗ୍ରାମରେ ଅନୁଷ୍ଠିତ ମା ବାସନ୍ତୀ ଦୁର୍ଗାପୂଜା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଦର୍ଶନ କରିଥିଲେ। ପୂଜା କମିଟି ସଦସ୍ୟ ରଶ୍ମିରଂଜନ ନାୟକ, ତପନ ନାୟକ, ବିକାଶ ଚନ୍ଦ୍ର ନାୟକ, ଶରତ ନାୟକ ପ୍ରମୁଖ ପୂଜା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସେହିପରି ମଙ୍ଗରାଜପୁର ପଞ୍ଚାୟତ ନଛିପଡ଼ା ଗ୍ରାମରେ ମା' ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା ଅତିଥି ଭାବେ ଯୋଗଦେଇ ପୂଜା ମଣ୍ଡପରେ ଦର୍ଶନ କରିଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୦।୦୩।୨୦୨୬, ଚୈତ୍ର ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୪୫।୨୧** **ଚନ୍ଦ୍ରୋଦୟ- ଦିଘ ୩।୪୬।୪୧**

**ଦ୍ୱାଦଶୀ-** ପ୍ରାଘ ୭।୧୧ ପର୍ଯ୍ୟନ୍ତ । ମଘା ନକ୍ଷତ୍ର ଦିଘ ୨।୫୧ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁର ଡାଲି ପ୍ରାଘ ୭।୧୧ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୭ ଗତେ ଦିଘ ୭।୧୯ ମଧ୍ୟେ । ଦିଘ ୧୦।୩୮ ଗତେ ଦିଘ ୧।୦୭ ମଧ୍ୟେ। **ପର୍ବୋତ୍ସବ-** ଅନଙ୍ଗ ତ୍ରୟୋଦଶୀ ।



**ମେଷ:** କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଏଣୁ ତେଣୁ ମନ ଭିତରେ ନାନା ଦୁଶ୍ଚିନ୍ତା ଆସିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶାନ୍ତି ଲାଭ । ଦୂରଯାତ୍ରା ମଧ କରିପାରନ୍ତି । ଶୁଭ ଖବର ପ୍ରାପ୍ତି ।



**ବୃଷ:** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ଆବଶ୍ୟକତା ଠାରୁ ଆୟ ବୃଦ୍ଧି । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ପଡିବ । ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ଉତ୍ସାହ ବଢିବ । ତା ସହିତ ସଫଳତା ହାସଲ ହେବ । କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଯାନବାହାନ ଚାଳନାରେ ସଫଳତା ଅବଲମ୍ବନୀୟ । ଆୟ ଓ ବ୍ୟୟ ସମାନ ରହିବ ।



**କର୍କଟ:** ଅତ୍ୟଧିକ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ । ହଠାତ୍ ଏକ ଶୁଭ ଖବର ପ୍ରାପ୍ତ ହେବ । ବନ୍ଧୁ ମିଳନ ହେବ। ଦୂରଯାତ୍ରା ମଧ କରିପାରନ୍ତି । ଆୟ ଅପେକ୍ଷା ବ୍ୟୟ ବଢିବାର ଆଶଙ୍କା । ସାମାନ୍ୟ ପାରିବାରିକ ଚିନ୍ତା ଲାଗି ରହିବ



**ସିଂହ:** ସୁସ୍ଥତା ଅନୁଭବ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଆଳସ୍ୟତା ବୃଦ୍ଧି ହେବ । କୁଟୁମ୍ବେ ସୁଖ ପ୍ରାପ୍ତି । ଅଧିକ ବିଶ୍ରାମ କରିବେ । ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ମଧ୍ୟରେ ଗତି କରିବେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ।



**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । କର୍ମକ୍ଷେତ୍ରରେ ସାଧାରଣ ଅସ୍ଥିରତା ସୃଷ୍ଟି । ଗୃହରେ ସମସ୍ୟା ଦେଖାଦେଇପାରେ । ତେଣୁ ଚିନ୍ତାଗ୍ରସ୍ତ ରହିବେ । ରୋଜଗାରରେ ଉନ୍ନତି ହେବାର ସୂଚନା ।



**ତୁଳା:** ମନରେ ସରସତା ରହିବ । ଆୟର ପରିମାଣ ବୃଦ୍ଧି ପାଇବ । ସହକର୍ମୀ ସହଚର୍ଯ୍ୟ ଲାଭ । ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି ଦୂରଯାତ୍ରା କରିପାରନ୍ତି । ପାରିବାରିକ ଆନନ୍ଦ ଲାଭ । ଆୟ ଓ ବ୍ୟୟ ସମାନ ରହିବ ।



**ବିଛା:** ପରିବାରରେ ପର ପାଇଁ ହଇରାଣରେ ପଡିବେ । ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ଘଟିପାରେ । ପ୍ରାୟତଃ ସୂକ୍ଷ୍ମ କାର୍ଯ୍ୟ କରିବାର ଆଗ୍ରହ ପ୍ରକାଶ କରିପାରନ୍ତି । ଉଚ୍ଚ ସମ୍ମାନ ପ୍ରାପ୍ତ ହେବ । ଆୟ ଉତ୍ତମ ହେବ ।



**ଧନୁ:** ଚେଷ୍ଟା କରିଥିବା କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଅଶାନ୍ତିର ଆଶଙ୍କା । ବନ୍ଧୁଙ୍କ ସାହାଜ୍ୟ ସହଯୋଗ ପ୍ରାପ୍ତ ହେବ ନାହିଁ ।



**ମକର:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଶୁଭ ଖବର ପାଇ ଆନନ୍ଦିତ ହେବେ । ରୋଜଗାର ଭଲ ହେବ । ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଗୃହେ ସୁଖୀ ହେବେ । ମହିଳାମାନେ ଆନନ୍ଦମନା ହେବେ ।



**କୁମ୍ଭ:** ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବୋ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦୁରକୁ ଯାତ୍ରା କରିପାରନ୍ତି । ଆୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ,ଶାନ୍ତି ଅକ୍ଷୁର୍ଣ୍ଣ ରହବ ।



**ମୀନ:** ନିଜର ଲୋକ ଶତ୍ରୁତା ଆଚରଣ କରିବେ । ଅତ୍ୟଧିକ ପରିଶ୍ରମ ଯୋଗୁଁ କ୍ଲାନ୍ତି ଅନୁଭବ କରିବେ । କର୍ମକ୍ଷେତ୍ରରେ ବିଚଳିତ ରହିବେ । ରୋଜଗାରରେ ବାଧା ଆସିପାରେ । ସ୍ୱାଧୀନତା ରହିବ ନାହିଁ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୧।୦୩।୨୦୨୬, ଚୈତ୍ରଦି୧୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୪୩।୩୫** **ଚନ୍ଦ୍ରୋଦୟ-ଦିଘ୪।୩୭।୧୧**

**ତ୍ରୟୋଦଶୀ-** ପ୍ରାଘ୬।୫୮ପର୍ଯ୍ୟନ୍ତ । ପୂର୍ବାଫାଲଗୁନୀନକ୍ଷତ୍ର ଦିଘ୩।୨୩ପର୍ଯ୍ୟନ୍ତ **ସିଂହଚନ୍ଦ୍ର-ରାଘ୯।୩୫ପର୍ଯ୍ୟନ୍ତ । ଚନ୍ଦ୍ରଶୁଦ୍ଧି-**ମେଷ,ମିଥୁନ,ତୁଳା,ବିଛା,ଧନୁ,କୁମ୍ଭଓ ମୀନ ରାଶିର ରାଘ୯।୩୫ଗତେ ମେଷ,କର୍କଟ,ସିଂହ,କନ୍ୟା,ବିଛା,ଧନୁ,ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-**କର୍କଟ ଓ ମକର ରାଶିର ରାଘ୯।୩୫ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-**ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ୬।୫୮ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଦିଘ ୧୦।୩୯ ମଧ୍ୟେ ଦିଘ୧।୦୭ଗତେ ଦିଘ୧।୨୩ ମଧ୍ୟେ । ପର୍ବୋତ୍ସବ-ଶିବ ଚତୁର୍ଦ୍ଦଶୀ ଓଷା,ଚୈତ୍ର ମଙ୍ଗଳବାର ଓଷା

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବଢୁଛି ଡଲାର ଖସୁଛି ଟଙ୍କା

ଡଲାର ତୁଳନାରେ ଦ୍ରୁତ ଗତିରେ ହ୍ରାସ ପାଉଛି ଟଙ୍କା। ଏହା ଏବେ ୯୪ ସ୍ତରରେ ପହଞ୍ଚିଛି। ଶୁକ୍ରବାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପରିଲକ୍ଷିତ ହୋଇଥିଲା। ପଶ୍ଚିମ ଏସୀୟ ସଂଘର୍ଷରେ କୌଣସି ସଫଳତା ନମିଳିବା, ତୈଳର ଉଚ୍ଚ ମୂଲ୍ୟ ଏବଂ ଡଲାରର ସୁଦୃଢ଼ ହେବା ଦ୍ୱାରା ଚାପଗ୍ରସ୍ତ ହୋଇ ଇନଟ୍ରା-ଡେ ଟ୍ରେଡ୍ ସମୟରେ ଟଙ୍କା ୭୪ ପଇସା ହ୍ରାସ ପାଇ ଆମେରିକୀୟ ଡଲାର ତୁଳନାରେ ୯୪.୯୪ ର ନୂତନ ତଥା ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ବିଦେଶୀ ମୁଦ୍ରା ବ୍ୟବସାୟୀଙ୍କ ଅନୁଯାୟୀ, ଘରୋଇ ଇକ୍ୱିଟି ବଜାରରେ ତୀବ୍ର ହ୍ରାସ ଏବଂ ଏଫଆଇଆଇ (ବିଦେଶୀ ସଂସ୍ଥାଗତ ନିବେଶକ)ଙ୍କ ଦ୍ୱାରା ନିରନ୍ତର ବିକ୍ରୟ ଯୋଗୁଁ ସ୍ଥାନୀୟ ମୁଦ୍ରା ଅଧିକ ଚାପରେ ପଡ଼ିଥିଲା। ଇଣ୍ଟରବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ, ଟଙ୍କା ୯୪.୧୮ ରେ ଖୋଲିଥିଲା ଏବଂ ଲଗାତାର ହ୍ରାସ ପାଇବା ଜାରି ରଖିଥିଲା। ଇଣ୍ଟ୍ରା ଡେ ଟ୍ରେଡ୍ ସମୟରେ, ଏହା ୯୪.୫୦ ସ୍ତର ଅତିକ୍ରମ କରି ଆମେରିକୀୟ ଡଲାର ତୁଳନାରେ ୯୪.୭୦ ଛୁଇଁଥିଲା - ଯାହା ଏହାର ପୂର୍ବ ବନ୍ଦ ମୂଲ୍ୟଠାରୁ ୭୪ ପଇସା ହ୍ରାସ ପାଇଥିଲା। ବୁଧବାର, ଟଙ୍କା ୨୦ ପଇସା ହ୍ରାସ ପାଇ ଆମେରିକୀୟ ଡଲାର ତୁଳନାରେ ୯୩.୯୬ର ରେକର୍ଡ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଥିଲା। ରାମ ନବମୀ ଅବସରରେ, ଗୁରୁବାର ଇକ୍ୱିଟି, ବିଦେଶୀ ମୁଦ୍ରା, ସାମଗ୍ରୀ ଏବଂ ସୁନା ବଜାର ବନ୍ଦ ରହିଥିଲା। ଫିନରେକ୍ସ ଟ୍ରେଜେରୀ ଆଡଭାଇଜର୍ସ ଏଲଏଲପିର ଟ୍ରେଜେରୀ ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ବଂଶାଳି କହିଛନ୍ତି ଯେ ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ନିରନ୍ତର କ୍ରୟ ଯୋଗୁଁ ଟଙ୍କା ୯୪.୫୦ ସ୍ତର ଅତିକ୍ରମ କରିଛି। ଏହି ସମୟରେ, ରପ୍ତାନିକାରୀମାନେ ସେମାନଙ୍କର ପୁଞ୍ଜି ପ୍ରବାହକୁ ରୋକି ରଖୁଛନ୍ତି, ଯେତେବେଳେ ଆମଦାନୀକାରୀମାନେ ସେମାନଙ୍କର ଦେୟ ସମାଧାନ ପାଇଁ ଡଲାର କିଣୁଛନ୍ତି। ଫଳସ୍ୱରୂପ, ଟଙ୍କା ଆହୁରି ଦ୍ରୁତ ଗତିରେ ହ୍ରାସ ପାଉଛି। ଏହା ବ୍ୟତୀତ, ଅନ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି ଯେ ଯଦି ସଂଘର୍ଷକୁ ଘେରି ରହିଥିବା ଭୂରାଜନୈତିକ ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଟଙ୍କା ଆହୁରି ନିମ୍ନଗାମୀ ହୋଇପାରେ।

ଡଲାର ସୂଚକାଙ୍କ ଡଲାରର ଶକ୍ତିକୁ ମାପିଥାଏ। ଏହା ୦.୦୮ ପ୍ରତିଶତ ବୃଦ୍ଧି ପାଇ ୯୯.୬୭ ରେ କାରବାର କରିଥିଲା। ତେଲ ବେଞ୍ଚମାର୍କ, ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର୍ସ, ବ୍ୟାରେଲ ପ୍ରତି ଆମେରିକୀୟ ଡଲାର ୧୦୭.୪ ରେ କାରବାରରେ ସାମାନ୍ୟ ହ୍ରାସ ପାଇଥିଲା - ଯାହା ୦.୫୩ ପ୍ରତିଶତ ଅଟେ। ତଥାପି, ଏହା ରାତାରାତି ତୀବ୍ର ବୃଦ୍ଧି ପାଇଥିଲା, ଯାହା ଦ୍ୱାରା ପ୍ରତି ବ୍ୟାରେଲ ପ୍ରତି ୧୦୦ ଡଲାର ସୀମା ଅତିକ୍ରମ କରିଥିଲା।

# ସର୍ବହରାଙ୍କ ପ୍ରତିନିଧି ଘିନୁଆ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୦୩୯

ବିଚିତ୍ର ଏ ସମାଜ। ଆହୁରି କିମ୍ଭୂତ କିମାକାର ଏହାର ବିଧି-ବିଧାନ-ବ୍ୟବସ୍ଥା। ମଣିଷମାନେ ଏଠି ମାନବିକତା ଶୂନ୍ୟ; ପାଣି ନ ଥିବା କୁମ୍ଭୀର, ଜଙ୍ଗଲ ନ ଥିବା ବାଘ। ଜଙ୍ଗଲରେ ବାଘର ହେନ୍ତାଳ। ଜଳରେ କୁମ୍ଭୀରର ସର୍ବଗ୍ରାସୀ କ୍ଷୁଧାର ଉଗ୍ରତା। ସବୁର ଊର୍ଦ୍ଧ୍ୱରେ ଏ ମଣିଷ ଜାତି। ନିଜକୁ ବୁଦ୍ଧିମାନ ବିବେଚନା କରେ। ସଭ୍ୟ ଶିକ୍ଷିତ ବୋଲାଏ। ଉପରକୁ ଭଦ୍ର - ଇସ୍ତ୍ରୀକରା ଧୋତି ଆଉ କାମିଜ; ମାତ୍ର ଭିତରଟା ହଳାହଳ। ତା'ର ନଗ୍ନ ରୂପ; ସମୟେ ସମୟେ ସେ ଉଗ୍ର, ଅରଣା, ଆଦିମ। ତା'ର କାମଲାଳସା; ପ୍ରଜ୍ୱଳିତା କେତେ କେତେ ଅସହାୟା ନିରୀହା। ଏଇ ଶୋଷକ ଗୋଷ୍ଠୀ। ସମାଜରେ ତାଙ୍କର ଢେର୍ ଖାତିର, ଏମାନେ ଥିଲାବାଲା, ପୁଞ୍ଜିପତି, କେଉଁଠି ଦଳପତି ଆଉ ସର୍ଦ୍ଦାର। ସମାଜରେ ଢେର୍ ବାଛ ବିଚାର - ଥିଲାବାଲା, ନଥିଲାବାଲାଙ୍କ ମଧ୍ୟରେ ସଂଘର୍ଷ, ଅତ୍ୟାଚାରିତର ପ୍ରଳୟ ରୂପ। ଥରହର ତଥାକଥିତ ବଡ଼ବଡ଼ିଆଙ୍କ ସିଂହାସନ। ଏମିତି କେତେ କେତେ ଘଟଣା। ପୁରାଣ, ଇତିହାସ ଏହାର ମୂକସାକ୍ଷୀ।

ଶ୍ରେଣୀ ସଂଘର୍ଷ କେଉଁ ଆବାହମାନ କାଳରୁ। ପୁରାଣ ଯୁଗର କଥା। ଦେବାସୁର - ଏମାନେ ଦୁଇ ଭାଇ। ଚାଲିଲା ସମୁଦ୍ର ମନ୍ଥନ। ମନ୍ଦର ପର୍ବତ ଖିଲାଣ। ବାସୁକୀ ନାଗ ରଜ୍ଜୁ। ରାକ୍ଷସକୁଳ ନିର୍ବୁଦ୍ଧିଆ। ଧରିଲେ ବାସୁକୀ ମୁଣ୍ଡପଟ; ସୁବିଧାବାଦୀ ଦେବଗଣ, ହାତରେ ବାସୁକୀର ଲାଞ୍ଜ। ଚାଲିଲା ସମୁଦ୍ର ମନ୍ଥନ। ଯନ୍ତ୍ରଣାକ୍ଳାନ୍ତ ବାସୁକୀର ଗରଳ ଉଦ୍‌ଗୀରଣ। ପାନକଲେ ମହେଶ୍ୱର - ତେଣୁ ସେ ନୀଳକଣ୍ଠ। ସାଗର ଦୁଲାଳୀ ଲକ୍ଷ୍ମୀ ହେଲେ ବିଷ୍ଣୁଙ୍କର। ଉଚ୍ଚୈଶ୍ରବା ଅଶ୍ୱ, ଐରାବତ ହସ୍ତୀ; ଅଧିକାରୀ ଇନ୍ଦ୍ର। ବାହାରିଲା ଅମୃତ ଭାଣ୍ଡ। ଯାହା ପାନ କରି ଦେବତାମାନେ ଚିର ଅମର, ଚିରଯୌବନ। ବଞ୍ଚିତ ଗୋଷ୍ଠୀ ରାକ୍ଷସମାନେ। ବିଷ୍ଣୁଙ୍କର ମୋହିନୀରୂପ। ସତ ଅମୃତ ଦେବତାଙ୍କୁ; ମିଛ ଅମୃତ ରାକ୍ଷସଙ୍କ ହାତରେ। ଚତୁର ରାକ୍ଷସ ରାହୁ, ଛଦ୍ମବେଶରେ ଦେବତାଙ୍କ ମଧ୍ୟରେ, ଅମୃତ ପାନ କଲେ। ତାଙ୍କର ନାହିଁ ନିସ୍ତାର। ବିଷ୍ଣୁଙ୍କ ସୁଦର୍ଶନ ଚକ୍ର, ରାହୁ ଦ୍ୱିଖଣ୍ଡିତ - ରାହୁ, କେତୁ। ସେଇଦିନୁ ଦେବତା-ରାକ୍ଷସମାନଙ୍କ ମଧ୍ୟରେ କଳି, ଯୁଦ୍ଧ। ଅନେକତ୍ର ଭୟଙ୍କର। ହକ୍ ପାଇଁ ଅନବରତ ସଂଗ୍ରାମ। ଶ୍ରେଣୀ ସଂଘର୍ଷର ଏହା ଏକ ବଳିଷ୍ଠ ଉଦାହରଣ।

ଥିଲାବାଲା ନ ଥିଲାବାଲା, ଏମାନଙ୍କ ମଧ୍ୟରେ ସଂଘର୍ଷ। ଟଙ୍କା ଯା'ର ତା'ର ଜିତାପଟ। ସାମାଜିକ ଶ୍ରେଣୀ ସଂଘର୍ଷର କଥା। ଅନୁଭବ କଲେ ମହାନ ଜର୍ମାନ ଦାର୍ଶନିକ କାର୍ଲମାର୍କ୍ସ। ତାଙ୍କ ସମଧର୍ମା ଏଙ୍ଗେଲ୍‌ସ। ବାମପନ୍ଥୀ କମ୍ୟୁନିଷ୍ଟଙ୍କ ନୀତି, ଆଦର୍ଶ। ଏହାକୁ ସାର୍ବଜନୀନ କଲେ। କାର୍ଲମାର୍କ୍ସ ଲେଖିଲେ 'ଦାସ କ୍ୟାପିଟାଲ', ସର୍ବହରା ବା ପ୍ରୋଲୋଟାରିଏଟ୍‌ଙ୍କ ଜୟଗାନ। ସେମାନଙ୍କର ଏକନାୟକତ୍ୱ ଉପରେ ଗୁରୁତ୍ୱ, ପୁଞ୍ଜିପତି ନୁହେଁ ନଥିଲାବାଲା ପାଇବେ ରାଜନୀତିକ କ୍ଷମତା। ଶ୍ରେଣୀ ସଂଘର୍ଷର ଅନ୍ତଃ; ପ୍ରତିଷ୍ଠିତ ହେବ ସମାଜବାଦ। ଏଥିପାଇଁ ଲୋଡ଼ା ସଂଗ୍ରାମ। ଦିନେନା ଦିନେ ନିଦରବର ଦୁଃଖ ଦୂର ହେବ। ସମାଜରେ ରହିବନି ମୂଳିଆ ମାଲିକ ଭେଦ। ସୁଖଶାନ୍ତି ଫେରିବ, ପ୍ରାଚୁର୍ଯ୍ୟର ଋତୁ ମହକିବ। ମାର୍କ୍ସବାଦର ଏଇଟି ମୂଳକଥା। ଏକଦା ସାରାବିଶ୍ୱ ଚହଲିଗଲା। ଅନେକ ସାହିତ୍ୟିକ ବି ବହୁଭାବରେ ପ୍ରଭାବିତ। ସେମାନଙ୍କ ଲେଖାରେ ସ୍ଥାନିତ ଶ୍ରେଣୀ ସଂଘର୍ଷର କଥା। ଉପନ୍ୟାସ, ଗଳ୍ପ, କବିତା - ଏମିତି ସାହିତ୍ୟର ବିଭିନ୍ନ ବିଭାଗ। ମାର୍କ୍ସଙ୍କ ଚିନ୍ତା ଚେତନାର ଛାପ ଅତିସ୍ପଷ୍ଟ। ସେମିତି ଜଣେ ଓଡ଼ିଆ ସାହିତ୍ୟିକ ଭଗବତୀ ଚରଣ ପାଣିଗ୍ରାହୀ। ତାଙ୍କ ସହ ଅନନ୍ତ ପଟ୍ଟନାୟକ, ପ୍ରତିଷ୍ଠିତ ହେଲା 'ନବଯୁଗ ସାହିତ୍ୟ ସଂସଦ' (୧୯୩୫)। ସାହିତ୍ୟର ମାଧ୍ୟମରେ ବାମପନ୍ଥୀ ଚିନ୍ତାଧାରାର ପ୍ରଚାର ପ୍ରସାର। ଏ ଥିଲା ସଂସଦଟିର ଅସଲ ଲକ୍ଷ୍ୟ। ବହୁ ସାହିତ୍ୟିକ ଅନୁଷ୍ଠାନ ଦ୍ୱାରା ପ୍ରେରିତ। ରଚିତ ହେଲା ଏକାଧିକ ପ୍ରଗତିବାଦୀ ସାହିତ୍ୟ। ଅନୁଷ୍ଠାନଟିର ମୁଖ୍ୟ ପୁରୋଧା ଭଗବତୀ ଚରଣ। ତାଙ୍କଦ୍ୱାରା ରଚିତ କ୍ରାନ୍ତିକାରୀ ଗଳ୍ପ 'ଶିକାର'। ଗପଟିର ମୁଖ୍ୟ ଚରିତ୍ର 'ଘିନୁଆ'। ଜଣେ ଜନଜାତିର ଦୁଃସାହସୀ ଯୁବକ। ତା'ର ଯୁବତୀ ଭାର୍ଯ୍ୟା। ବଳାତ୍କାର ଉଦ୍ୟମ କରିଛି 'ଗୋବିନ୍ଦ ସରଦାର'। ଘିନୁଆ ତା' ମୁଣ୍ଡକାଟି ଆଣିଛି। ଜଜ୍ ସାହେବଙ୍କ ଠାରୁ ପୁରସ୍କାର ଦାବି କରିଛି। ସେ ମଣିଷ ବାଘକୁ ମାରିଦେଇଛି। ପୁରସ୍କାର ତା'ର ପ୍ରାପ୍ୟ; ମାତ୍ର ଭିନ୍ନ ଏକ ନ୍ୟାୟିକ ବ୍ୟବସ୍ଥା। ଆଇନ ଆଗରେ ସେ ଦୋଷୀ। ପାଇଲା ମୃତ୍ୟୁଦଣ୍ଡ। ସର୍ଦ୍ଦାର ବିରୋଧରେ ତା'ର ବିଦ୍ରୋହ; ଶ୍ରେଣୀ ସଂଘର୍ଷର ନିଖୁଣ ଚିତ୍ର।

ଜଙ୍ଗଲୀ ମଣିଷ ଘିନୁଆ। ବାଘ ସହ ଲଢ଼େ। ମେଘ ବରଷିଲେ ପୋଡୁଚାଷ। ଆଉ ଅନ୍ୟବେଳେ ଶିକାର। ତା'ର ମୁଖ୍ୟ ଅସ୍ତ୍ର ଧନୁଶର, ଟାଙ୍ଗିଆ। ମହାବଳ ଦି'ଟା ମାରିଛି। କମିଶନରଙ୍କ ଠାରୁ ତାକୁ ମିଳିଛି ପୁରସ୍କାର। କମିଶନରଙ୍କ ଅର୍ଦ୍ଦଳି। ଘିନୁଆ ସହ ଚିହ୍ନା ପରିଚୟ, ତା' ପୁରସ୍କାରରୁ ଭାଗ ନିଏ। ସେଦିନ ଅର୍ଦ୍ଦଳି ହତବାକ୍। ଘିନୁଆର ଭୟଙ୍କର ରୂପ। କାନ୍ଧରେ ଧନୁ, ହାତରେ ଦି' ଚାରିଟା ତୀର। ଆଉ କାନ୍ଧରେ ଟାଙ୍ଗିଆଟିଏ। ଗାମୁଛାରେ ବନ୍ଧା ମଣିଷର କଟା ମୁଣ୍ଡଟାଏ। ମଣିଷ ନୁହେଁ ତ ଗୋଟାଏ ମସ୍ତବଡ଼ ଜାନୁଆର। ବାଘ, ଭାଲୁ, ସିଂହ ଠାରୁ ଆହୁରି ହିଂସ୍ର। ତା'ରି କଟାମୁଣ୍ଡ। ବାହାରେ ପାଟିତୁଣ୍ଡ, କମିଶନର ସାହେବ ବାହାରି ଆସିଲେ। ଘିନୁଆ ତାଙ୍କ ପାଦତଳେ ରଖିଦେଲା କଟାମୁଣ୍ଡଟାକୁ। ହାତପାତି ବକ୍‌ସିସ ମାଗିଲା। ସାହେବ ଅପେକ୍ଷା କରିବାକୁ କହିଲେ। ଫୋନ୍ ଯୋଗେ ପୁଲିସ ଫଉଜଙ୍କୁ ଡାକରା; ସେମାନେ ହାଜର। ଘିନୁଆ ଠାରେ ସିଂହର ବଳ। ତାକୁ ଆୟତ୍ତ କରିବା କଷ୍ଟସାଧ୍ୟ। ଫଉଜମାନେ ନାକେଦମ୍। ଶେଷରେ ଘିନୁଆ ପାଦରେ; ହାତରେ ଲୁହାକଡ଼ି। ଏବେ ସେ ହାଜତରେ। ତା'ର ଏ ଶାସ୍ତିର କାରଣ ପଚାରେ, କିଏ କହେ ତା'ର ଫାଶି ଅବା କାହାରି କାହାରି ମୁହଁରେ କଳାପାଣିରେ ବନ୍ଦୀ। ଘିନୁଆ ବଲବଲ କରି ଚାହେଁ। କିଛି ବୁଝେନା।

ସେଦିନର କଥା। ଡେପୁଟି କମିଶନରଙ୍କ ହାଜତ ପରିଦର୍ଶନରେ। ସବୁ ହାଲ ପଚାରିଲେ। ପୂର୍ବରୁ ବାଘ, ଭାଲୁ ମାରିଥିଲା। ଢେର୍ ପୁରସ୍କାର ପାଇଛି; ଏଥର ମାରିଛି ମଣିଷ। ତା'ର ବକ୍‌ସିସ ରାଶି; ପାଞ୍ଚଜଣ ଯାହା ସାବ୍ୟସ୍ତ କରିବେ। ଡେପୁଟି କମିଶନର ଏମିତି ବହଲେଇ ଦେଲେ ଘିନୁଆକୁ। ବିଚାରର ଦିନ ଧାର୍ଯ୍ୟ। ଘିନୁଆ ସବୁ କହିଚାଲିଲା। ଗୋବିନ୍ଦ ସର୍ଦ୍ଦାର; ଭାରି ପ୍ରତିପତ୍ତି ତା'ର। ଟଙ୍କା ଗଦିରେ ଶୁଏ। ତା'ର ମେହନତର କମେଇ ନୁହେଁ। ଅନ୍ୟକୁ ଲୁଟେ। ବଡ଼ଲୋକ, ମଟରରେ ଯିବାଆସିବା। ସୁନ୍ଦରୀମାନଙ୍କ ଉପରେ ତା'ର ଲୋଲୁପ ଦୃଷ୍ଟି। କେତେ ସ୍ତ୍ରୀଙ୍କର ଇଜ୍ଜତ ଲୁଟିଛି। ଢେର୍ ଲୋକ ମାରିଛି। ସେଦିନ ସଞ୍ଜ। ମାଛି ଅନ୍ଧାରିଆ, ଘିନୁଆର ସୁନ୍ଦରୀ ସ୍ତ୍ରୀ। ଘରେ ଏକା। ଗୋବିନ୍ଦ ସର୍ଦ୍ଦାରର ତା' ଉପରେ ଅତ୍ୟାଚାର ଉଦ୍ୟମ। ଘିନୁଆ ଆଖିରେ ପଡ଼ିଗଲା। ସର୍ଦ୍ଦାର ମଟରରେ ପଳାଉଥିଲା। ପ୍ରଥମେ ତା' ମଟର ଚକାକୁ ତୀରରେ ଅଚଳ କରିଦେଲା। ଟାଙ୍ଗିଆରେ ଏକା ଚୋଟ। ମୁଣ୍ଡ ଗଣ୍ଡି ଦି' ଖଣ୍ଡ। ଗୋବିନ୍ଦ ସର୍ଦ୍ଦାର ମୁଣ୍ଡକୁ ଗାମୁଛାରେ ବାନ୍ଧିଲା। ଜଙ୍ଗଲରାସ୍ତା, ତିରିଶି ମାଇଲ। ରାତାରାତି ଦୌଡ଼ା, ସକାଳୁ ସକାଳୁ ହାଜର ଡେପୁଟି କମିଶନରଙ୍କ ବଙ୍ଗଳା ଆଗରେ - ଏ ଥିଲା ଘିନୁଆର ବୟାନ।

ଗୋବିନ୍ଦ ସର୍ଦ୍ଦାର। ସଦାବେଳେ ହାତରେ ବନ୍ଧୁକ। ବାଘ, ଭାଲୁଠାରୁ ତାକୁ ଢେର୍ ଡର। ତାକୁ ମାରିବା କଷ୍ଟକର। ଘିନୁଆର ସାହସ, ବିଚକ୍ଷଣ ବୁଦ୍ଧି ସହାୟକ ହେଲା। ଶେଷରେ ତା'ର ଜିତାପଟ। କିଛି ବର୍ଷ ତଳର କଥା। ମେଳିଆ ଝପଟ ସିଂହ। ଫିରିଙ୍ଗି ବିରୋଧରେ ଜନମତ ସୃଷ୍ଟିକଲା। ସରକାର ମରାଇ ଦେଲେ 'ଡୋରା' ଦ୍ୱାରା। ବକ୍‌ସିସ ଦେଲେ - ପୂରା ପାଞ୍ଚଶ' ଟଙ୍କା। ଝପଟ ସିଂହ ବଡ଼ ଉପକାରୀ ଲୋକ। ସ୍ତ୍ରୀଲୋକଙ୍କୁ ଆଡ଼ ଆଖିରେ ଚାହେଁନି। ଦେଶ ପାଇଁ ଲଢ଼େଇ। ଖଜଣାଖାନା ଲୁଟିଲା, ତା' ହାତରେ କେତେକ ସିପାହୀ ମୃତାହତ। ଏଇ ତା'ର ଅପରାଧ! ଗୋବିନ୍ଦ ସର୍ଦ୍ଦାର; ଇଂରେଜ ସରକାରଙ୍କ ସପକ୍ଷରେ। ଅତି ଭୟଙ୍କର, ଅତ୍ୟାଚାରୀ, ନାରୀମାଂସ ଲୋଭୀ ଜହ୍ଲାଦ। ତାକୁ ମାରିଛି ଘିନୁଆ, ପାଇବ ଅଧିକରୁ ଅଧିକ, ପାଞ୍ଚଶହରୁ ବି ଅଧିକ ବକ୍‌ସିସ୍। ଏମିତି ଘିନୁଆ କହିଚାଲିଲା। ଜଜ୍ ସାହେବ ସବୁ ଶୁଣିଲେ। ଉପଯୁକ୍ତ ବକ୍‌ସିସ୍ ମିଳିବ - ଏ କଥାଟି କହିଲେ। ସରକାରୀ ଓକିଲଙ୍କ ବ୍ୟଙ୍ଗୋକ୍ତି। ଘିନୁଆକୁ ଅଣାଯାଇଛି ଖାସ୍ ବକ୍‌ସିସ୍ ଦେବା ପାଇଁ। ବିଚାର ଶେଷ। ଘିନୁଆ ଆଦିବାସୀ, ମୂର୍ଖ, ବୁଝିଲାନି ତା'ର କି ବିଚାର ହେଲା। ଝପଟ ସିଂହ, ଗୋବିନ୍ଦ ସର୍ଦ୍ଦାର- ଏ ଦୁହେଁ ମଲେ। ତାହା ସମାନ କଥା ନୁହେଁ। ଆଇନର ସୂକ୍ଷ୍ମଜାଲ। ଏଥିରେ ପଶିବ, ଘିନୁଆର ମୁଣ୍ଡ ବା କାହିଁ? ସେ କାହୁଁ ବୁଝିବ ଗୋଟିଏ ଅପରାଧ; ଆଉଟି ଗୌରବର ବିଷୟ।

ଫାଶି ଦିନ ଉପସ୍ଥିତ। ତା'ର ଶେଷ ଇଚ୍ଛା କ'ଣ - ପଚରାଗଲା। ଘିନୁଆର ଗୋଟିଏ ଉତ୍ତର 'ବକ୍‌ସିସ'। ତା' ମୁଣ୍ଡରେ କଳା କପଡ଼ାର ଖୋଳ। କିଛି ଦେଖାଯାଉନି। ଘିନୁଆର କାହିଁ କେତେ ଆଶା। ମୁଣ୍ଡରେ କଳାକନା ପଡ଼ିଛି। ତା' ହାତରେ ସୁନାରୂପା ଢାଳି ଦିଆଯିବ! ସରକାର ଘର, ନାନାଦି ଫନ୍ଦି ଫିକର, କାଇଦା କଟକଣା। ଏମିତି ବକ୍‌ସିସ୍ ଦିଆଯାଏ ପରା! ଖୁସିରେ ସେ ଘରକୁ ଦୌଡ଼ିଯିବ, ସ୍ତ୍ରୀକୁ ଦେଖେଇବ। ଭଲ ଘରଦ୍ୱାର କରିବେ, ଜମିବାଡ଼ି କିଣିବେ। ଚାଷବାସ; ସୁଖରେ ଦିନ ବିତିବ। ନ ଥିବ ଗୋବିନ୍ଦ ସର୍ଦ୍ଦାର। ଏବେ ଡର କାହାକୁ ନା ଭୟ କାହାକୁ? ହଠାତ୍ ବେକରେ ଚାପିହେଇଗଲା ଫାଶି ରଶି। ସବୁ ଶେଷ। ଗପଟିରେ ଯବନିକା।

ଘିନୁଆ ଦଳିତ, ନିଷ୍ପେଷିତ, ଅତ୍ୟାଚାରିତଙ୍କର ପ୍ରତିନିଧି। ଏମାନେ ରକ୍ତବୀଜର ଦଳ। ଜଣକର ନିଧନରେ ଶତ ସହସ୍ରଙ୍କର ଜନ୍ମ। ଲଢ଼ିବେ ଗୋବିନ୍ଦ ସର୍ଦ୍ଦାରଙ୍କ ପରି ବସିଖିଆଙ୍କ ବିରୋଧରେ। ଶେଷରେ ନେବେ ଜିତାପଟ। ମୃତ୍ୟୁର ଜଳେ ପହଁରିବେ। ତୋଳିବେ ରକ୍ତ କଇଁ। କୃଷ୍ଣ ନାଗରୂପୀ ପୁଞ୍ଜିପତି। ସେମାନଙ୍କ ଦଂଶନରେ ନଇଁ ପଡ଼ିବେନି। ସାମାଜିକ ଭେଦଭାବର ଅମା ଅନ୍ଧକାର ହଟିବ। ଉଦୟ ହେବ ସମାଜବାଦର ନବରବି। ହସିବ ଶତ ଘିନୁଆର ସଂସାର। ଆଦିବାସୀ ଲଳନାର ହସଖୁସିର ସଂସାର; ହେବ ମଞ୍ଜୁଳ, ମଧୁମୟ। ନ ଥିବେ ଗଳଗ୍ରହ ଗୋବିନ୍ଦ ସର୍ଦ୍ଦାର। ସାମ୍ୟବାଦର ଶାଶ୍ୱତ ରୂପ। ଦିନେନା ଦିନେ ଘିନୁଆମାନଙ୍କର ହେବ ଜିତାପଟ! ଏହା ଦିବାଲୋକ ପରି ସତ୍ୟ।

# ଆମ ଭାଷା : ମହାଭାଷା



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଆମର ଭାଷା ଏକ ବିଶାଳ ବ୍ୟାପକ ମାନଚିତ୍ର ହୋଇଥିବାବେଳେ ଏ ସାହିତ୍ୟ ଏକ ବିଚ୍ଛିନ୍ନ ବିଦୀର୍ଣ୍ଣ ମୌନଚିତ୍ର। ଆଜିଠୁ ଆଠ ଦଶକ ତଳେ ଓଡ଼ିଶାକୁ ଯିଏ ଯୋଗାଇ ଦେଇଛି ତାର ସ୍ୱତନ୍ତ୍ର ମାନଚିତ୍ର ହାସଲ ପାଇଁ ଯୋଗ୍ୟତା ସାର୍ଟିଫିକେଟ, ସିଏ ତ କୋଟିକଣ୍ଠର କଳକାକଳିରେ କଲ୍ଲୋଳିତ ଏଇ ଓଡ଼ିଆ ଭାଷା। ଏ ଭାଷାର ଗୋଟାଏ ବୁନିଆଦ୍ ଇତିହାସ ଥିଲା ବୋଲି ତ ସେଇ ଭିତିରେ ହିଁ ଓଡ଼ିଶା ପାଇପାରିଛି ନିଜ ପାଇଁ ନିର୍ଦ୍ଧାରିତ ଗୋଟିଏ ଭୂମି, ଭୌଗୋଳିକତାର ଗୋଟିଏ ଭବ୍ୟ ଭୂଚିତ୍ର। ସୁତରାଂ ସ୍ୱୀକାର କରିବାକୁ ଆମେ ସମସ୍ତେ ବାଧ୍ୟ ଯେ, ଏହି ଭୂମିର ଭୂମିକା ବା ଭିତ୍ତିପତ୍ର ହେଉଛି - ପୁରୁଷ ପୁରୁଷ ଧରି ପରମ୍ପରାର ପତିଆରାଟିଏ ତିଆରି କରିଆସିଥିବା ଏକ ପ୍ରଖର ପ୍ରବହମାନ ଭାଷା... ଏହି ପ୍ରାଣସ୍ଫୂର୍ତ୍ତ ପ୍ରାକୃତ ଭାଷା... ଏହି ପ୍ରମୂର୍ତ୍ତ ଓଡ଼ିଆ ଭାଷା। ଆଗେ ଭାଷା, ତା'ପରେ ଭୂମି। ଆଗେ ସଂସ୍କୃତି, ତା'ପରେ ସାହିତ୍ୟ। ଆଗେ ସତ୍ତା, ତା'ପରେ ଯାଇ ସ୍ଥିତି ପାଇଁ ସଂଗ୍ରାମ ଓ ସ୍ୱାତନ୍ତ୍ର୍ୟ। ଓଡ଼ିଶାକୁ ସରଳ ଭାଷାରେ ଗୋଟିଏ ଚିତ୍ରକଳ୍ପରେ ଆଙ୍କିବାକୁ ଗଲାବେଳେ ଆମ ଆଖି ଆଗରେ ଯେଉଁ ଐତିହ୍ୟନିଷ୍ଠ ସାମୂହିକ ସ୍ମୃତିର ତ୍ରିଭୁଜଟିଏ ଆପେ ଆପେ ଫୁଟିଉଠୁଛି, ତା'ର ତିନୋଟି ବାହୁ ହେଉଛନ୍ତି ଯଥାକ୍ରମେ ଏହି ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ସତ୍ତା। ଭାଷା ହିସାବରେ ଓଡ଼ିଆ ଏକ ମହାଭାଷା, ସଂସ୍କୃତି ରୂପରେ ଓଡ଼ିଆ ଏକ ସଂହତିସିଦ୍ଧ ସଂସ୍କୃତି ଓ ସତା ଭାବରେ ଓଡ଼ିଆ ଏକ ବିସ୍ମୟକର ମଧ୍ୟଭାରତୀୟ ସତ୍ତା।

ଭାଷା ଓଡ଼ିଆ, ମାତ୍ର ଅତୀତ ଓ ଲିଖିତ ରୂପକୁ ନେଇ ତାର ଉପଭାଷା ଅନେକ। ଗୋଟିଏ ମାନକ ଭାଷାରେ ଓଡ଼ିଆ ଭାଷାକୁ ଆମେ ସାହିତ୍ୟ ଜରିଆରେ ବାନ୍ଧିଦେଇ ଓଡ଼ିଆଭାଷୀ ଜନପୁଞ୍ଜର କିଛି କମ୍ କ୍ଷତି କରିନାହୁଁ। ଏହା ଏକ ଘୋର ଅପ୍ରିୟ ସତ୍ୟ। ଭବିଷ୍ୟତରେ ଏଥିପାଇଁ ଆମ ଉତ୍ତର ପିଢ଼ିକୁ ଯେ ଯଥେଷ୍ଟ ଜରିମାନା ଦେବାକୁ ପଡ଼ିବ, ଏ ସତର୍କ ଚେତାବନୀ ଆଜିଠୁ ମନେ ରଖିବା ଦରକାର। ଭାଷାକୁ ଭଲ ନ ପାଇ ଓଡ଼ିଶାରେ ଆଜିକାଲି ଯେଉଁ ଭାବଲେଶହୀନ ସାହିତ୍ୟର ଫାର୍ସ୍ ଚାଲିଛି, ଦିନେ ତାର ପର୍ଦ୍ଦାଫାଶ ହେବ ହିଁ ହେବ ଏବଂ ଅନାଗତ ଭବିଷ୍ୟତର କାଠଗଡ଼ାରେ ନିଜକୁ ଲେଖକ/ବୁଦ୍ଧିଜୀବୀ ବୋଲାଉଥିବା ଆଜିର ଗୋଟିଏ ପାଠକବିହୀନ ସୌଖୀନ ଶ୍ରେଣୀ ଯେତେ ମିଛସାକ୍ଷୀ ଯୋଗାଡ଼ କରି ଆତ୍ମପ୍ରୌଢ଼ିର ଲମ୍ବାଲମ୍ବା ଫର୍ଦ୍ଦ ଶୁଣଉଥିଲେ ବି ମାନ୍ୟବର ମହାକାଳଙ୍କ ବିଚାରରେ ବା ଆଗାମୀ ଇତିହାସର ଇଜିଲାସ୍‌ରେ ମକଦ୍ଦମା ହାରିବା ଛଡ଼ା ଆଉ କିଛି ଗତି ନାହିଁ ସେମାନଙ୍କର। ଏ ଶ୍ରେଣୀ କେବଳ ଓଡ଼ିଆ ଭାଷା ପରି ଏକ ମହାଭାଷାର ଜାତଶତ୍ରୁ ନୁହଁନ୍ତି, ଓଡ଼ିଆ ସଂସ୍କୃତି ପରି ଏକ ମହାନ୍ ସଂସ୍କୃତିର ମଧ୍ୟ ଜଣେଜଣେ ବିଶ୍ୱାସଘାତକ ଜଘନ୍ୟ ଜହ୍ଲାଦ। ମୋର ଏ ପ୍ରକାର କଟୁତିକ୍ତକଷାୟ ମତବାଦକୁ ଆପଣମାନେ ଗ୍ରହଣ କରନ୍ତୁ ବା ନକରନ୍ତୁ, ମୁଁ କିନ୍ତୁ ସାରା ଓଡ଼ିଶାର ମାଟିଘାଟି ପଲ୍ଲୀପ୍ରାନ୍ତର ଜମିଜଙ୍ଗଲ ବୁଲି ଯେତିକି ଅନୁଭୂତିସିଦ୍ଧ ପ୍ରତ୍ୟକ୍ଷ ସତ୍ୟର ନିକଟବର୍ତ୍ତୀ ହୋଇପାରିଛି, ସେଥିରୁ ସ୍ପଷ୍ଟ ଭାବରେ ଅସଲ ତଥ୍ୟ ହାସଲ କରିପାରିଛି ଯେ, ଓଡ଼ିଆଭାଷୀ ଜନଗଣ ବର୍ତ୍ତମାନର ଶତକଡ଼ା ୯୯ଭାଗ ଓଡ଼ିଆ ଲେଖକ-ଲେଖିକାଙ୍କ ଲେଖାଲେଖିକୁ ସେମାନଙ୍କ ଚଲାବାଟରୁ ଅଳିଆ ପରି ଆଡେଇ ଦେଇଛନ୍ତି। ଏହାର ଏକମାତ୍ର କାରଣ ଆପଣମାନଙ୍କୁ ମଧ୍ୟ ବେଶ୍ ଜଣାଥିବ ଯେ, ସାହିତ୍ୟ ନାମରେ ଆଜିକାଲିର ଅଧିକାଂଶ ସର୍ଜନା ହେଉଛି କେବଳ ଗୁଡ଼ାଏ ଆବର୍ଜନା। ଏପରି ଅଘଟଣ କାହିଁକି ଘଟିଲା, କିପରି ଘଟିଲା, କିଏ କ'ଣ ପାଇଁ ଘଟାଇଲା ? ଅଧିକ ଏ ବାବଦରେ କହିବିନି, ମାତ୍ର ଗୋଟିଏ କଥା ସ୍ପଷ୍ଟ ସୂଚାଇ ଦେବି ଯେ, ଓଡ଼ିଆ ଲିପିରେ ଲିଖିତ ଆଜିର ତଥାକଥିତ ଓଡ଼ିଆ ସାହିତ୍ୟ ରୂପରେ ଏକପ୍ରକାର ଚରିତ୍ରହୀନ ସାହିତ୍ୟର ଗଦାଗଦା ଔପନିବେଶିକ ଆବର୍ଜନା ହିଁ ପ୍ରାୟ ୩୦/୪୦ବର୍ଷ ତଳୁ ମୁଣ୍ଡ ଟେକିସାରିଛି। ଲିପିରେ ଏହା ହୋଇପାରେ ଓଡ଼ିଆ, ଭାଷାରେ କ'ଣ କିନ୍ତୁ ଓଡ଼ିଆ ?

ବର୍ତ୍ତମାନର ଓଡ଼ିଆ ସାହିତ୍ୟରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ମାତ୍ର ୩ ଜିଲ୍ଲାର ଆଧିପତ୍ୟ ଚାଲିଛି - କଟକ, ପୁରୀ, ବାଲେଶ୍ୱର। ଅଥଚ ଏ ଉପକୂଳର ଉତ୍ପାତକୁ ଜୋରଜବରଦସ୍ତ ଜାରି ରଖିବାର ମସୁଧା ଯେଉଁଠି ଚାଲିଛି, ତାହା ହେଉଛି ଗୋଟାଏ ଗୋଲାମ ନଗରୀ! ଆପଣମାନେ ଦୂରବୀକ୍ଷଣରେ ସବୁ ଦେଖିପାରୁଥିବେ, ମୁଁ ଆଉ ଅଣୁବୀକ୍ଷଣରେ ଅଧିକ ଦେଖନ୍ତୁ ବୋଲି ଜିଗର କରୁନାହିଁ। ଶତକଡ଼ା ୯୭ ଭାଗ ଚାକିରିଆଙ୍କ ସାହିତ୍ୟକୁ ମୁଁ ଏଠି ପ୍ରତିନିଧିମୂଳକ ଓଡ଼ିଆ ସାହିତ୍ୟ ବୋଲି ମୂଳରୁ ଗ୍ରହଣ କରିବାକୁ ରାଜି ନୁହେଁ। ଯେଉଁମାନେ ରାଜି, ସେମାନଙ୍କର ସେଇ 'ହାଁ ଜୀ' କହିବାର ଆଦତ୍ କୁ ମୁଁ ସିନା ବଦଳାଇ ପାରିବି ନାହିଁ, କିନ୍ତୁ ତାଳି ମାରି ସେମାନଙ୍କ ମୌଖିକ/ଲିଖିତ ମତଲବୀ ଲବିକର୍ମଗୁଡ଼ାଙ୍କୁ ସମର୍ଥନ କରିପାରିବି କି ?

ଚିନ୍ତନ ଓ କର୍ମ ମଧ୍ୟରେ ଯେଉଁଠି ବ୍ୟାପକ ବ୍ୟବଧାନ ଦେଖାଦେଇଥାଏ, ସେଠି ନିଜେ ସାବଧାନ ହୋଇ ଅନ୍ୟମାନଙ୍କୁ ମଧ୍ୟ ସାବଧାନ କରାଇବା ସାଧୁ ଉଦ୍ୟମ କାରଣ ଏ ବ୍ୟବଧାନ ସବୁ ଦିଗରେ ସୃଷ୍ଟି କରିଥାଏ ବିଷମୟ ବିଡ଼ମ୍ବନା। ଏବେ ତ ତଥାକଥିତ ଓଡ଼ିଆ ସାହିତ୍ୟସାରା ଏହି ବିଡମ୍ବନା ତାଳୁରୁ ତଳିପା ପର୍ଯ୍ୟନ୍ତ ଗୋଟାଏ ମାରାତ୍ମକ ସଂକ୍ରାମକ ବ୍ୟାଧି ଭଳି ବ୍ୟାପିଗଲାଣି। ଗୋଟିଏ ଭୟଙ୍କର ଅସାଧୁତାର ସୌଦାଗରୀ ସାମଗ୍ରୀ ପାଲଟିଗଲାଣି ଏ ସାହିତ୍ୟ। ସାହିତ୍ୟକୁ ନେଇ ଗୋଟିଏ ନବ୍ୟ ସାଧବତନ୍ତ୍ର ନିଜର ପସରା ମେଲାଇ ଓଡ଼ିଶାର ସାଂସ୍କୃତିକ ଭାବମୂର୍ତ୍ତିକୁ ନିଲାମୀ ଦର୍‌ରେ ବିକିବାର ବ୍ୟୂହ ରଚନା କରିସାରିଛନ୍ତି। ଯେଉଁ ଅଳ୍ପ କେତେଜଣ 'ସାଧକ' କେଉଁଠି ନା କେଉଁଠି ତପସ୍ୟାରତ, ସେମାନଙ୍କ ସ୍ୱରକୁ ଏ ସାମ୍ପ୍ରତିକ 'ସାଧବ' ସାହିତ୍ୟକାର ଗୋଷ୍ଠୀର ପ୍ରାଣେ ଭୟ। କାହିଁକିନା ସତ୍‌ସାଧକର ସ୍ୱର ମନ୍ତ୍ରପୂତ ଅନ୍ତଃସ୍ୱର, ମାତ୍ର ଆଜିକାର ଏ ଅସତ୍ ସାଧବର ସଂଳାପ ମୂଳଚାଳର ଯନ୍ତ୍ରଚାଳିତ ଚିତ୍କାର ମାତ୍ର।

ଆଜିର ସାହିତ୍ୟ-ସାଧବମାନେ ନିଜ ଦୁରଭିସନ୍ଧିପୂର୍ଣ୍ଣ ଦଲାଲିର ଯେଉଁ ଦୋନମ୍ବରୀ ଦୋକାନ ଖୋଲି ବସିଛନ୍ତି - ସେଠି ପୁରସ୍କାର କିଣାବିକା ଚାଲିଛି। ମାନପତ୍ର ବଣ୍ଟା ହେଉଛି, ଦେଣନେଣର ଦାନ ଖଇରାତି ପାଇଁ ଚିରସ୍ଥାୟୀ ବନ୍ଦୋବସ୍ତର ପାଗଭିଡ଼ା କଚେରୀଘରେ ବିଚିତ୍ରଗୁପ୍ତମାନଙ୍କୁ ବସାଇ ପାଞ୍ଜିଲେଖା ବି ଚାଲିଛି। କହିବାକୁ ଗଲେ ଆଖଡ଼ାଘରେ ଏହା ଆମକୁ ଏକପ୍ରକାର ସୁନାମିରିଗି ନାଚ ଦେଖାଇଚାଲୁଥିବା ନ୍ୟସ୍ତସ୍ୱାର୍ଥ ଆୟୋଜକମାନଙ୍କର ନକଲି ସାହିତ୍ୟ କାରବାର। ମାତ୍ର ଆତ୍ମମର୍ଯ୍ୟାଦାକୁ ଅଗ୍ରାଧିକାର ଦେଉଥିବା ସାଧକ ସାହିତ୍ୟକାରମାନେ ଏ ବ୍ୟୂହବଦ୍ଧ ସାଧବ ଅପସାହିତ୍ୟକର୍ମୀମାନଙ୍କ ନବନଗରୀରେ ସାହେବ ବିବି ଗୋଲାମ ହେବାକୁ କଦାପି ମଙ୍ଗିପାରିବେ କି ? ଏହା ହିଁ ଏବେ ଓଡ଼ିଶାର ଗୋଟାଏ ବଡ଼ ବିଡ଼ମ୍ବନା।

୧୯୯୦ ପରେ ଧୀରେଧୀରେ ରାଜନୀତି ଠାରୁ ଭଲ ଲୋକମାନେ ଦୂରେଇ ଯାଉଥିବା ପରି ୧୯୯୮ ପରେ ସାହିତ୍ୟର ଠାରୁ ବି ସଜ୍ଜନମାନେ କ୍ରମେ କରଛଡ଼ା ଦେଉଥିବା ମନେହେଉଛି। ଏହା ଦ୍ୱାରା କ୍ଷତି ହେଉଛି ରାଜନୀତିର, ସାହିତ୍ୟର, ସମାଜର, ସଂସ୍କୃତିର - ସର୍ବୋପରି ଆମ ଭାଷା ଓ ଭିତ୍ତିଭୂମିର ବି। ସାଧନାରତ ସାଧକମାନଙ୍କ କଣ୍ଠସ୍ୱରରେ ପ୍ରତିବାଦର ଭାଷା ମନ୍ତ୍ର ଉଚ୍ଚାରଣ ପରି ଶୁଭି ନଥିବା ଯାଏ, ସିଦ୍ଧିରହିତ ସାଧବମାନଙ୍କର ବିଳାସୀପୋତ ସାହିତ୍ୟକୁ ଏହିଭଳି ସଉଦା ଭାବରେ ବରାବର ବ୍ୟବହାର କରିଚାଲିଥିବ ଏବଂ ଜନଗଣ ଏକପ୍ରକାର ବିଜାତୀୟ ସଙ୍ଗୀତର ବିରକ୍ତ ଶ୍ରୋତା ହେବାର ମନୋଦଶା ଭୋଗି ଚାଲିଥିବେ।

'ସାଧବ' ଶବ୍ଦକୁ ମୁଁ ପ୍ରାଚୀନ ଉତ୍କଳର ସେହି ଦୁଃସାହସୀ ନୌବଣିକବର୍ଗର ସୂଚକ ଭାବରେ ଏଠାରେ ବ୍ୟକ୍ତ କରୁନାହିଁ। ଏ ସଦ୍ୟଜାତ 'ସାଧବ' ହେଉଛନ୍ତି ଆଜିର ଏହି କୁଳାଚାରଶୂନ୍ୟ କୁଳାଙ୍ଗାର ନବବଣିକ ଦଳ, ଯେଉଁମାନେ 'ସାଧକ'-ସଂସ୍କୃତିର ଭାବ ଓ ଭାଷାକୁ ନଷ୍ଟଭ୍ରଷ୍ଟ କରି ଓଡ଼ିଶାରେ ଅପସାହିତ୍ୟର ଏକ ଉପଯୁଗ ସୃଷ୍ଟି କରିବା ପାଇଁ ଚକ୍ରାନ୍ତରତ। ଆନୁଷ୍ଠାନିକ ପ୍ରତିପତି ଓ ସରକାରୀ ପଦପଦବୀକୁ ନିଜ ସାହିତ୍ୟ ଯଶଲିପ୍‌ସା ଚରିତାର୍ଥ କରିବା ପାଇଁ ଏମାନେ ଗୋଟିଏ ଗୋଟିଏ ସ୍ଥିରୀକୃତ ବିଳାସବାଣିଜ୍ୟତରୀରେ ପରିଣତ କରିଛନ୍ତି। ଏ ନବ୍ୟସାଧବମାନେ ହେଉଛନ୍ତି ସେହି ବିଦେଶୀ ବଣିକତନ୍ତ୍ରର ଔପନିବେଶିକ ବିଦେଶୀ ନୌକର-ଯେଉଁମାନେ ଦେଶର ଲୁଣ ଖାଇ ଆମ ଭାଷା ଓ ସାହିତ୍ୟରେ ବିଦେଶର ଗୁଣ ଗାଉଛନ୍ତି! ଏହା ଫଳରେ ଓଡ଼ିଆ ସାହିତ୍ୟ ଏବେ ଧର୍ଷିତ। ଏହି ସାଂସ୍କୃତିକ ବଳାତ୍କାରୀମାନଙ୍କ ଯୋଗୁ ଆମ ସାହିତ୍ୟ ତାର ଭବିଷ୍ୟତର ଭାଷା ହରାଇ ଚାଲିବା ସହିତ ସଂସ୍କୃତିର ସଞ୍ଜୀବନୀ ମନ୍ତ୍ର ମଧ୍ୟ କ୍ରମେ ପାଶୋରିବାରେ ଲାଗିଛି। ଖବରକାଗଜ ତଥା ଗଣମାଧ୍ୟମ ଠାରୁ ଆରମ୍ଭ କରି ସଭାସମିତି ପର୍ଯ୍ୟନ୍ତ ସବୁଠି ଏହି ଉତ୍କଟତା ଅନୁମେୟ। ଓଡ଼ିଶା ଭାଷାସାହିତ୍ୟର ସ୍ଥିତି ଏହି ଦୃଷ୍ଟିରୁ ଦୁର୍ଗତିର ଗୋଟିଏ ଦାରୁଣ ବାସ୍ତବତାକୁ ସାମନା କରୁଛି। ଭାଷା ଓ ସାହିତ୍ୟ ଏ ଉଭୟ ମଧ୍ୟରେ ଏବେ ସ୍ପଷ୍ଟ ଦିଶୁଛି ଏକ ସାଂଘାତିକ ସ୍ୱବିରୋଧ। ଏବେ ବ୍ୟବହାର ଅଭାବରୁ ଆମ ଭାଷାରୁ ଅନେକ ଶବ୍ଦ ଆମର ପର ହୋଇଗଲେଣି, ଯାହା ଦିନେ ଆମ ପାଇଁ ଥିଲେ ଏକାନ୍ତ ଆପଣାର। ତା'ଛଡ଼ା ମାନକ-ଭାଷା ନାମରେ କେତେକ ନିର୍ଦ୍ଦିଷ୍ଟ ଅଂଚଳର ଶବ୍ଦକୁ ମୁକୁଟ ପିନ୍ଧାଇ ବାକି ଆଂଚଳିକ ଶବ୍ଦମାନଙ୍କୁ ଆମେ ପିନ୍ଧାଇଚାଲିଛୁ ହାତକଡ଼ି ଆଉ ବଳାବେଡ଼ି, ଏ ସୀମିତ ଶବ୍ଦମାନଙ୍କୁ ନେଇ ଓଡ଼ିଆ ସାହିତ୍ୟ ଯେଉଁ ଭାଷାଗତ ସମ୍ପର୍କର ମାୟାଜାଲ ବୁଣୁଛି, ସେ ଭାଷାରେ ଅସଲ ଓଡ଼ିଆ ସ୍ୱର ଓ ଧ୍ୱନି କାହିଁ? ସେହିପରି ସାହିତ୍ୟରୁ ବର୍ତ୍ତମାନ ବିଦାୟ ନେବାରେ ଲାଗିଛି ସଂସ୍କୃତି, ଶୁଚି ଓ ରୁଚି - ଯାହା ଦିନେ ଆମର ଶୈଶବ ଓ କୈଶୋରକୁ ପୁଷ୍ପିତ ଓ ସୁବାସିତ କରିରଖିଥିଲା ଏଇ ନିକଟ ଅତୀତ ପର୍ଯ୍ୟନ୍ତ। ଆମେ ଓଡ଼ିଆଏ ଏବେ ଏକ ଅର୍ଦ୍ଧବିସ୍ମୃତ ସତା ଯାହାର ସ୍ଥିତି ଏବେ ଏକ ଦୁଃସ୍ଥିତି। ୧୦୦କୋଟି ଟଙ୍କାର ସରକାରୀ ଅନୁଦାନପ୍ରାପ୍ତ 'ଶାସ୍ତ୍ରୀୟତା' ଦ୍ୱାରା ଓଡ଼ିଆ ଭାଷାଭାଷୀମାନେ ଗର୍ବ କରିବାର କିଛି କାରଣ ନାହିଁ। କାରଣ ତଥାକଥିତ ଏହି ଶାସ୍ତ୍ରୀୟ ଭାଷାଠାରୁ ଆମ ଲୌକିକ/ମୌଖିକ ଓଡ଼ିଆ ଲୋକଭାଷାର ଐତିହ୍ୟ ଆହୁରି ଅଧିକ ଗୌରବମୟ। ଆଦିବାସୀ ଓ ଅଧିବାସୀ ଓଡ଼ିଆ ଭାଷାର ଯେଉଁ ଐତିହାସିକ ସମନ୍ୱୟ ଘଟିବାର ଥିଲା, ତାହା ଘଟି ନପାରିବା ଯୋଗୁ ଓଡ଼ିଆ ଏକ ମହାଭାଷା ସତ୍ତା ହୋଇପାରିଲା ନାହିଁ ଏବଂ ଗୋଟାଏ ଦୋଛକି ରାସ୍ତାର ଦୁର୍ଘଟଣା ପାଲଟିଗଲା ଆମର ସମ୍ଭାବ୍ୟ ଭାଷାସାହିତ୍ୟର ଭବିଷ୍ୟତ।

ଏବେ ଭାଷାସାହିତ୍ୟ କ୍ଷେତ୍ରରେ ପ୍ରକୃତରେ ପହଞ୍ଚିଗଲାଣି ଦାରୁଣ ଶୋକଦିବସ। ମାତ୍ର ଏ ଶୋକଦିବସକୁ ନୀରବ ପ୍ରାର୍ଥନାରେ ପାଳନ ନ କରି ପ୍ରଖର ପ୍ରତିବାଦ ଓ ପ୍ରଜ୍ଞାଦୀପ୍ତ ପ୍ରତିଜ୍ଞାର ପରିଭାଷାରେ ଦୀକ୍ଷିତ କରିପାରିଲେ ହିଁ ଆମର ଜାଗରଣ ହେବ ଯୁଗଜୟୀ ଏବଂ ସଂଗ୍ରାମ ହେବ ବିଜୟମଣ୍ଡିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ବୌଦ୍ଧ ଜିଲ୍ଲାରେ ୨୫ ପଞ୍ଚାୟତ ଯକ୍ଷ୍ମା ମୁକ୍ତ ଘୋଷିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ସ୍ଥାନୀୟ ଟାଉନ୍ ହଲ୍ ଠାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ ଯୋଗ ଦେଇଥିଲେ । ଜିଲ୍ଲା ଯକ୍ଷ୍ମା ସେଲର ନୋଡ଼ାଲ୍ ଅଧିକାରୀ ଡାକ୍ତର ନାରାୟଣ ସାହୁ ଯକ୍ଷ୍ମା ରୋଗ ଓ ତାର ନିରାକରଣ ସମ୍ପର୍କରେ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର । ଜିଲ୍ଲାର କଣ୍ଟାମାଳ ବ୍ଲକ୍ ୪ଟି ହରଭଙ୍ଗା ବ୍ଲକ୍ ୧୧ଟି ବୌଦ୍ଧ ବ୍ଲକ୍ ୧୦ଟି ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଭାବରେ ଘୋଷିତ ୨୫ ଗୋଟି ପଞ୍ଚାୟତର ସରପଞ୍ଚ, ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀ ମାନଙ୍କୁ ଉକ୍ତ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଜିଲ୍ଲାରେ ଯକ୍ଷ୍ମାମୁକ୍ତ କିପରି ହେବ ଏହି ଉପରେ ଅତିଥିମାନେ ନିଜ ନିଜ ବକ୍ତବ୍ୟ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ , ଆଶା ଦିଦିମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।



# ଦେପୁର ଗ୍ରାମରେ ପାନୀୟ ଜଳ ସଂକଟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତ ଅଧିନସ୍ତ ଦେପୁର ଗାଁ ଲୋକେ ବୁନ୍ଦାଏ ପାଣି ପାଇଁ ଆଜି ଡହଳ ବିକଳ ହେଉଛନ୍ତି । ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଠାରୁ ଚାରି କିଲୋମିଟର ଓ ବ୍ଲକ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ କେନ୍ଦ୍ରାପଡ଼ା ଜିଲ୍ଲାର ଓସ୍ତପୁର ପଞ୍ଚାୟତର ଦେପୁର ଗାଁରେ ବସୁଧା ଯୋଜନାରେ ସାମିଲ୍ ଅଛି ଓ ପ୍ରତି ଘରକୁ ପାଇପ୍ ସଂଯୋଗ ହୋଇଛି ହେଲେ ପାଣି ଆସୁନି । ଗାଁରେ ବସବାସ କରୁଥିବା ହଜାର ହଜାର ଲୋକ ଆଜି ଏଇ ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି । ଅନ୍ୟପକ୍ଷରେ ଗାଁରେ ଥିବା ଅନ୍ୟ ନଳକୂପ ସବୁ ଅଚଳ ଅବସ୍ଥାରେ । ତେଣୁ ଗୋଟିଏ ନଳକୂପରେ ନାହିଁନଥିବା ଭିଡ଼ ଦେଖିବାକୁ ମିଳିଛି । ଦୀପ ତଳ ଅନ୍ଧାର ପରି ସହର ଉପକଣ୍ଠରେ ଆଜି ଜଳକଷ୍ଟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ଏକ ଲକ୍ଷ ଲିଟର ପାଣି କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହୋଇ ଘରେ ଘରେ ପାଇପ୍ ଲାଗିଲା ହେଲେ ପାଣିର ଦେଖାନାହିଁ । ଯେଉଁ ମୁନ୍ଦାଏ ପାଣି ଆସୁଛି ମଟର ଲଗାଇଥିବା ଲୋକେ ପାଣି ପାଉଛନ୍ତି । ଅନ୍ୟମାନେ ନାହିଁନଥିବା ଅସୁବିଧାର ସମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ପାଣି ଟାଙ୍କି ଘର ଆଜି ଖୋଲା ପଡିଛି ହେଲେ ଏହି ଗ୍ରାମରେ ଲୋକମାନେ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏଠାରେ ପାନୀୟ ଜଳ ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

# ବ୍ରହ୍ମପୁର ସହରରେ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଖାଦ୍ୟ ପାଇଁ ପ୍ରସିଦ୍ଧ ହାସଲ କରିଥିବା ବ୍ରହ୍ମପୁରର ଅନେକ ରେଷ୍ଟୁରାଣ୍ଟ, ହୋଟେଲ୍, ଫୁଟ୍‌ପାଥ୍ ଠେଲା ଦୋକାନରେ ଅପମିଶ୍ରିତ ତଥା ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ସୂଚନା ମିଳିଛି । ଏପରିକି କିଛି ପ୍ରମୁଖ ହୋଟେଲ୍ ମଧ୍ୟ ନିମ୍ନମାନର ଖାଦ୍ୟ ମିଳୁଥିବା ବିଇଏମ୍‌ସି ସୂତ୍ରରୁ ଜଣାପଡ଼ିଛି । ଗତ ୨ ବର୍ଷରେ ସହରରେ ୪୮୭ ଜଣ ହୋଟେଲ୍ ଓ ଫାଷ୍ଟଫୁଡ୍ ଦୋକାନୀଙ୍କୁ ବିଇଏମ୍‌ସି ପକ୍ଷରୁ ନୋଟିସ୍ ମଧ୍ୟ ଜାରି ହୋଇଛି । ଏଭଳି ଅପମିଶ୍ରିତ ଖାଦ୍ୟ ବିକ୍ରି ସହରବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ବିଇଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସହରର ରାସ୍ତାକଡ଼ ଫାଷ୍ଟଫୁଡ୍ ଷ୍ଟଲ୍ ସହ ହୋଟେଲ୍ ଓ ରେଷ୍ଟୁରାଣ୍ଟ୍ ଉପରେ ଚଢ଼ଉ କରି ନିମ୍ନମାନର ଖାଦ୍ୟ ବିକ୍ରି କରୁଥିବା ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରାଯିବା ସହିତ ନିମ୍ନମାନର ଖାଦ୍ୟକୁ ନଷ୍ଟ କରାଯାଉଛି । ସହରର କିଛି ନାମୀଦାମୀ ହୋଟେଲ୍ ଏବଂ ରେଷ୍ଟୁରାଣ୍ଟରେ ପ୍ରସ୍ତୁତି ଖାଦ୍ୟ ଏବଂ ସେଥିରେ ମିଶ୍ରଣ ହେଉଥିବା ବିଭିନ୍ନ ରାସାୟନିକ ପଦାର୍ଥକୁ ଯାଞ୍ଚ ପାଇଁ ଲ୍ୟାବ୍‌କୁ ପଠାଯାଉଛି । ଲ୍ୟାବ୍ ରିପୋର୍ଟକୁ ଆଧାର କରି ସମ୍ପୃକ୍ତ ହୋଟେଲ୍ ଏବଂ ରେଷ୍ଟୁରାଣ୍ଟକୁ ନୋଟିସ୍ କରାଯିବା ସହିତ ଜରିମାନା ଆଦାୟ କରାଯାଉଛି । ବିଇଏମ୍‌ସିର ଖାଦ୍ୟ ସୁରକ୍ଷା ବିଭାଗରୁ ହସ୍ତଗତ ହୋଇଥିବା ସୂଚନା ଅନୁସାରେ, ୨୦୨୪ ବର୍ଷରେ ବିଭାଗ ପକ୍ଷରୁ ବିଭିନ୍ନ ଫାଷ୍ଟଫୁଡ୍, ହୋଟେଲ୍, ରେଷ୍ଟୁରାଣ୍ଟ ଉପରେ ଚଢ଼ଉ କରିବା ସହିତ ୯୫ଟି ଖାଦ୍ୟ ପ୍ରସ୍ତୁତି ଦୋକାନରୁ ୧୩ ଲକ୍ଷ ୨୬ ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି । ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ୮୬୬ଟି ଖାଦ୍ୟ ନମୁନା ସଂଗ୍ରହ କରି ଯାଞ୍ଚ ପାଇଁ ପରୀକ୍ଷାଗାରକୁ ପଠାଯାଇଛି । ସମସ୍ତ ଖାଦ୍ୟ ନମୁନା ରିପୋର୍ଟ ମହାନଗର ନିଗମ ପାଖରେ ପହଞ୍ଚିଛି । ଏହି ରିପୋର୍ଟ ଆଧାରରେ ୨୩୧ଟି ହୋଟେଲ୍ ଓ ଖାଦ୍ୟ ପ୍ରସ୍ତୁତି ପ୍ରତିଷ୍ଠାନକୁ ନୋଟିସ୍ ଜାରି କରାଯାଇଛି । ସେହିପରି ୨୦୨୫ରେ ନିଗମର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ୯୨ଟି ଫାଷ୍ଟଫୁଡ୍, ବିଭିନ୍ନ ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ଉପରେ ଚଢ଼ଉ କରାଯାଇ ନିମ୍ନମାନର ଖାଦ୍ୟ ସହିତ ଅପମିଶ୍ରିତ ରାସାୟନିକ ଖାଦ୍ୟ ସାମଗ୍ରୀ ବ୍ୟବହାର ଅଭିଯୋଗରେ ୮ ଲକ୍ଷ ୪୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଉଛି । ଏହିସବୁ ହୋଟେଲ୍‌ରୁ ୧୦୨୪ଟି ଖାଦ୍ୟ ନମୁନା ଯାଞ୍ଚ ପାଇଁ ଲ୍ୟାବକୁ ପଠାଯିବା ସହିତ ତାହାର ରିପୋର୍ଟ ମଧ୍ୟ ସଂଗ୍ରହ କରାଯାଇଛି । ଏହି ଆଧାରରେ ୨୦୨୫ରେ ୨୫୬ ଟି ହୋଟେଲ୍ ଓ ଫାଷ୍ଟଫୁଡ୍ ପ୍ରତିଷ୍ଠାନକୁ ନୋଟିସ୍ ଜାରି ହୋଇଥିଲା । ମିଳିଥିବା ସୂଚନା ଅନୁସାରେ ୨୦୨୪ ତୁଳନାରେ ୨୦୨୫ରେ ସହରରେ ଅଧିକ ପରିମାଣରେ ନିମ୍ନମାନର ଖାଦ୍ୟ ଜନସାଧାରଣ ଖାଉଛନ୍ତି । ଦିନକୁ ଦିନ ଅପମିଶ୍ରିତ ଖାଦ୍ୟ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି । ଖାଦ୍ୟ ସୁରକ୍ଷା ବିଭାଗର ନୋଟିସ୍ ପରେ କିଛି ଜରିମାନା ଦେଇ ଦୋକାନୀ ତଥା ହୋଟେଲ୍‌ଗୁଡ଼ିକ ଯଥା ପୂର୍ବଂ ତଥା ପରଂ ଭଳି ଖାଦ୍ୟ ପ୍ରସ୍ତୁତି କରୁଥିବା ଲକ୍ଷ୍ୟ କରାଯାଉଛି । ବିଇଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିୟମିତ ଭାବେ ହୋଟେଲ୍ ଓ ଫାଷ୍ଟଫୁଡ୍ ଦୋକାନୀଙ୍କ ଉପରେ ଚଢ଼ଉ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି ହେଉଛି ।

## ////////// ୭୮ ବର୍ଷରେ ପହଞ୍ଚିଲା କବରାପାଲି ରାମନବମୀ ଉତ୍ସବ //////////

# ୧୧ ଦିନ ଧରି ଗାଁରେ ଆମିଷ ଭକ୍ଷଣ ସହିତ ନିଶା ଦ୍ରବ୍ୟ ସେବନ ବନ୍ଦ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଚୈତ୍ରନବମୀ ଠାରୁ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧିନସ୍ଥ କବରାପାଲି ଠାରେ ଶ୍ରୀରାମନବମୀ ଉତ୍ସବ ମହା ସମାରୋହର ଆରମ୍ଭ ହୋଇଛି । ୧୯୪୮ ମସିହାରୁ କବରାପାଲି ଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ଦିନ ଠାରୁ ଦୀର୍ଘ ୭୮ ବର୍ଷ ହେବ ରାମନବମୀ ଉତ୍ସବ ପାରମ୍ପାରିକ ରୀତୀନୀତିରେ ଆୟୋଜନ କରାଯାଇଆସୁଛି । ରାମନବମୀ ସକାଳେ ଗାଁର ମହିଳାମାନେ ଶୋଭାଯାତ୍ରାରେ ସାମିଲ୍ ହୋଇ ପୋଖରୀରୁ ଜଳ ଆଣିବା ପରେ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ଏହାପରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଏବଂ ଲକ୍ଷ୍ମଣଙ୍କ ପ୍ରତିମାକୁ ରାମ ମନ୍ଦିରରୁ ମଣ୍ଡପକୁ ଅଣାଯାଇ ସେଠାରେ ସ୍ଥାପନ କରାଯାଇଥିଲା । ରବିନ୍ଦ୍ର ବଡାଇ ଏବଂ ସୁବାସିନୀ ବଡାଇ ଯଜ୍ଞରେ କର୍ତ୍ତା ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ । ପୁରୋହିତ ଉମେଶ ଦାଶ, ସନ୍ତୋଷ ମିଶ୍ର, ଅଶ୍ୱିନୀ ବିଶ୍ୱାଳ, ସୁନିଲ ବିଶ୍ୱାଳ ପୂଜକ ଭାବେ କାର୍ଯ୍ୟ ତୁଲାଇଥିଲେ । ଦୀର୍ଘ ଏଗାର ଦିନ ଧରି ମହାପ୍ରଭୁ ମନ୍ଦିର ବାହାର ମଣ୍ଡପରେ ରହି ଭକ୍ତ ମାନଙ୍କୁ ଦର୍ଶନ ଦେବାର ପରମ୍ପରା ଗାଁରେ ରହିଆସିଛି । ଏହି ସମୟରେ ମଣ୍ଡପରେ ପ୍ରତିଦିନ ରାମାୟଣ ପାଠ ସହିତ ସନ୍ଧ୍ୟାରେ ରାମଲୀଳା ନାଟକ ଆୟୋଜନ କରାଯାଇଥାଏ । ଆସନ୍ତା ୫ ତାରିଖରେ ମଣ୍ଡପରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ଏଗାର ଦିନ ଧରି କବରାପାଲି ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ଦିନସାରା ମଣ୍ଡପରେ ରାମାୟଣ ପାଠ ଅନୁଷ୍ଠିତ ହୋଇଥାଏ । ପଣ୍ଡିତ ଅଶ୍ୱିନୀ ବିଶ୍ୱାଳ ପୁରାଣ ପାଠର ନେତୃତ୍ୱ ନେଉଥିବା ବେଳେ ସନ୍ତୋଷ ମିଶ୍ର ପୂଜା କାର୍ଯ୍ୟକ୍ରମରେ ପୌରହିତ୍ୟ କରୁଛନ୍ତି । ପ୍ରତିଦିନ ସନ୍ଧ୍ୟାରେ ମହାଆଳତି ଅନୁଷ୍ଠିତ ହୋଇଥାଏ । ଶେଷ ଦିନରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ଦୀର୍ଘ ଏଗାର ଦିନ ଧରି ଗାଁରେ ଆମିଷ ଭକ୍ଷଣ ସହିତ ନିଶା ଦ୍ରବ୍ୟ ସେବନ ବନ୍ଦ ରହିଥାଏ । ୧୧ ଦିନ ଧରି ଗ୍ରାମବାସୀ କଡାକଡି ଭାବେ ଏଭଳି ନିତିନିୟମ ପାଳନ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାନ୍ତି । କବରାପାଲିରେ ରାମନବମୀ ଅବସରରେ ରାମଲୀଳା ନାଟକ ବେଶ୍ ଆକର୍ଷଣ ସୃଷ୍ଟି କରିଥାଏ । ରାତିରେ ରାମଲୀଳା ନାଟକ ଆୟୋଜନ ପାଇଁ ପରଦା ପୂଜା ଅନୁଷ୍ଠିତ ହୋଇଥିଲା । ଏଗାର ଦିନ ଧରି କାର୍ଯ୍ୟକ୍ରମକୁ ଗାଁରୁ ଯୁବକମାନେ ବେଶ୍ ଉତ୍ସାହର ସହ ଆୟୋଜନ କରିଥାନ୍ତି । ରାମନବମୀ କମିଟିର ସଭାପତି ମହିମା ପ୍ରସାଦ ବଡାଇ, ଖୀରୋଦ ସାହୁ, ଶରତ ସାହୁ, ଅଶ୍ୱିନୀ ବଡାଇ, ମନୋଜ ବଡାଇ, ହେମନ୍ତ ସାହୁ, ସୁଦିପ୍ତ ସାହୁ, ମନୋଜ ବଡାଇ, ଦିଲିପ ବଡାଇ, ଅମରେଶ ସାହୁ, ଗୋବନ୍ଦ ସାହୁ, ସନ୍ଦିପ ସାହୁ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ରାମନବମୀ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।



# ଧର୍ମଶାଳା ଓ ଜାରକାରେ ପଲିଥିନ୍ ବ୍ୟବହାର ଉପରେ ଲଗାମ ନାହିଁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ପଲିଥିନ୍ ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରିବା ସହ କଟକଣା କଡାକଡି ଲାଗୁ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଧର୍ମଶାଳା ଓ ଜାରକା ଅଞ୍ଚଳରେ କେହି ନିୟମକୁ ମାନୁନଥିବା ଦେଖାଯାଉଛି । ଦିନକୁ ଦିନ ପଲିଥିନ୍ ବ୍ୟବହାର ବଢୁଥିବାବେଳେ ରସ୍ତାଘାଟ ନାଳ ନର୍ଦ୍ଦମା ସବୁଆଡେ ପଲିଥିନ୍‌ମୟ । ଏହାକୁ ସଫା କରିବାକୁ କେହିନାହିଁ ।ବର୍ଷାପାଣି ନିଷ୍କାସନପାଇଁ ଜାରକା ନିକଟରେ ଥିବା ସବୁ ପୋଲଗୁଡିକ ପୋତି ଦେଲେଣି । ଜାରକା, କୁମାରୀ, ଚହଟା, ପଞ୍ଚାୟତ ଓ ଦେଉଳି ପାହାଡ଼ର ବର୍ଷାଜଳ ନାଉପାଳ ଗ୍ରାମ ନିକଟରେ ଥିବା ପୋଲରେ ଯାଇ ଶାଗଡିଆ ନାଳକୁ ନିଷ୍କାସନ ହୁଏ । ଏବେ ପୋଲମୁହଁ ସବୁ ପଲିଥିନ୍‌ରେ ପୋତି ହେଲାଣି । ପଲିଥିନ୍ ଜମିରେ ଉର୍ବରତା ନଷ୍ଟ କରିବା ସଙ୍ଗେ ସଙ୍ଗେ ଗାଈଗୋରୁ ପଲିଥିନ୍ ମିଶା ଖାଦ୍ୟ ଖାଇ ରୋଗରେ ପଡୁଛନ୍ତି । ଆଗରୁ ସ୍ଥାନୀୟ ବଜାର କମିଟି କିମ୍ବା ଏକତା ମଞ୍ଚ ପକ୍ଷରୁ ସିମେଣ୍ଟ ଡଷ୍ଟବିନ୍ ରାସ୍ତା କଡ଼ରେ ରହୁଥିଲା । ଏବେ ଆଉ ଗୋଟିଏ ବି ଡଷ୍ଟବିନ୍ ଦେଖିବାକୁ ମିଳୁନାହିଁ । ବ୍ଲକ ପ୍ରଶାସନ ଓ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ । ସମ୍ପୃକ୍ତ ବିଭାଗ ପକ୍ଷରୁ ପଲିଥିନ୍ ନିଷେଧ ପାଇଁ ବ୍ୟାପକ ଚଢ଼ଉ କରାଯାଇ ଜରିମାନା କରାଯାଉ ।





# ଅପ୍ରାପ୍ତ ବୟସ୍କଙ୍କୁ ତମାଖୁ ବିକ୍ରୟ ନିଷେଧ ନେଇ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (NTCP)ଅଧୀନରେ ଆଇନ୍ ଅନୁପାଳନ ସମ୍ପର୍କିତ ଏକଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି COTPA-୨୦୦୩ (ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଇନ୍) କାର୍ଯ୍ୟକାରୀ ଅନୁପାଳନକୁ ସୁଦୃଢ଼ କରିବା ସହିତ ସାର୍ବଜନିକ ସ୍ଥାନରେ ତମାଖୁ ବ୍ୟବହାରକୁ ନିୟନ୍ତ୍ରଣ କରିବା । ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଶାଖା, ଆବକାରୀ ବିଭାଗ, ଶିକ୍ଷା ବିଭାଗ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ବିଶେଷଜ୍ଞ ଭାବେ ଡା. ମିର୍ଜା ବାବର ବୈଗ ଏବଂ ଡାକ୍ତର ନିରାକାର କର ଯୋଗଦେଇ COTPA-୨୦୦୩ର ମୁଖ୍ୟ ବ୍ୟବସ୍ଥାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ । ଯଥା ସାର୍ବଜନିକ ସ୍ଥାନରେ ଧୂମ୍ରପାନ ନିଷେଧ, ଅପ୍ରାପ୍ତବୟସ୍କଙ୍କୁ ତମାଖୁ ବିକ୍ରୟ ନିଷେଧ, ଏବଂ ଶିକ୍ଷାନୁଷ୍ଠାନର ୧୦୦ ମିଟର ମଧ୍ୟରେ ତମାଖୁ ବିକ୍ରୟ ନିଷେଧ । ଏହା ସହ ଆଇନ୍ ଅନୁପାଳନ ପ୍ରକ୍ରିୟା, ଜରିମାନା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନ ଚାରିପାଖରେ ନିୟମିତ ଯାଞ୍ଚ, ସଂଯୁକ୍ତ ଅଭିଯାନ ଏବଂ ତମାଖୁ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉପରେ ବିଶେଷ ଫୋକସ୍ କରାଯାଇଥିଲା । ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଆଇନ୍‌ର କଡ଼ାକଡ଼ ଅନୁପାଳନ ଓ ନିୟମିତ ମନିଟରିଂ ଦ୍ୱାରା ତମାଖୁ ମୁକ୍ତ ପରିବେଶ ସୃଷ୍ଟି ପାଇଁ ଆହ୍ୱାନ କରିଥିଲେ । ସମସ୍ତ ବିଭାଗକୁ ସମନ୍ୱୟରେ କାମ କରିବାକୁ ଉତ୍ସାହିତ କରାଯାଇଥିଲା । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଚାନ୍ଦବାଲିରେ ଦାଦନର ଦୁଃଖ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଦାଦନ ଖଟିବାକୁ ଦୁବାଇ ଯାଇଥିଲେ । କାମ କରି ଟଙ୍କା ଆଣିଲେ ଘରର ଛାତ ପଡିବ ବୋଲି କହିଯାଇଥିଲେ ହେଲେ ଶବ ହୋଇ ଫେରିଲେ ଗାଁକୁ । ପାଖାପାଖି ଏକ ବର୍ଷ ହେବ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଉତୁକୁଡା ଗ୍ରାମ ପଞ୍ଚାୟତ ଉତୁକୁଡା ଗାଁର ବୀରଭଦ୍ର ନାୟକ ଦାଦନ ଖଟିବାକୁ ଦୁବାଇ ଯାଇଥିଲେ । ସେଠାରେ ସେ ଏକ କମ୍ପାନୀରେ ପ୍ଲମ୍ବର ଭାବେ କାର୍ଯ୍ୟ କରୁଥିଲେ ହେଲେ ଗତ ଫେବୃୟାରୀ ମାସ ୨୭ତାରିଖ ରାତିରେ କାର୍ଯ୍ୟରତ ସମୟରେ ଖସି ପଡିବାରୁ ବୀରଭଦ୍ରଙ୍କର ମୃତ୍ୟୁ ଘଟିଥିବା ଘରକୁ ଖବର ଆସିଥିଲା । ପାଖାପାଖି ଏକ ମାସ ହେବ ବୀରଭଦ୍ରର ମୃତ ଦେହ ଫେରିବା ବାଟକୁ ଅନାଇ ବସିଥିଲେ ପରିବାର ଲୋକଙ୍କ ସହ ସାହି ପଡିସା । ଗାଁରେ ମୃତ ଦେହ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ସାରା ପରିବେଶ । ପୁଅକୁ ଦେଖିବା ପାଇଁ ଦିନ ରାତି କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିନଥିଲା ବୁଢ଼ୀ ମା'ର । ପୁଅର ମୃତ ଦେହ ଦେଖିବା ପରେ ମା' ଓ ସ୍ତ୍ରୀ ବାହୁନି ବାହୁନି କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇପଡିଥିଲେ । ଅନ୍ୟପଟେ ବୀରଭଦ୍ରର ମୃତ ଦେହ ସଠିକ୍ ସମୟରେ ଫେରିନଥିବାରୁ ବୀରଭଦ୍ରର ଏକ କୁଶ ପୁତ୍ତଳିକା ବନାଇ ଶୁଦ୍ଧିକ୍ରିୟା ସାରିଥିଲେ ପରିବାର ଲୋକେ । ୨୭ ତାରିଖ ଦିନ ଭିଡିଓ କଲ୍ କରି ପରିବାର ଲୋକଙ୍କ ସହ କଥା ମଧ୍ୟ ହୋଇଥିଲେ । ଶୁଦ୍ଧିକ୍ରିୟାର ୧୯ ଦିନ ପରେ ସରକାରଙ୍କ ଉଦ୍ୟମରେ ଗାଁରେ ପହଞ୍ଚିଥିଲା ମୃତଦେହ । ମଧ୍ୟପ୍ରାଚୀ ଯୁଦ୍ଧ ପାଇଁ ମୃତଦେହ ଆସିବାରେ ବିଳମ୍ବ ହୋଇଥିବା କଥା କହିଛନ୍ତି ପରିବାର ଲୋକେ । ମୃତଦେହ ପହଞ୍ଚିବା ପରେ ଗାଁରେ ଅତିରିକ୍ତ ଶ୍ରମ ଅଧିକାରୀ ପହଞ୍ଚି ସମବେଦନା ଜଣାଇବା ସହ ଯାହା ସରକାରୀ ସାହାର୍ଯ୍ୟ ମିଳିବା କଥା ମିଳିବ ବୋଲି ଜଣାଇଥିଲେ । ଅନ୍ୟପଟେ ବୀରଭଦ୍ରଙ୍କୁ ତୁରନ୍ତ କ୍ଷତିପୂରଣ କିପରି ମିଳିବ ତାର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ପରିବାରର ଅନୁରୋଧ କ୍ରମେ ଶବ ଫେରାଇବା ପାଇଁ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସହ ଶ୍ରମ ଅଧିକାରୀ ୨ ମାର୍ଚ୍ଚରେ ତଦନ୍ତ କରି ରିପୋର୍ଟ ଜିଲ୍ଲା ଶ୍ରମ ଅଧିକାରୀ ଓ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ । ପରବର୍ତ୍ତୀତ, ପ୍ରବାସୀ ଶ୍ରମିକ ହେବାରୁ ଶ୍ରମ ଆୟୁକ୍ତ ଦ୍ୱାରା ବିଦେଶ ମନ୍ତ୍ରାଳୟ ସହ ସମ୍ପର୍କ ସ୍ଥାପନ କରାଯାଇ ଶବ ପ୍ରତ୍ୟାର୍ପଣ ଓ ଆର୍ଥିକ ସହାୟତା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗ, ଓଡ଼ିଶା ପରିବାର, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀଙ୍କ ସମ୍ମିଳିତ ପ୍ରୟାସରେ ବୀରଭଦ୍ରଙ୍କ ପାର୍ଥିବ ଦେହ ବିମାନ ଯୋଗେ ହାଇଦ୍ରାବାଦ ପହଞ୍ଚିଥିଲା । ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ଜନ୍ମମାଟିକୁ ଆଣାଯାଇ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ସୃଷ୍ଟି କରିଛି ।

# ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ଓ ଶୌଚାଳୟ ଫି ବୃଦ୍ଧି ନେଇ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ନିର୍ମାଣାଧିନ ଓଭରବ୍ରିଜ୍ ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡକୁ ନିକଟରେ ହଳଦିଆପଦର ଓ ଡୁଡୁମା କଲୋନୀକୁ ସ୍ଥାନାନ୍ତର କରାଯାଇଛି । ପ୍ରଶାସନର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲେ ହେଁ ଯାତ୍ରୀଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁପଡୁଥିବା ଅଭିଯୋଗ ହୋଇଛି । ସମ୍ପ୍ରତି ହଳଦିଆପଦର ବସ୍‌ଷ୍ଟାଣ୍ଡରେ ଥିବା ଶୌଚାଳୟ ବ୍ୟବହାର ପାଇଁ ଯାତ୍ରୀଙ୍କୁ ଟଙ୍କା ଦେବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଯାତ୍ରୀଙ୍କ ଠାରୁ ପରିସ୍ରା ପାଇଁ ୫ ଟଙ୍କା ଏବଂ ସ୍ନାନ ଓ ଶୌଚ ପାଇଁ ୧୦ ଟଙ୍କା ଲେଖାଏଁ ଫି' ଆଦାୟ କରାଯାଉଛି । ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଏହା ଆର୍ଥିକ ବୋଝ ସଦୃଶ । ବସ୍‌ଷ୍ଟାଣ୍ଡ ଶୁଭାରମ୍ଭ ପୂର୍ବରୁ ୱାଟ୍‌କୋ ପକ୍ଷରୁ ନିଶୁଳ୍କ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା । ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟର ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ୱାଟ୍‌କୋ ପକ୍ଷରୁ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏଠାରେ ଉକ୍ତ ବ୍ୟବସ୍ଥା ନଥିବାରୁ ଯାତ୍ରୀଙ୍କୁ ବାଧ ହୋଇ ଟଙ୍କା ଦେଇ ଶୌଚାଳୟ ବ୍ୟବହାର କରିବାକୁ ପଡୁଛି । ଶୌଚାଳୟ ବ୍ୟବହାର ବାବଦକୁ ଧାର୍ଯ୍ୟ ଫି' ଯାତ୍ରୀଙ୍କ ନିମନ୍ତେ ଅଧିକ ରହୁଥିବା ଅନେକ ଯାତ୍ରୀ ଅଭିଯୋଗ କରିଛନ୍ତି । ଯଦ୍ୱାରା ବହୁ ଯାତ୍ରୀ ଖୋଲାରେ ପରିସ୍ରା କରୁଥିବାରୁ ବସ୍‌ଷ୍ଟାଣ୍ଡ ପରିସର ଅପରିଷ୍କାର ହେଉଛି । ଯାହାକୁ ନେଇ ଜନସାଧାରଣ ଓ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ନିଶୁଳ୍କ କିମ୍ବା ସ୍ୱଳ୍ପ ମୂଲ୍ୟରେ ଶୌଚାଳୟ ସୁବିଧା ଉପଲବ୍ଧ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଇଡ଼ିଏ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ଧାମନଗର ଶିକ୍ଷା ବିଭାଗରେ ଶିଶୁବାଟିକା ବାଟବଣା

## ////////////// କାଗଜ କଲମରେ ଯୋଜନା, ବାସ୍ତବରେ ଶୂନ୍ //////////////

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସରକାରୀ ବ୍ୟବସ୍ଥାରେ ସଂସ୍କାରର ଡିଣ୍ଡିମ ପିଟୁଥିବା ବେଳେ ଅନେକ ଯୋଜନାର ପ୍ରତିଶ୍ରୁତି ଏବେ ବାଟବଣା ହେଉଛି । ଶିଶୁ ବାଟିକା ଯୋଜନା ଜରିଆରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ଓ ସାମାଜିକ ସ୍ତରରେ ଅସହାୟ ମହିଳାଙ୍କୁ ନିଯୁକ୍ତି ଦେବାର ଯେଉଁ ସ୍ୱପ୍ନ ଦେଖାଯାଇଥିଲା, ତାହା ଏବେ ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ଅନ୍ଧାରକୁ ଠେଲି ହୋଇଯାଇଛି । ସୂଚନାଯୋଗ୍ୟ ଯେ, ଧାମନଗର ବ୍ଲକର ପ୍ରାୟ ୨୪୨ଟି ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଅତିକମ୍‌ରେ ୩୮ଟି ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା (୧ମ ଓ ୨ୟ ଶ୍ରେଣୀ) ୩୦ ରୁ ଅଧିକ ରହିଛି । ସରକାରୀ ନିୟମ ଅନୁଯାୟୀ, ଏହି ସ୍କୁଲ୍ ଗୁଡ଼ିକରେ ତୁରନ୍ତ ଶିଶୁ ବାଟିକା ଶିଶୁ ସେବୀକା ନିଯୁକ୍ତି ହେବା କଥା । ଏହି ପଦବୀ ପାଇଁ ଗ୍ରାମର ବିଧବା କିମ୍ବା ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କୁ ପ୍ରାଥମିକତା ଦେବାର ସ୍ପଷ୍ଟ ନିୟମ ରହିଛି । ମାତ୍ର ଦୁର୍ଭାଗ୍ୟର ବିଷୟ, ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ଗଠନ ହୋଇନଥିବା ଦର୍ଶାଇ ପ୍ରଶାସନ ଏହି ପ୍ରକ୍ରିୟାକୁ ଗଡ଼ାଇ ଚାଲିଛି । ପ୍ରକାଶଥାଉ କି ମାର୍ଚ୍ଚ ୩୧ ତାରିଖରେ ପୁରୁଣା SMC ଭାଙ୍ଗି ନୂଆ କମିଟି ଗଠନ ହେବାର ନିର୍ଦ୍ଦେଶକୁ ଆଖି ଆଗରେ ରଖି ଶିକ୍ଷା ବିଭାଗ ନିଜର ଦାୟିତ୍ୱ ସାରି ଦେଇଛି । ଯଦି କମିଟି ଗଠନ ହୋଇନାହିଁ, ତେବେ ଏଥିପାଇଁ ଦାୟୀ କିଏ ! କାହିଁକି ସମୟ ସୀମା ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରାଗଲା ନାହିଁ । ଜଣେ ଅସହାୟ ବିଧବା କିମ୍ବା ପରିତ୍ୟକ୍ତ ମହିଳାଙ୍କ ପେଟକୁ ଦାନା ଦେବା ପାଇଁ ପ୍ରଶାସନକୁ କ'ଣ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଶିଶୁମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ବ୍ଲକ ଶିକ୍ଷା ବିଭାଗ କେଉଁ ଆଧାରରେ ନୀରବଦ୍ରଷ୍ଟା ସାଜିଛନ୍ତି । ଅଭିଯୋଗ ହେଉଛି ଯେ, ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଅପେକ୍ଷା ନିଜର ପସନ୍ଦର ଲୋକଙ୍କୁ ଥଇଥାନ କରିବା ପାଇଁ ହୁଏତ ଭିତରେ ଭିତରେ ଅନ୍ୟ କିଛି ଗୋଟି ଚାଳନା ଚାଲିଛି । ଯଦି ତୁରନ୍ତ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାନଯାଏ, ତେବେ ଆଗାମୀ ଦିନରେ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି । ଧାମନଗରର ଶିକ୍ଷା ବ୍ୟବସ୍ଥାରେ ଏହି ଅଚଳାବସ୍ଥା କେବେ ସୁଧୁରିବ ଏବଂ ଅସହାୟ ମହିଳାମାନେ କେବେ ନ୍ୟାୟ ପାଇବେ, ତାହା ଏବେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି । ସୂଚନା ଥାଉକି ଗତବର୍ଷ ସରକାର ଘୋଷଣା କଲେ କି ବିଦ୍ୟାଳୟରେ ନୂଆ ସରକାରଙ୍କ ନୂଆ ନିୟମ ଅନୁଯାୟୀ ସ୍କୁଲ ପରିଚାଳନା କମିଟି କରାଯିବ ଏବଂ ପୁରୁଣା କମିଟିକୁ ଭାଙ୍ଗି ଦିଆଯିବ, ଏନେଇ ସରକାରଙ୍କ ପକ୍ଷରୁ ଚିଠି କରାଗଲା ମାତ୍ର ଆଜି ସୁଦ୍ଧା ସେହି ନିୟମ କାର୍ଯ୍ୟକାରୀ ହୋଇପାରିଲାନାହିଁ । ଧାମନଗର ବ୍ଲକର ଅନେକ ବିଦ୍ୟାଳୟରେ କାର୍ଯ୍ୟ କାଳ ସରିଯାଇଥିଲେ ବି ସମୟ ସୀମା ବଢ଼ାଇବାରେ ଲାଗିଛନ୍ତି । ସେହିପରି ଧାମନଗର ବ୍ଲକରେ ପାଖାପାଖି ୨୦ରୁ ଉର୍ଦ୍ଧ ସ୍କୁଲ୍‌ରେ ରାଜନୈତିକ ବିବାଦ ଓ ବିଭାଗର ଅସହଯୋଗ ଯୋଗୁଁ କମିଟି ଗଠିତ ହୋଇପାରୁନି । ଫଳରେ ବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁନଥିବା ବେଳେ ସରକାର ଟଙ୍କାବି ଫେରିଯାଉଛି । ଅପରପକ୍ଷେ ଧାମନଗର ବ୍ଲକର ବ୍ଲକ ଶିକ୍ଷାଧିକାରୀଙ୍କ ପଦବୀ ପୁରଣ ହୋଇନଥିବାରୁ କମିଟି ଗଠନରେ ବିଳମ୍ବ ବି ହେଉଛି । ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଭିଭାବକ ମାନେ ଦାବି କରିଛନ୍ତି ।

# ଗବେଷଣା ସହଭାଗିତା ନେଇ ସୋଆ ଏବଂ ସିସିଆର୍‌ଏସ୍-ସିଏଆର୍‌ଆଇ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆୟୁର୍ବେଦ ବିଜ୍ଞାନ କ୍ଷେତ୍ରରେ ଗବେଷଣା ସହଭାଗିତା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ୍ କାଉନ୍‌ସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ ସାଇନ୍‌ସେସ୍ (ସିସିଆର୍‌ଏଏସ୍) ଅଧିନସ୍ଥ ସେଣ୍ଟ୍ରାଲ୍ ଆୟୁର୍ବେଦ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅର୍ଥାତ୍ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ଅନୁଷ୍ଠାନ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । ସିସିଆର୍‌ଏଏସ୍ ହେଉଛି ଆୟୁଷ ମନ୍ତ୍ରଣାଳୟ ଅଧିନସ୍ଥ ଏକ ସ୍ୱୟଂଚାଳିତ ଅନୁଷ୍ଠାନ ଯାହାକି ଭାରତରେ ଆୟୁର୍ବେଦ ବିଜ୍ଞାନର ଗବେଷଣା, ପରିଚାଳନା, ଗଠନ ଓ ପ୍ରୋତ୍ସାହନର କାର୍ଯ୍ୟ କରିଥାଏ । ଏହି ବୁଝାମଣା ଅନୁଯାୟୀ ଆୟୁର୍ବେଦ ତୈଳ ପ୍ରସ୍ତୁତି ନେଇ ସୋଆ ଏବଂ ସିଆର୍‌ଆଇ ଦୁଇ ବର୍ଷ ଧରି ଏକତ୍ରିତ ଭାବେ ଗବେଷଣା ପ୍ରକଳ୍ପରେ କାର୍ଯ୍ୟ କରିବେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚିରାଚରିତ ତୈଳକୁ ଅତ୍ୟାଧୁନିକ ତୈଳରେ ପରିବର୍ତ୍ତନ କରି ରୋଗୀଙ୍କ ସେବାରେ ନିୟୋଜିତ କରିବା । ଏହି ପ୍ରକଳ୍ପଟିକୁ ସିସିଆର୍‌ଏଏସ୍-ସିଏଆର୍‌ଆଇ ଅନୁଦାନ ପ୍ରଦାନ କରିଥିବା ବେଳେ ଗବେଷଣା କାର୍ଯ୍ୟଗୁଡ଼ିକ ସୋଆର ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ପ୍ରଫେସର ଅନିନ୍ଦ୍ୟ ବୋଷ, ସିସିଆର୍‌ଏଏସ୍-ସିଏଆର୍‌ଆଇର ରିସର୍ଚ୍ଚ ଅଫିସର (ଆୟୁର୍ବେଦ) ଡକ୍ଟର ପୁର୍ଣ୍ଣେନ୍ଦୁ ପଟ୍ଟନାୟକ, ପ୍ରିନ୍ସିପାଲ୍ ଆଡଭାଇଜର ଏବଂ ଏସ୍‌ପିଏସ୍ ଡକ୍ଟର ଶକ୍ତିକେତନ ପୃଷ୍ଟି କୋପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେସନ୍ ଭାବେ ନେତୃତ୍ୱ ନେବେ । ବୁଝାମଣା ସମୟରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର୍ ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଏବଂ ସିସିଆର୍‌ଏଏସ୍-ସିଏଆର୍‌ଆଇର ନିର୍ଦ୍ଦେଶକ ଡକ୍ଟର ଏମ୍.ଏମ୍ ରାଓଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଡକ୍ଟର ରାଓଙ୍କୁ ସିସିଆର୍‌ଏଏସ୍ ପକ୍ଷରୁ ପ୍ରୋଜେକ୍ଟ କୋଅର୍ଡିନେଟର୍ ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଛି ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩୦ ମାର୍ଚ୍ଚ, ସୋମବାର, ୨୦୨୬



# ମା' ବଡ଼ରାଉଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଝାଲିଆଗୋଛାକୁ ହରାଇଲା ହରିଗଡ଼

**ଭଞ୍ଜନଗର**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ନୁଆପଲ୍ଲୀଠାରେ ରବିବାରଠାରୁ ଆରମ୍ଭ ହୋଇଛି ମା' ବଡ଼ରାଉଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍ ଝାଲିଆଗୋଛା ଓ ହରିଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ହରିଗଡ଼ ୨୮ ରନ୍‌ରେ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛି। ଝାଲିଆଗୋଛା ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ହରିଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କାହ୍ନା ସର୍ବାଧିକ ୩୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ଝାଲିଆଗୋଛା ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ୍ ହରାଇ ୬୪ ରନ୍ ସଂଗ୍ରହ କରିଥିଲା। ହରିଗଡ଼ର କାହ୍ନାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଣେଶ ଓ ଅଶ୍ୱିନୀ ଆମ୍ପାୟର ଦାୟିତ୍ୱରେ ଥିଲେ। ପବିତ୍ର ବେହେରା ସ୍କୋରର ଦାୟିତ୍ୱରେ ଥିଲେ। ଗାଲେରୀ ସରପଞ୍ଚ ପ୍ରତିନିଧି ଶଙ୍କର୍ଷଣ ମହାରଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବ୍ରାହ୍ମଣପଦର ସରପଞ୍ଚ ବନମାଳୀ ଗୌଡ଼, ହରିଗଡ଼ ସରପଞ୍ଚ ପ୍ରତିନିଧି ମରାଠା ଦଳବେହେରା, ପୂର୍ବତନ ସରପଞ୍ଚ ପ୍ରତିନିଧି ଦିଲ୍ଲୀପ ବେହେରା, ସମାଜସେବୀ ବାବୁଲା ପାତ୍ର ଏବଂ ଜୀତେନ୍ଦ୍ର କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୀବ, ଟୁନା, କାଳିଆ, ଅରୁଣ, ସୁରେଶ, ବିଘ୍ନ, ରାଜୀବ, ରବି, ବିଜୟ ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।



# କୋଲକାତାକୁ ୬ ୱିକେଟ୍‌ରେ ହରାଇଲା ମୁମ୍ବାଇ

**ମୁମ୍ବାଇ**

ପ୍ରାରମ୍ଭିକ ବ୍ୟାଟର ରାୟନ ରିକେଲ୍ଟନ ଏବଂ ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଇଣ୍ଡିଅନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୯ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌କୁ ମୁମ୍ବାଇ ଇଣ୍ଡିଆନ୍ସ ଜିତିଛି। ୱାଙ୍ଖେଡେ ଷ୍ଟାଡିୟମରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଦିଆଯାଇଥିବା ୨୨୧ ରନ୍ ଟାର୍ଗେଟକୁ ୧୯.୧ ଓଭରରେ ୪ଟି ୱିକେଟ୍ ହରାଇ ପୂରା କରିଛି। ମୁମ୍ବାଇ ଦଳ ଏହି ମ୍ୟାଚ୍‌ରେ ୨୨୪ ରନ୍ ସଂଗ୍ରହ କରିବା ସହିତ ୬ ୱିକେଟ୍‌ରେ ବିଜୟ ହାସଲ କରିଛି।

ରାୟନ ରିକେଲ୍ଟନ ଦଳ ପାଇଁ ସର୍ବାଧିକ ୮୧ ରନ୍ ସଂଗ୍ରହ କରିଥିଲେ। ସେ ୪୩ଟି ବଲ୍ ଖେଳି ୪ଟି ଚୌକା ଏବଂ ୮ଟି ଛକା ମାରିଥିଲେ। ସେହିପରି ରୋହିତ ଶର୍ମା ୩୮ଟି ବଲ୍ ଖେଳି ୬ଟି ଚୌକା ଏବଂ ୬ଟି ଛକା ମାରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟ୍‌ରୁ ୧୬ ରନ୍ ଅମଳ ହୋଇଥିଲା। ସେ ୮ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ।

ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଲା ପରେ କୋଲକାତା ବ୍ୟାଟିଂ କରିବାକୁ ଆସିଥିଲା। ଅତିଥି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୨୦ ରନ୍ ସଂଗ୍ରହ କରିଥିଲା। ଯେତେବେଳେ ନେଟ୍ ରନ୍ ହାର କ୍ରମାଗତ ଭାବରେ ହ୍ରାସ ପାଉଥିଲା ଏବଂ କୋଲକାତା ଉପରେ ଚାପ ବଢୁଥିଲା ଏହି ସମୟରେ ରହାଣେଙ୍କୁ ଆଉଟ୍ ହୋଇଥିଲେ। ରହାଣେଙ୍କୁ ଶାର୍ଦ୍ଦୁଳ ଠାକୁର ଆଉଟ୍ କରିଥିଲେ। ରାହାଣେ ୪୦ଟି ବଲ୍ ଖେଳି ୩ଟି ଚୌକା ଏବଂ



୫ଟି ଛକା ବଳରେ ୬୭ ରନ୍ କରିଥିଲେ। କୋଲକାତା ତୃତୀୟ ୱିକେଟ୍ ସୁଦ୍ଧା ୧୪୫ ରନ୍ ସଂଗ୍ରହ କରିଥିଲା।

ରାହାଣେଙ୍କ ପୂର୍ବରୁ ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା କ୍ୟାମେରନ୍ ଗ୍ରିନ୍ ଆଉଟ୍ ହୋଇଥିଲେ। ସେ ବଲ୍‌କୁ ଅଫ୍ ସାଇଡ୍ ଖେଳି ଶେରଫେନ୍ ରଥର ଫୋର୍ଡଙ୍କ ହାତରେ କ୍ୟାଚ୍ ହୋଇଥିଲେ। ଗ୍ରିନ୍ ୧୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୧୮ ରନ୍ ସଂଗ୍ରହ କରିଥିଲେ।

ପାୱାରପ୍ଲେ ସମୟରେ କୋଲକାତା ନାଇଟ୍ ରାଇଡର୍ସକୁ ଭଲ ବ୍ୟାଟିଂ କରିଥିଲା। ଅଜିଙ୍କ୍ୟ ରହାଣେ ଏବଂ ଫିନ୍ ଆଲେନ୍ ୬୯ ରନ୍‌ର ଭାଗୀଦାରୀ ସହିତ ଦଳକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ଫିନ୍ ଆଲେନ୍ ୩୭ ରନ୍ କରିଥିଲେ। ପାୱାରପ୍ଲେର ଶେଷ ଓଭରର ଦ୍ୱିତୀୟ ବଲ୍‌ରେ ଫିନ୍ ଆଲେନ୍ ଏକ ବଡ଼ ସଟ୍ ମାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସୀମାରେ ଠିଆ ହୋଇଥିବା ତିଲକ ବର୍ମା ଏକ ସରଳ କ୍ୟାଚ୍ ନେଇଥିଲେ। ଯୁବ ବ୍ୟାଟର ରିଙ୍କୁ ସିଂହ ଅପରାଜିତ ୩୩ ରନ୍ ସଂଗ୍ରହ କରିଥିବା ବେଳେ ସେ ୨୧ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ। ରମଣଦୀପ ସିଂହ ଅପରାଜିତ ରହି ୪ଟି ବଲ୍‌ରୁ ୪ ରନ୍ ସଂଗ୍ରହ କରିଥିଲେ।

# ଖେଳ

# ଦଳାଚକଟା ପୀଡ଼ିତାଙ୍କୁ ପ୍ରଥମ ବିଜୟ ଉତ୍ସର୍ଗ କଲା ଆରସିବି



**ବେଙ୍ଗାଲୁରୁ**

ସନ୍‌ରାଇଜର୍ସ ବିପକ୍ଷ ମ୍ୟାଚ୍‌ରେ ଏକ ଜବରଦସ୍ତ ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜ ବେଙ୍ଗାଲୁରୁ (ଆରସିବି) ତା'ର ଅଭିଯାନ ଆରମ୍ଭ କରିଛି। ଦଳର ଏହି ବିଜୟକୁ ଅଧିନାୟକ ରଜତ ପଟିଦାର ଗତବର୍ଷ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ଲାଗି ଉତ୍ସର୍ଗ କରିଛନ୍ତି।

ଫ୍ରାଞ୍ଚାଇଜ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଭିଡିଓରେ ପଟିଦାର କହିଛନ୍ତି, ଏହି ବିଜୟକୁ ଆମେ ଗତବର୍ଷ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କୁ ଉତ୍ସର୍ଗ କରୁଛୁ। ଏହାବାଦ୍ ସେ ପ୍ରକାଶ କରିଛନ୍ତି, ଏହି ବିଜୟ ଲାଗି ଦେବଦତ୍ତ ପଡିକଲ ଓ ବିରାଟ କୋହଲିଙ୍କୁ ଶ୍ରେୟ ଦିଆଯିବା ଦରକାର। ୨୦୦ ଟାର୍ଗେଟ ପିଛା କରିବା କଷ୍ଟକର। ହେଲେ ଖେଳାଳିମାନେ ଖୁବ୍ ଭଲ ବ୍ୟାଟିଂ ଓ ବୋଲିଂ କରିଥିଲେ ବୋଲି ଅଧିନାୟକ କହିଛନ୍ତି।

# ଏମଏଲ୍‌ସି ଦଳରେ ସାମିଲ ହେଲେ ଅଶ୍ୱିନୀ

**ନୂଆଦିଲ୍ଲୀ**

ଭାରତର ପୂର୍ବତନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆମେରିକାରେ ମେଜର ଲିଗ୍ କ୍ରିକେଟ୍ ଖେଳିବା ପାଇଁ ଚୁକ୍ତି କରିଛନ୍ତି। ତାଙ୍କୁ ସାନ ଫ୍ରାନସିସ୍କୋ ୟୁନିକର୍ଣ୍ଣ ଆଗାମୀ ସିଜନ ପାଇଁ ଚୁକ୍ତି କରିଛି। ଭାରତର ପ୍ରଥମ ଅବସରପ୍ରାପ୍ତ ଖେଳାଳି ଭାବେ ଅଶ୍ୱିନ ଏମଏଲସି ଖେଳିବାକୁ ଯାଉଛନ୍ତି। ଅଶ୍ୱିନ ପୂର୍ବରୁ ବିଗବାସ୍ ଲିଗ୍ ଖେଳିବା ପାଇଁ ମଧ୍ୟ ସିଡନୀ ଥଣ୍ଡର ସହ ଚୁକ୍ତି କରିଥିଲେ। ମାତ୍ର ଏହା ପୂର୍ବରୁ ସେ ଆହତ ହୋଇଥିଲେ। ସିଡନୀ ଥଣ୍ଡର ଦଳରେ



ଯୋଗ ଦେବା ପୂର୍ବରୁ ଅଭ୍ୟାସ ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା।

ସୂଚନାଯୋଗ୍ୟ, ସାନ ଫ୍ରାନ୍ସିସ୍କୋ ୟୁନିକର୍ଣ୍ଣ ଦଳ ଏପର୍ଯ୍ୟନ୍ତ ଏମଏଲସି ଟାଇଟଲ ଜିତି ନାହିଁ। କେବଳ ୨୦୨୪ ସିଜନରେ ଦଳ ଫାଇନାଲ୍ ଖେଳିଥିଲା ଓ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏମ୍‌ଏଲ୍‌ସିରେ ଆଇପିଏଲ୍ ଫ୍ରାଞ୍ଚାଇଜ ମାନେ ଦଳ କିଣିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଏମ୍‌ଆଇ ନ୍ୟୁୟର୍କ ଦଳ କିଣିଥିବାବେଳେ ଚେନ୍ନାଇ ସୁପରକିଙ୍ଗ୍ସ ଟେକ୍ସାସ ସୁପରକିଙ୍ଗ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ଏଲଏ ନାଇଟ ରାଇଡର୍ସ ଦଳ କିଣିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଅଶ୍ୱିନ ଆମେରିକାରେ କ୍ରିକେଟର ବିକାଶରେ ଅବଦାନ ଦେଉଥିବା ଖେଳାଳିଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଯାହା ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ ଗେମ୍ସରେ କ୍ରିକେଟ ପୂର୍ବରୁ ଦୃଷ୍ଟି ଆକର୍ଷଣ କରିବ। ଲିଗ୍ ଆୟୋଜକ ମାନେ ତାଙ୍କ ଚୁକ୍ତିକୁ ସେମାନଙ୍କ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭାବରେ ବିବେଚନା କରୁଛନ୍ତି। 'ଭାରତ ବାହାରେ ଅଶ୍ୱିନ ପ୍ରଥମ ଥର ପାଇଁ ଏକ ପ୍ରମୁଖ ବିଶ୍ୱ ଫ୍ରାଞ୍ଚାଇଜ୍ ପ୍ରତିଯୋଗିତାରେ ଖେଳିବେ। ଏହି କ୍ଷମତାର ଖେଳାଳିଙ୍କୁ ଆକର୍ଷିତ କରିବାରେ ପ୍ରଥମ ଲିଗ୍ ହେବ।' ୨୦୨୪ ମସିହାରେ ଆରମ୍ଭ ହେବା ପରଠାରୁ ଗତ ତିନି ବର୍ଷ ମଧ୍ୟରେ ଲିଗ୍ କିପରି ବିକଶିତ ହୋଇଛି। ଆଗାମୀ ଏମସିଏଲ ସିଜିନ୍ ଜୁନ୍ ୧୮ରୁ ଜୁଲାଇ ୧୮ ପର୍ଯ୍ୟନ୍ତ ଚାଲିବ।

# ବାରିପଦା ଓକିଲ ସଂଘ ନିର୍ବାଚନ

## ଜ୍ୟୋତି ପ୍ରକାଶ ସଭାପତି, ବିପ୍ଲବ ବାରିକ ସମ୍ପାଦକ ନିର୍ବାଚିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଓକିଲ ସଙ୍ଘ ବାରିପଦାର ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇ ଫଳାଫଳ ପ୍ରକାଶ ପାଇଛି। ସଭାପତି ଭାବରେ ଜ୍ୟୋତିପ୍ରକାଶ ରଥ ୯୩ଟି ଭୋଟରେ ପ୍ରବୀର କୁମାର ବସାଙ୍କ ଠାରୁ ଆଗୁଆ ରହି ବିଜୟ ଲାଭ କରିଥିବା ବେଳେ ସମ୍ପାଦକ ଭାବରେ ବିପ୍ଲବ କୁମାର ବାରିକ ଜ୍ଞାନ ରଞ୍ଜନ ଜେନାଙ୍କ ଠାରୁ ୧୭୫ଟି ଭୋଟରେ ଆଗୁଆ ରହି ବିଜୟ ଲାଭ କରିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ୱେଲଫେୟାର ଭାବରେ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଲାଇବ୍ରେରୀ ଭାବରେ କୃଷ୍ଣ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଏଡ଼ମିନିଷ୍ଟ୍ରେସନ ଭାବରେ ପଙ୍କଜ କୁମାର ମହାକୁଡ଼ ଏବଂ ପରିଚାଳନା ସଦସ୍ୟ ଭାବରେ ଗିରିଶ ଚନ୍ଦ୍ର ମହାନ୍ତ, ଦେବରାଜ ମିଶ୍ର ଏବଂ ଗୌତମ ଶଙ୍କର ରାୟ ବିଜୟ ଲାଭ କରିଥିବାର ଜଣାଯାଇଛି। ନିର୍ବାଚନ ଅଧିକାରୀ ଭାବରେ କିଶୋର ଚନ୍ଦ୍ର ମହାନ୍ତି ସହଯୋଗୀ ମାନଙ୍କ ସହିତ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।



# ଭାରତୀୟ ବଧିର କ୍ରିକେଟ୍ ଦଳରେ ଓଡ଼ିଶାର ସନ୍ତୋଷ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଆଫ୍ରିକା ଗସ୍ତ ଲାଗି ଭାରତୀୟ ବଧିର କ୍ରିକେଟ୍ ଦଳ ଘୋଷିତ ହୋଇଛି। ଏହି ୧୪ ଜଣିଆ ଦଳରେ ଓଡ଼ିଶାର ସନ୍ତୋଷ କୁମାର ମହାପାତ୍ରଙ୍କୁ ସ୍ଥାନ ମିଳିଛି। ଭାରତ ଏହି ଗସ୍ତରେ ଘରୋଇ ଦଳ ବିପକ୍ଷରେ ୩ଟି ଟ୍ୱେଣ୍ଟି-୨୦ ଓ ୨ଟି ଦିନିକିଆ ଖେଳିବ। ଏହି ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକ ଏପ୍ରିଲ ୨୬ରୁ ମେ' ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଦିନିକିଆ ମ୍ୟାଚ୍ ଏପ୍ରିଲ ୨୬ ଓ ୨୮ ତାରିଖରେ ଖେଳାଯିବାକୁ ଥିଲା ବେଳେ ଏପ୍ରିଲ୍ ୩୦, ମେ' ୧ ଓ ୨ ତାରିଖରେ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ଗସ୍ତ ପୂର୍ବରୁ ଏପ୍ରିଲ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଅନଗୁଳ ଜିଲ୍ଲା



ତାଲଚେରର ସନ୍ତୋଷ ଜଣେ ଭଲ ଅଲ୍‌ରାଉଣ୍ଡର। ସେ ଚମତ୍କାର ବ୍ୟାଟିଂ ଓ ବୋଲିଂ କରିବା ସହ କ୍ଷେତ୍ର ରକ୍ଷଣରେ ମଧ୍ୟ ତାଙ୍କର ପାରଦର୍ଶିତା ରହିଛି। ସେ ୨୦୦୬ରୁ ତାଲଚେରସ୍ଥିତ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ? ଓ ୨୦୦୮ରୁ ଅନଗୁଳ ଡିଷ୍ଟ୍ରିକ୍ଟ କ୍ରିକେଟ୍ ସହ ଅନୁବନ୍ଧିତ ଅଛନ୍ତି। ଗତ ମାସରେ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ଏସିଆ କପ୍ ବଧିର କ୍ରିକେଟ୍ ପ୍ରତିଯୋଗିତାରେ ସନ୍ତୋଷ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ଜାତୀୟ ଦଳରେ ନିଜ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ସନ୍ତୋଷଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଭାରତୀୟ ଦଳ: ବୀରେନ୍ଦ୍ର ସିଂହ (ଅଧିନାୟକ), ସାଇ ଆକାଶ (ଉପଅଧିନାୟକ), ଉମର ଅସ୍ରଫ (ୱିକେଟ୍‌କିପର), ଅଭିଷେକ ସିଂହ, ସାନିଥ ସେଟ୍ଟୀ, ଯଶବନ୍ତ ନାଇଡୁ, କୁଲଦୀପ ସିଂହ, ବିବେକ କୁମାର, ପ୍ରନିଲ ମୋରେ, ସୁଦର୍ଶନ ଇ, ହିଲାଲ ୱାନି, ସନ୍ତୋଷ କୁମାର ମହାପାତ୍ର, ଦୀପକ ଲାମ୍ବା (ୱିକେଟ୍‌କିପର), ଅମନ ଚୌକସି।

# ଭିଏନ କଲେଜରେ ନବୀକରଣ ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟିତ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର ଯାଜପୁର ରୋଡ଼ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନବୀକରଣ କରାଯାଇଥିବା ଇଣ୍ଡୋର ଷ୍ଟାଡିୟମକୁ ଏକ ଭବ୍ୟ ସମାରୋହରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଉଦ୍‌ଘାଟନ କରିଛନ୍ତି। ଟାଟାଷ୍ଟିଲ ଫାଉଣ୍ଡେସନ ଦ୍ୱାରା ପ୍ରାୟୋଜିତ ଏହି ନବୀକରଣ ପ୍ରକଳ୍ପ ମହାବିଦ୍ୟାଳୟରେ କ୍ରୀଡ଼ା ଭିତ୍ତିଭୂମି ବୃଦ୍ଧି ଏବଂ ଛାତ୍ର-ଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ସହାୟକ ହେବ ବୋଲି ବିଧାୟକ ନିଜ ଅଭିଭାଷଣରେ କହିଛନ୍ତି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ମୂଲ୍ୟବାନ ସହାୟତା ପାଇଁ ଟାଟଷ୍ଟିଲ ଫାଉଣ୍ଡେସନକୁ କୃତଜ୍ଞତା ଜ୍ଞାପନ କରିବା ସହ ସାମ୍ପ୍ରତୀକ ଶିକ୍ଷାରେ କ୍ରୀଡ଼ାର ଗୁରତ୍ୱ ଉପରେ ଗୁରତ୍ୱାରୋପ କରିଥିଲେ



ଏବଂ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ପ୍ରଶାସନିକ ମୁଖ୍ୟ ପ୍ରଭାତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମଟିକୁ ଆଥ୍‌ଲେଟିକ୍ ଆସୋସିଏସନ (କ୍ରୀଡ଼ା ସଂଘ)ର ପ୍ରଭାରୀ ବା ମୁଖ୍ୟ ଜୀବନ ବନ୍ଧୁ ଦାସ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ନିରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟାଷ୍ଟିଲ ଫାଉଣ୍ଡେସନର ଆଞ୍ଚଳିକ ମୁଖ୍ୟ ଏବଂ କର୍ମକର୍ତ୍ତା, କଲେଜର ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନବୀକୃତ ଷ୍ଟାଡିୟମ ମହାବିଦ୍ୟାଳୟରେ କ୍ରୀଡ଼ା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଆଶା ବ୍ୟକ୍ତ କରିଛନ୍ତି।

# ଷୋହଳ ପ୍ରହର ନାମ ଯଜ୍ଞ : ହରେ କୃଷ୍ଣ ହରେ ରାମ ଧ୍ୱନିରେ କମ୍ପୁଛି ପୂରା ଗାଁ

**କଣ୍ଟାବାଞ୍ଜି,, ନ୍ୟୁଜ୍‌ବ୍ୟୁରୋ**

ଚଟୁଅନକା ଗ୍ରାମରେ ପରମ୍ପରାଗତ ଭାବେ ଆୟୋଜିତ ୩୪ତମ ଷୋହଳ ପ୍ରହରୀ ନାମ ଯଜ୍ଞ ଶୁଭାରମ୍ଭ ହୋଇଯାଇଛି। ଯଜ୍ଞ ଅବସରରେ ସମଗ୍ର ଗ୍ରାମ "ହରେ କୃଷ୍ଣ ହରେ ରାମ" ନାମର ଧ୍ୱନିରେ ଗୁଞ୍ଜୁଥିବାରୁ ଏକ ଭକ୍ତିମୟ ଓ ପବିତ୍ର ପରିବେଶ ସୃଷ୍ଟି ହୋଇଛି। ଏହି ପବିତ୍ର ଯଜ୍ଞକୁ ଭାଗବତ କମିଟି, ଚଟୁଅନକାଙ୍କ ପରିଚାଳନାରେ ସୁସଂଘଟିତ ଭାବରେ ଆୟୋଜନ କରାଯାଇଛି। ଯଜ୍ଞରେ ବ୍ରାହ୍ମଣ ଭାବେ ଛନ୍ଦା ଚରଣ ମିଶ୍ର ଯୋଗଦେଇଥିବା ବେଳେ କର୍ତ୍ତା ଭାବେ ଧନୁର୍ଯ୍ୟ ମାଝୀ, ଧନମତି ମାଝୀ, ବନମାଳୀ ପୁଟେଲ ଓ ଛାୟା ପୁଟେଲ ଦାୟିତ୍ୱ ନିଭାଉଛନ୍ତି। ଭାଗବତ କମିଟିର ସଭାପତି ଧନୁର୍ଯ୍ୟ ମାଝୀଙ୍କ ନେତୃତ୍ୱରେ ଉପ-ସଭାପତି ମହେନ୍ଦ୍ର



ମାଝୀ, ସମ୍ପାଦକ ଡୋଳାମଣି ପୁଟେଲ, ସହ-ସମ୍ପାଦକ ପ୍ରଦୀପ ପୁଟେଲ ଓ କୋଷାଧ୍ୟକ୍ଷ ରାଇସିଂ ପୁଟେଲ ସମେତ ସମସ୍ତ ସଦସ୍ୟ ଯଜ୍ଞକୁ ସଫଳ କରିବାରେ ନିୟୋଜିତ ଅଛନ୍ତି। ଉପଦେଷ୍ଟା କମିଟିରେ ଚମରୁ ମାଝୀ, ବୈକୁଣ୍ଠ ପୁଟେଲ, ବାଲକିଶାନ ପୁଟେଲ, ପୂର୍ଣ୍ଣ ନିଆଲ, ସହଦେବ ମାଝୀ, ଗଣେଶ ପୁଟେଲ, କିଶୋର ବରିହା ଓ ଦୟାସାଗର ପୁଟେଲ ମୁଖ୍ୟ ଭାବେ ସହଯୋଗ କରୁଛନ୍ତି।

ଯଜ୍ଞ ଅବସରରେ ଗ୍ରାମରେ ଭକ୍ତି, ଶାନ୍ତି ଓ ଏକତାର ଅଦ୍ଭୁତ ପରିବେଶ ଦେଖିବାକୁ ମିଳୁଛି। ସର୍ବସାଧାରଣ ଭକ୍ତମାନଙ୍କ ପାଇଁ ପ୍ରତିଦିନ ଭୋଗ ବଣ୍ଟନ ବ୍ୟବସ୍ଥା ମଧ୍ୟ କରାଯାଇଥିବାରୁ ଅନେକ ଶ୍ରଦ୍ଧାଳୁ ଲାଭାନ୍ୱିତ ହେଉଛନ୍ତି। ସହଯୋଗୀ ମାନେ ହେଲେ ବିଶେଶ୍ୱର ପୁଟେଲ, ମୁଖରାମ ମାଝୀ, ପାରେଶ୍ୱର ପୁଟେଲ, ସୀତାରାମ ପୁଟେଲ, ଦିଲିପ ଦାସ, ସୁରେଶ ଦାସ, ବଲୁଚନ ମାଝୀ ସହ ଚଟୁଅନକା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଛି।

# ଶ୍ରୀରାମ ନବମୀ ଶୋଭାଯାତ୍ରାରେ ବାରିପଦା ଉତ୍ସବ ମୁଖର

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଶ୍ରୀରାମ ନବମୀରେ ବାରିପଦା ସହର ଉତ୍ସବ ମୁଖର ହୋଇପଡ଼ିଥିଲା। ସକାଳୁ ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସାରା ସହର ଗେରୁଆ ପତାକାରେ ସୁସଜ୍ଜିତ କରାଯାଇଥିଲା। ଜିଲ୍ଲାସ୍ତରୀୟ ଶ୍ରୀରାମ ନବମୀ ପାଳନ ପାଇଁ ସଙ୍ଗଠନଗୁଡ଼ିକୁ ଏକତ୍ରିତ କରି ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀରାମ ପୂଜାର୍ଚ୍ଚନା ଓ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା। ଅପରାହ୍ନରେ ନନ୍ଦିକେଶ ସେଜପଡ଼ାଙ୍କ ନେତୃତ୍ୱରେ ହଜାର ହଜାର ଭକ୍ତ ମଧୁବନ ସ୍ଥିତ ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ସହର



ପରିକ୍ରମା କରିଥିଲେ। ବାଣ ରୋଷଣି, ହନୁମାନ ଓ ବାନର ବେଶରେ ନିଜକୁ ସଜ୍ଜିତ କରିଥିବା କଳାକାର ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲେ। ଡିଜେ, ବାଜା, ପାରମ୍ପରିକ ନୃତ୍ୟଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଶେଷ କରି ବହୁ ସଂଖ୍ୟାରେ ଟ୍ରାକ୍ଟର ମଧ୍ୟ ଶୋଭଯାତ୍ରାରେ ସାମିଲ ହୋଇଥିଲା। ସେହିପରି ଶ୍ରୀରାମ ନବମୀ ଉତ୍ସବ ସମିତି ପକ୍ଷରୁ ଆବାହକ କବିବିଷ୍ଣୁ ଶତପଥିଙ୍କ ନେତୃତ୍ୱରେ ମଧୁବନ ଷ୍ଟାଡିୟମରୁ ରାମଭକ୍ତ ମାନଙ୍କୁ ନେଇ ଏକ ବିଶାଳ ଶୋଭଯାତ୍ରା ସହର ପରିକ୍ରମା କରି ଛଉ ପଡ଼ିଆ ନିକଟକୁ ଆସିଥିଲା। ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜ ଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶୋଭାଯାତ୍ରାରେ ଯୋଗଦେଇ ଥିଲେ। ବାଣ ରୋଷଣୀ, ଡିଜେ, ବାଜା, ପାରମ୍ପରିକ ନୃତ୍ୟଦଳ ସହିତ ହଜାରହଜାର ରାମଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବାରିପଦା ପ୍ରଖଣ୍ଡ ତରଫରୁ ଏକ ଶୋଭାଯାତ୍ରା ସକାଳ ଓଳି ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ନରେନ୍ଦ୍ର ସିଂ, ଉପ ସଭାପତି ଅବନୀ କାନ୍ତ ପତି, ଦୀପକ ମଲ୍ଲିକ, ମାଧବ ସାହୁ, ସହ ସମ୍ପାଦକ ମେଜର ମୃତ୍ୟୁଞ୍ଜୟ ଦାସ, ବାସୁଦେବ ପଣ୍ଡା, ବଜରଙ୍ଗ ଦଳ ଜିଲ୍ଲା ଟୋଲିର ଆଶୁତୋଷ ଦାସ ପ୍ରମୁଖଙ୍କ ନେତୃତ୍ୱରେ ରାଧା ମୋହନ ମନ୍ଦିର ନିକଟରୁ ବାହାରି ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା। ସେହିପରି ବିଭିନ୍ନ ସଂଗଠନ ତରଫରୁ ଏକାଧିକ ଛୋଟବଡ଼ ଶୋଭାଯାତ୍ରା ସନ୍ଧ୍ୟାରେ ସହର ପରିକ୍ରମା କରିଥିବା ବେଳେ ବାରିପଦା ସହରରେ ଏକ ଭବ୍ୟ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ତେବେ ଭବ୍ୟ ରାମ ଶୋଭାଯାତ୍ରା ଛଉ ପଡ଼ିଆରେ ପହଞ୍ଚିବା ପର୍ଯ୍ୟନ୍ତ ଶୃଙ୍ଖଳାବଦ୍ଧ ଓ ସ୍ମରଣୀୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଓ ଧୁମ୍‌ଧାମ୍‌ରେ ଏହି ଉତ୍ସବ ପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଏପ୍ରିଲ ୧ରୁ ତରାପୁର ମା' ହିଙ୍ଗୁଳାଙ୍କ ମହାଯଜ୍ଞୋତ୍ସବ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ଆରାଧ୍ୟା ଦେବୀ ଅଗ୍ନି ସ୍ୱରୂପିଣି ମା' ହିଙ୍ଗୁଳାଙ୍କ ୯୦ତମ ମହାଯଜ୍ଞୋତ୍ସବ ଆସନ୍ତା ଅପ୍ରେଲ ମାସ ୧ ତାରିଖରୁ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏନେଇ ରବିବାର ଏକ ଖବରଦାତା ସମ୍ମିଳନୀ କରି ଆଞ୍ଚଳିକ ହିଙ୍ଗୁଳା କମିଟି ତରାପୁର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ୧ ତାରିଖରୁ ଆରମ୍ଭ ହେଉଥିବା ଏହି ଗଣପର୍ବ ପୂର୍ବ ବର୍ଷମାନଙ୍କ ଭଳି ଜାକଜମକରେ ସୂଚାରୁ ରୂପେ ପାଳନ କରାଯିବ ବୋଲି ଆଞ୍ଚଳିକ ହିଙ୍ଗୁଳା କମିଟି ତରାପୁର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମହାଯଜ୍ଞୋତ୍ସବ ଅନୁଷ୍ଠିତ ହେବାକୁ ଥିବା ଦିନମାନଙ୍କରେ ସ୍ଥାନୀୟ ଅଞ୍ଚଳରେ ରାତ୍ରି ସମୟରେ ପାକ ନିଷେଧ ହେବା ସହିତ ଅଞ୍ଚଳର ପ୍ରାୟ ୫ କିମି ବ୍ୟାସାର୍ଦ୍ଧରେ ଆମିଷ ପଦାର୍ଥ ବିକ୍ରି ନିଷେଧକୁ ସ୍ଥାନୀୟ ଲୋକେ ସ୍ୱତଃପ୍ରବୃତ ଭାବେ ପାଳନ କରିଥାନ୍ତି। ତେବେ ଚଳିତ ବର୍ଷ ଅପ୍ରେଲ ମାସ ୧ ତାରିଖ ବୁଧବାର ଦିନ ମହାମାୟୀ ଜଗତଜନନୀ ମା' ହିଙ୍ଗୁଳାଙ୍କ ଶୁଭାଧିବାସ ସ୍ଥାପନ, ଅଙ୍କୁରାରୋପଣ ଏବଂ ଘଟସ୍ଥାପନ



କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨ ତାରିଖରେ ଗୁରୁବାର ମହାଯଜ୍ଞୋତ୍ସବ, ଅଖଣ୍ଡ ନାମଯଜ୍ଞର ଶୁଭାଧିବାସ ସ୍ଥାପନ କରାଯିବା ସହିତ ସ୍ଥାନୀୟ ଏବଂ ଆଗନ୍ତୁକ ଭକ୍ତମାନଙ୍କ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜନ କରାଯାଇଛି। ସେହିପରି ୩ ତାରିଖ ଶୁକ୍ରବାର ମହାଯଜ୍ଞ ଅନୁଷ୍ଠିତ ହେବା ସହିତ ଏହି ଦିନ ସ୍ୱୟଂ ମା' ଆବିର୍ଭୂତା ହେବେ ଏବଂ ସ୍ୱତଃ ଅଗ୍ନି ପଣା ହାଣ୍ଡିରେ ଘୋଡ଼ା ହୋଇଥିବା ପାଟରେ ସଂଯୋଗ ହେବା ସହିତ ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ପରିବେଷଣର କାଯ୍ୟକ୍ରମ ରହିଛି। ୪ ତାରିଖ ଶନିବାରରେ ସମାନ କାଯ୍ୟକ୍ରମ ରହିବ। ସେହିପରି ୫ ତାରିଖ ରବିବାର ରାତ୍ର ୪ ଘଟିକାରେ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବା ସହିତ ନାମ ସଂକୀର୍ତ୍ତନରେ ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହେବା ସହ ପ୍ରଭାତରେ ଯଜ୍ଞ ଚରୁ ବଣ୍ଟନ କରାଯିବା ପରେ ସନ୍ଧ୍ୟାରେ ନାଟକ ପରିବେଷଣ କରାଯିବ। ଏହି ଦିନ ସ୍ଥାନୀୟ କୋରେଇ ବିଧାୟକ ତଥା ଚଳଚିତ୍ର ଅଭିନେତା ଆକାଶ ଦାସନାୟକ ସପତ୍ନୀକ ପୂର୍ଣ୍ଣାହୁତି ହେବା ନିମନ୍ତେ କାଯ୍ୟକ୍ରମ ରହିଛି। ସେହିପରି ୬ ତାରିଖ ସୋମବାର ନାମଯଜ୍ଞ କମିଟି ଏବଂ ଭକ୍ତମାନଙ୍କ ଉପସ୍ଥିତିରେ ନଗର ପରିକ୍ରମା କରାଯିବା ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଏହି ଦିନ ଆଞ୍ଚଳିକ ହିଙ୍ଗୁଳା ନାମଯଜ୍ଞ କମିଟି ଦ୍ୱାରା ଚୈତ୍ର ପୂର୍ଣ୍ଣିମା ଦିନ ୨୪ ପ୍ରହର ନାମଯଜ୍ଞର ଶୁଭାଧିବାସ କାଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ୯ ତାରିଖ ଗୁରୁବାର ସକାଳ ୮ ଘଟିକା ସମୟରେ ମହାମାୟୀଙ୍କ ମହାସ୍ନାନ କରାଯିବା ପରେ ୯ ଘଟିକାରେ ବାଲ୍ୟଲୀଳା ଏବଂ ଅପରାହ୍ଣ ୧ ଘଟିକାରେ ପବିତ୍ର ଯଜ୍ଞଭସ୍ମର ବିସର୍ଜନ ଶୋଭାଯାତ୍ରା ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ପୂର୍ବରୁ ପୁଣ୍ୟତୋୟା ବୈତରଣୀ ନଦୀରେ ବିସର୍ଜନ କରାଯିବ ବୋଲି ଆଞ୍ଚଳିକ ହିଙ୍ଗୁଳା କମିଟି ସଭାପତି ନରୋତ୍ତମ ଜେନା ଏବଂ ସମ୍ପାଦକ ନନ୍ଦକିଶୋର ସାହୁ ସୂଚନା ଦେଇଛନ୍ତି। ଏହି ଯଜ୍ଞ କାର୍ଯ୍ୟକ୍ରମ ସମୟରେ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯିବ। ଏହି ମହାଯଜ୍ଞୋତ୍ସବ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ ନିମନ୍ତେ ନରୋତ୍ତମ ଜେନା ସଭାପତି ରଣଜିତ ପ୍ରଧାନ ଉପସଭାପତି, ନନ୍ଦ କିଶୋର ସାହୁ ସମ୍ପାଦକ ଅଞ୍ଜନ କୁମାର ସାମଲ କୋଷାଧ୍ୟକ ସର୍ବେଶ୍ୱର ସାହୁ ସରପଞ୍ଚ ସଭ୍ୟ ପୁରସ୍ତମ ନାୟକ, ବାବାଜି ଚରଣ ସାହୁ, ମଦନ ମୋହନ ସ୍ୱାଇଁ, ମଦନ ମୋହନ ବେହେରା, ଶରତ ଚନ୍ଦ୍ର ଦାସ, ସୁଦାମ ଚରଣ ସାହୁ, ନିରଞ୍ଜନ ପତ୍ରୀ, ରମାକାନ୍ତ ବେହେରା, ଉମେଶ ଦାସ, ବିକାଶ କୁମାର ସାହୁ, ନାରାୟଣ ଚନ୍ଦ୍ର ସାହୁ, ଭାଗବତ ପାଢ଼ୀ ଅଫିସ ସହଯୋଗୀ ପ୍ରଶାନ୍ତ କୁମାର ମହାନ୍ତି ସହଯୋଗ କରିଥିଲେ।

# ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ନିର୍ବାଚନ : ରବିନ୍ଦ୍ର କୁମାର ସ୍ୱାଇଁ ସଭାପତି, ସରୋଜ କୁମାର ବିଶ୍ୱାଳ ସମ୍ପାଦକ ନିର୍ବାଚିତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶାଙ୍କ ନିର୍ଦ୍ଦେଶନାମା ଅନୁସାରେ ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ଜିଲ୍ଲା ଓକିଲ ସଂଘରେ ସଭାପତି ପଦ ପାଇଁ ଆଇନଜୀବୀ ସୁବ୍ରତ ଶତପଥୀ, ଆଇନଜୀବୀ ରବିନ୍ଦ୍ର କୁମାର ସ୍ୱାଇଁ ଓ ଆଇନଜୀବୀ ସଲିଲ୍ କୁମାର ଘୋଷ୍ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉପ-ସଭାପତି ପଦ ପାଇଁ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଦାସ ଓ ଆଇନଜୀବୀ ଉମାଶଙ୍କର ସ୍ୱାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଂପାଦକ ପଦବୀ ପାଇଁ ଆଇନଜୀବି ସରୋଜ କୁମାର ବିଶ୍ୱାଳ ଓ ଆଇନଜୀବି ଶାରଦା ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ପାଇଁ ଆଇନଜୀବୀ ଦୁର୍ଯ୍ୟୋଧନ ରାଉତ ଓ ଆଇନଜୀବୀ ପ୍ରଭାତ ରଞ୍ଜନ



ପଲାଉରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ସେହିପରି କୋଷାଧ୍ୟକ୍ଷ ପଦ ପାଇଁ ଆଇନଜୀବି ଗୋପବନ୍ଧୁ ଚୌଧୁରୀ, ଆଇନଜୀବି ସୌରଭ କୁମାର ମଲ୍ଲିକ୍ ଓ ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କାର୍ଯ୍ୟ-କାରିଣୀ ସଦସ୍ୟ ଭାବେ ଆଇନଜୀବୀ ରୋଜାଲିନ୍ ସାହୁ, ରାଜଶ୍ରୀ ମହାନ୍ତି, କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ, ତେଜସ୍ୱିନୀ ପଣ୍ଡା, ରୋଜାଲିନ୍ ଲେଙ୍କା, ଆଦିତ୍ୟ ବେହେରା, ବିଭୁପ୍ରସାଦ ନନ୍ଦ, ରାଜେଶ୍ ମହାନ୍ତି, ଅଜିତ୍ ନାରାୟଣ ରାଉତରାୟ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ମାର୍ଚ୍ଚ ୨୮ ତାରିଖ ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଦାନ ସମୟ ରହିଥିଲା। ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇ ରାତ୍ର ୭ ଘଟିକା ସମୟରେ ବିଜୟୀ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ରବିନ୍ଦ୍ର କୁମାର ସ୍ୱାଇଁ, ଉପସଭାପତି ଭାବେ ସୂର୍ଯ୍ୟ ନାରାୟଣ ଦାଶ, ସମ୍ପାଦକ ଭାବେ ସରୋଜ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ରାଉତ, କୋଷାଧ୍ୟକ୍ଷ ଭାବେ ପ୍ରକାଶ ଚନ୍ଦ୍ର ରାୟ ବିଜୟଲାଭ କରିଥିଲେ।

## କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ମାସିକ ଅର୍ଥନୈତିକ ସମୀକ୍ଷା ରିପୋର୍ଟ ପ୍ରକାଶ

# ଯୁଦ୍ଧ ଯୋଗୁ ଦୁର୍ବଳ ହୋଇଛି ଅର୍ଥନୀତି : ବଢ଼ିପାରେ ଦରଦାମ

**ନୂଆଦିଲ୍ଲୀ :** ମାନିଲେ ସାରକାର। ଯୁଦ୍ଧ ଯୋଗୁ ମନ୍ଥର ହୋଇପାରେ ଭାରତର ଅର୍ଥନୀତି। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ମାର୍ଚ୍ଚ ୨୦୨୬ ପାଇଁ ମାସିକ ଅର୍ଥନୈତିକ ସମୀକ୍ଷା ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ଭାରତୀୟ ଅର୍ଥନୀତି ଏବେ ସାମାନ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ଏହାର ମୁଖ୍ୟ କାରଣ ହେଉଛି ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି। ମନ୍ତ୍ରଣାଳୟ ସ୍ୱୀକାର କରିଛି ଯେ ଏହି ବାହ୍ୟ ଝଟକା ଯୋଗୁ, ଦେଶ ଭିତରେ ଇନପୁଟ୍ ଖର୍ଚ୍ଚ ଅର୍ଥାତ୍ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଏହି କାରଣରୁ ଆର୍ଥିକ କାର୍ଯ୍ୟକଳାପ ଉପରେ ଚାପ ପଡ଼ିଛି। ରିପୋର୍ଟ ଅନୁସାରେ ଭାରତୀୟ ଅର୍ଥନୀତି ଫେବୃଆରୀ ପର୍ଯ୍ୟନ୍ତ ଦୃଢ଼ ସ୍ଥିତିରେ ଥିଲା। ଘରୋଇ ଚାହିଦା, ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ସରକାରୀ ନୀତି ଦ୍ୱାରା ସମର୍ଥିତ ଯୋଗାଣ ଏବଂ ଚାହିଦା ଉଭୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିଲା। ଉତ୍ପାଦନ ଏବଂ ସେବା କ୍ଷେତ୍ର ଅଭିବୃଦ୍ଧି ହେବା ସହ ଯାନବାହାନ ବିକ୍ରୟ ଏବଂ ଡିଜିଟାଲ୍ ପେମେଣ୍ଟରେ ମଧ୍ୟ ଅଭିବୃଦ୍ଧି ହୋଇଥିଲା। ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ୨୦୨୬ରେ ବିଶ୍ୱ ପରିସ୍ଥିତି ପରିବର୍ତ୍ତନ ହେବା ଆରମ୍ଭ ହୋଇଥିଲା। ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ଶକ୍ତି ବଜାର ଏବଂ ଲଜିଷ୍ଟିକ୍ସକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହାର ସିଧାସଳଖ ପ୍ରଭାବ ଭାରତର ପ୍ରଡକ୍ସନ କ୍ଷେତ୍ରରେ ପଡ଼ିଛି। ଇ-ୱେ ବିଲ୍ ଜେନେରେସନ୍ ହ୍ରାସ ଏବଂ ଦୁର୍ବଳ ଫ୍ଲାସ୍ ଚଗଓ (ପର୍ଚେଜିଂ ମ୍ୟାନେଜର୍ ଇଣ୍ଡେକ୍ସ) ତଥ୍ୟକୁ ଉଲ୍ଲେଖ କରି ମାସିକ ଆଧାରରେ ଅର୍ଥନୀତି ସାମାନ୍ୟ ହ୍ରାସ ପାଇଛି ବୋଲି ଅର୍ଥମନ୍ତ୍ରଣାଳୟ ଜାରି କରିଥିବା ରିପୋର୍ଟରେ କୁହାଯାଇଛି। ମହଙ୍ଗା ଅଶୋଧିତ ତେଲ: ବିଶ୍ୱ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀଗୁଡ଼ିକର ଖର୍ଚ୍ଚ ବୃଦ୍ଧି ପାଇଛି। ଲଜିଷ୍ଟିକ୍ସ ଏବଂ ବୀମା: ସାମୁଦ୍ରିକ ପଥରେ ଉତ୍ତେଜନା ଯୋଗୁ ମାଲ ପରିବହନ ଶୁଳ୍କ ଏବଂ ବୀମା ପ୍ରିମିୟମ ମହଙ୍ଗା ହୋଇଯାଇଛି। ସପ୍ଲାଏ ଚେନ୍: ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବିଳମ୍ବ ଉତ୍ପାଦନ କ୍ଷେତ୍ରକୁ ପ୍ରଭାବିତ କରୁଛି। ଏହି ଚାପ ମଧ୍ୟରେ ବଡ଼ କଥା ହେଉଛି ଯେ ଘରୋଇ ଚାହିଦା ମଜଭୁତ୍ ରହିଛି। ଯାନବାହାନ ପଞ୍ଜୀକରଣ ଏବଂ ଡିଜିଟାଲ୍ କାରବାର ତଥ୍ୟ ସୂଚାଇ ଦେଉଛି ଯେ ଲୋକମାନେ କିଣାବିକା ଜାରି ରଖିଛନ୍ତି। ତେବେ ଗ୍ରାମାଞ୍ଚଳର ସ୍ଥିତିକୁ ନେଇ ରିପୋର୍ଟରେ ଚିନ୍ତା ପ୍ରକଟ କରାଯାଇଛି। ମନ୍ତ୍ରଣାଳୟ ଉଲ୍ଲେଖ କରିଛି ଯେ ଗ୍ରାମାଞ୍ଚଳରେ ମନୋଭାବ ସାମାନ୍ୟ ଦୁର୍ବଳ ରହିଛି। ତେବେ ଏହି ମାନ୍ଦାବସ୍ଥା ବ୍ୟବହାରର ଅଭାବ ଯୋଗୁ ନୁହେଁ, ବରଂ ବୃଦ୍ଧି ପାଉଥିବା ଖର୍ଚ୍ଚ ଏବଂ ଯୋଗାଣ ପ୍ରତିବନ୍ଧକ ଯୋଗୁ ହୋଇଛି। ଅର୍ଥନୀତି ଉପରେ ପଡୁଥିବା ଚାପ ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇବାର ସଙ୍କେତ ଦେଖାଇଛି। ଏପର୍ଯ୍ୟନ୍ତ, ମୁଦ୍ରାସ୍ଫୀତିର ମୁଖ୍ୟ ବାହକ ଖାଦ୍ୟ ମୂଲ୍ୟ ଥିଲା, କିନ୍ତୁ ଏବେ ତୈଳ ଦର ବୃଦ୍ଧି ଚିନ୍ତାର କାରଣ ପାଲିଟିଛି। ତେବେ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି ଯେ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟର ସମ୍ପୂର୍ଣ୍ଣ ପ୍ରଭାବ ଏପର୍ଯ୍ୟନ୍ତ ଘରୋଇ ବଜାରରେ ପ୍ରତିଫଳିତ ହୋଇ ନାହିଁ। ଯଦି ଯୁଦ୍ଧ ଦୀର୍ଘଦିନ ଏମିତି ଲାଗି ରହିଲା, ତେବେ ସ୍ଥିତି ସାଂଘାତିକ ହୋଇପାରେ ବୋଲି କୁହାଯାଉଛି। ଯଦି ବିଶ୍ୱବ୍ୟାପୀ ଶକ୍ତି ମୂଲ୍ୟ ଉଚ୍ଚ ରେ ତେବେ ଆଗାମୀ ଦିନରେ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇପାରେ। ଏହା ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ। ଏମିତିରି ବି ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୩.୨୧%କୁ ବୃଦ୍ଧି ପାଇଛି।

# ଭାରତକୁ ଧନ୍ୟବାଦ ଜଣାଇଲେ ଶ୍ରୀଲଙ୍କା ରାଷ୍ଟ୍ରପତି

**କଲମ୍ବୋ:** ଭାରତକୁ ଧନ୍ୟବାଦ ଜଣାଇଲେ ଶ୍ରୀଲଙ୍କା ରାଷ୍ଟ୍ରପତି। ପଶ୍ଚିମ ଏସିଆରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ଶ୍ରୀଲଙ୍କାକୁ ସହାୟତାର ହାତ ବଢାଇଛି ଭାରତ। ସାରା ବିଶ୍ୱରେ ତୈଳ ସଙ୍କଟ ଦେଖା ଦେଇଥିବା ବେଳେ ଭାରତ ୩୮,୦୦୦ ମେଟ୍ରିକ୍ ଟନ୍ ଇନ୍ଧନ ଶ୍ରୀଲଙ୍କାକୁ ପଠାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେ ମଧ୍ୟରେ ଆଲୋଚନା ପରେ ଏହି ଜରୁରୀକାଳୀନ ସହାୟତା କରିଛି ଭାରତ। ଶନିବାର ୩୮,୦୦୦ ମେଟ୍ରିକ୍ ଟନ୍ ଇନ୍ଧନ କଲମ୍ବୋରେ ପହଞ୍ଚିଛି। ଯାହାକୁ ନେଇ ରବିବାର ଶ୍ରୀଲଙ୍କା ରାଷ୍ଟ୍ରପତି ଏକ୍ସରେ ଭାରତ ଏବଂ



ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ ଜାହାଜ ଚଳାଚଳ କରିପାରୁନାହିଁ। ଫଳରେ ଶ୍ରୀଲଙ୍କା ସମେତ ସମଗ୍ର ବିଶ୍ୱରେ ଏହାର ସଙ୍କଟ ଦେଖିବାକୁ ମିଳିଛି। ଏନେଇ ଗତ କିଛି ଦିନ ତଳେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେ ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହେବା ପରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ (ଆଇଓସି), ଶ୍ରୀଲଙ୍କା ଆଇଓସି (ଏଲଆଇଓସି)ର ସ୍ଥାନୀୟ କାର୍ଯ୍ୟ ମାଧ୍ୟମରେ ଜରୁରୀକାଳୀନ ସହାୟତା ସ୍ୱରୂପ ଗତ ଶନିବାର ୩୮,୦୦୦ ମେଟ୍ରିକ୍ ଟନ୍ ଇନ୍ଧନ କଲମ୍ବୋରେ ପହଞ୍ଚିଛି। ଯାହାକୁ ନେଇ ଆଜି ଭାରତକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀଲଙ୍କା ସରକାର। ଶ୍ରୀଲଙ୍କା ସରକାରଙ୍କ ଏକ୍ସରେ ଲେଖାଯାଇଛି ଯେ, ଭାରତକୁ ଧନ୍ୟବାଦ। ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁଁ ଶ୍ରୀଲଙ୍କାକୁ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହେବା ପରେ ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଭାରତକୁ ଏହାର ତୁରନ୍ତ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀଲଙ୍କା ରାଷ୍ଟ୍ରପତି କିଛି ଦିନ ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଥିଲେ। ଫଳରେ ୩୮,୦୦୦ ମେଟ୍ରିକ ଟନ୍ ଇନ୍ଧନ କଲମ୍ବୋରେ ପହଞ୍ଚିଥିଲା।' ଏପରିକି ଶ୍ରୀଲଙ୍କା ରାଷ୍ଟ୍ରପତି, ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସମର୍ଥନ ପାଇଁ ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମଧ୍ୟପ୍ରାଚ୍ୟ ଯୁଦ୍ଧ ...

ଲକ୍ଷାଧିକ ପରିବାର କାମ କରୁଛନ୍ତି। ଏସବୁ ଦେଶ ପ୍ରତି ମୁଁ କୃତଜ୍ଞ, କୋଟି କୋଟି ଭାରତୀୟଙ୍କୁ ସେମାନେ ସାହାଯ୍ୟ କରୁଛନ୍ତି।'

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ମାର୍ଚ୍ଚ ମାସରେ ବିଶ୍ୱ ଅନେକ କଠିନ ପରିସ୍ଥିତି ଦେଇ ଗତି କରୁଛି। ପୂର୍ବରୁ ବି ମାର୍ଚ୍ଚ ମାସରେ କୋଭିଡକୁ ନେଇ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆମକୁ ଅନୁଭବ ହେଉଥିଲା କୋଭିଡରୁ ବାହାରିବା ପରେ ବିଶ୍ୱ ନୂଆ ରାସ୍ତାରେ ଆଗକୁ ବଢିବ। କିନ୍ତୁ ବିଶ୍ୱରେ ଲଗାତର ଯୁଦ୍ଧ ପରିସ୍ଥିତି ଜାରି ରହିଛି। ଯାହାକି ଦୁର୍ଭାଗ୍ୟପୂର୍ଣ୍ଣ।'

ଯୁଦ୍ଧ ଚାଲିଥିବା ରାଷ୍ଟ୍ର ଗୁଡିକରେ ଅଶୋଧିତ ତୈଳ, ଗ୍ୟାସ୍, ଇନ୍ଧନର ପ୍ରମୁଖ କେନ୍ଦ୍ର ରହିଛି। ଏହି କ୍ଷେତ୍ର ଗୁଡିକରେ ଯୁଦ୍ଧ କାରଣରୁ ସାରା ବିଶ୍ୱରେ ପେଟ୍ରୋଲ, ଡିଜେଲ, ଗ୍ୟାସ ସଙ୍କଟ ସୃଷ୍ଟି ହୋଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ରହିଥିବା କାରଣରୁ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ବାଣିଜ୍ୟ କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ସରକାର ଏସବୁ ସମସ୍ୟା ଯେପରି ନଦେଖାଯାଏ ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଘରୋଇ ଏଲପିଜି ଯେପରି ଉପଭୋକ୍ତାଙ୍କୁ ମିଳିବ ଏହା ସରକାରଙ୍କ ପ୍ରଥମ ପ୍ରାଥମିକତା ରହିଛି। ଦେଶରେ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ୫.୩ ମିଲିୟନ ଟନ୍‌ରୁ ଅଧିକ ରହିଛି। ଏହାକୁ ଆହୁରି ବୃଦ୍ଧି କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ତେବେ ମନ କି ବାତରେ ଅନେକ ରାଜ୍ୟର ସଫଳ କୃଷକଙ୍କ ସମ୍ପର୍କରେ ମଧ୍ୟ ଶ୍ରୀ ମୋଦୀ କହିଛନ୍ତି। ଏଥିସହ ଖେଳ କଥା କହି ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଜଳସଂରକ୍ଷଣ କରିବାକୁ ମଧ୍ୟ ଦେଶବାସୀଙ୍କୁ ନିବେଦନ କରିଛନ୍ତି ପ୍ରଧାନମନ୍ତ୍ରୀ।

### ଦୁଇ ଓଡ଼ିଆ...

ଦାୟିତ୍ୱ ତୁଲାଇବା ମଧ୍ୟ କଠିନ କାମ ଥିଲା। ଏଥିପାଇଁ ବିଭିନ୍ନ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତଥାପି ପ୍ରତିକୂଳ ପରିସ୍ଥିତିକୁ ଏଡାଇ ଆଗକୁ ବଢ଼ିଛନ୍ତି। କଠିନ ପରିଶ୍ରମ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରିଛନ୍ତି। ଫଳରେଦୁଇରୁ ତିନ ବର୍ଷ ମଧ୍ୟରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ତାଙ୍କର ସଫଳତା ଆଜିର ଦିନରେ ସମାଜର ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ଦାୟକ ବୋଲି ପିଏମ୍ ମୋଦୀ ମନ୍ କି ବାତ୍‌ରେ କହିଛନ୍ତି। ସେହିପରି କେନ୍ଦ୍ରାପଡ଼ାର ପ୍ରତିଭାବାନ ଯୁବକ ଓମ୍ ପ୍ରକାଶ ରଥଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କ ସଫଳତାକୁ ମନ୍ କି ବାତ୍ କାର୍ଯ୍ୟକ୍ରମରେ ବଖାଣିଛନ୍ତି। କେନ୍ଦ୍ର ସରକାରଙ୍କ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୨ ଲକ୍ଷ ଯୁବପିଢ଼ିଙ୍କ ମଧ୍ୟରୁ ; 'ଓମେନ୍ ଲେଡ୍ ଡେଭଲପମେଣ୍ଟ୍' ବା ମହିଳାଙ୍କ ନେତୃତ୍ୱରେ ବିକାଶ ସମ୍ପର୍କିତ ପ୍ରବନ୍ଧରେ ଓମ୍ ପ୍ରକାଶ ରଥଙ୍କର ଚିନ୍ତାଧାରା ଓ ବିଶ୍ଳେଷଣ ପ୍ରଧାନମନ୍ତ୍ରୀଙ୍କୁ ଅଭିଭୂତ କରିଛି।

### ଓଏଏସ୍ ସ୍ତରରେ...

କରାଯାଇଛି। ସେମାନଙ୍କୁ ଯୋଗଦାନ ସମୟ ପାଇବା ବିନା ତୁରନ୍ତ ନୂତନ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ଏହି ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଜ୍ଞପ୍ତିର ନକଲଗୁଡ଼ିକ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଛି।

### ବାର୍ ଆସୋସିଏସନ୍ ...

ସହ କାର୍ଯ୍ୟ କରିବେ।

ସେହିପରି ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ସଦସ୍ୟଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

### ବର୍ଷକ ଭିତରେ ...

'ଏସଓଜି, ଡ଼ିଭିଏଫ, ଏସଆଇଡ଼ବ୍ଲୁ, ସିଆରପିଏଫ, ବିଏସଏଫଙ୍କ ସମ୍ମିଳିତ ପ୍ରୟାସରୁ ସଫଳତା ମିଳିଥିବା ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ବାର୍ତ୍ତା ଓଡ଼ିଶାର ନାରୀ ଓ ଯୁବ ସମାଜକୁ ପ୍ରେରିତ କରିବ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ରବିବାର 'ମନ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ସମ୍ବଲପୁର ଓ କେନ୍ଦ୍ରାପଡ଼ାର ଦୁଇ ପ୍ରତିଭାଙ୍କ ସଫଳତାକୁ ସମଗ୍ର ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗର୍ବର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ 'କେଜ୍ କଲ୍‌ଚର' ମାଧ୍ୟମରେ ମାଛ ଚାଷ କରି ସଫଳତା ପାଇଥିବା ଶ୍ରୀମତୀ ସୁଜାତା ଭୂୟାଁଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଶ୍ରୀମତୀ ଭୂୟାଁ ଏହି ବ୍ୟବସାୟ କରି ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟ ମହିଳାମାନଙ୍କ ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସାଜିଛନ୍ତି। ଗୃହିଣୀରୁ ଜଣେ ସଫଳ ଉଦ୍ୟୋଗୀ ଭାବେ ତାଙ୍କର ଏହି ଯାତ୍ରା ନାରୀ ସମାଜକୁ ପ୍ରେରିତ କରିବ। ସେହିପରି 'ମାଏ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬'ରେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ପ୍ରତିଭା ଓମ ପ୍ରକାଶ ରଥଙ୍କ ସଫଳତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଦେଶର ନୀତି ନିର୍ଦ୍ଧାରଣରେ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ 'ମାଏ ଭାରତ ବଜେଟ୍ କ୍ୱେଷ୍ଟ' ଏକ ଅନନ୍ୟ ପ୍ରୟାସ। 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବା ତଥା ମହିଳା ନେତୃତ୍ୱାଧୀନ ବିକାଶକୁ ଆଗେଇ ନେବାରେ ଓମ ପ୍ରକାଶ ରଥଙ୍କ ଭଳି ଯୁବପିଢ଼ିଙ୍କ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ପ୍ରତ୍ୟେକଟି ପ୍ରୟାସ ଦେଶର ଭବିଷ୍ୟତ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରିବ। ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ ବେଙ୍ଗାଲୁରୁର 'ପ୍ରୟୋଗ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ରିସର୍ଚ୍ଚ'ର କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। 'ଅନ୍ୱେଷଣ' ମାଧ୍ୟମରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏବଂ ଗବେଷଣାଭିତ୍ତିକ ଶିକ୍ଷାଦାନ 'ବିକଶିତ ଭାରତ' ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଜାତୀୟ ଶିକ୍ଷା ନୀତି ଅଧୀନରେ ଖେଳକୁ ଶିକ୍ଷା ସହ ସମାନ ଗୁରୁତ୍ୱ ଦିଆଯାଉଛି। 'ଅସ୍ମିତା ଆଥଲେଟିକ୍ସ ଲିଗ୍'ରେ ୨ ଲକ୍ଷରୁ ଅଧିକ ମହିଳାଙ୍କ ଅଂଶଗ୍ରହଣ ଏବଂ ଗୁଲମର୍ଗର 'ଖେଲୋ ଇଣ୍ଡିଆ ୱିଂଟର ଗେମ୍ସ' ଦେଶର କ୍ରୀଡ଼ା ଜଗତରେ ଏକ ନୂଆ ଯୁଗର ସୂଚନା ଦେଉଛି। "ଯୋ ଖେଲେଗା, ୱୋ ଖିଲେଗା" ମନ୍ତ୍ରରେ ଆଜି ଭାରତର ଯୁବଶକ୍ତି ଆଗକୁ ବଢୁଛନ୍ତି ବୋଲି ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

# ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ** ମହାନ ବିପ୍ଳବୀ ତଥା ଆଦିବାସୀ ଜନନାୟକ ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ। ଆଜି ହେଉଛି ସେହି ମହାନ ବୀରଙ୍କ ସ୍ମୃତିର ଦିନ, ଯିଏ ଦେଶର ସ୍ୱାଧୀନତା ପାଇଁ ହସି ହସି ଫାଶୀ ଖୁଣ୍ଟକୁ ଆପଣେଇ ନେଇଥିଲେ।ମାତୃଭୂମିର ସେବା ଓ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ପୁରୋଧା, 'ମାଲକାନଗିରିର ଗାନ୍ଧୀ' ଭାବେ ପରିଚିତ ସହିଦ ଲକ୍ଷ୍ମଣ ନାୟକଙ୍କ ରବିବାର ହେଉଛି ଶ୍ରାଦ୍ଧ ଦିବସ। ଏହି ଅବସରରେ ସାରା ଓଡ଼ିଶା ଆଜି ଏହି ବୀର ସନ୍ତାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।୧୮୯୯ ମସିହା ନଭେମ୍ବର ୨୨ରେ କୋରାପୁଟ ଜିଲ୍ଲାର ତେନ୍ତୁଲିଗୁମ୍ମା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମଣ ନାୟକ ଥିଲେ ଜଣେ ନିର୍ଭୀକ ଜନନାୟକ।ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ସେ ଆଦିବାସୀମାନଙ୍କୁ ଏକଜୁଟ କରିଥିଲେ। ୧୯୪୨ ମସିହା 'ଭାରତ ଛାଡ଼' ଆନ୍ଦୋଳନ ସମୟରେ ତାଙ୍କ ନେତୃତ୍ୱରେ ମାଥିଲି ଥାନା ଘେରାଉ ଏକ ଐତିହାସିକ ଘଟଣା ଥିଲା। ଆଜି ତାଙ୍କ ଶ୍ରାଦ୍ଧ ଦିବସରେ ଭୁବନେଶ୍ୱର ଆଦିବାସୀ ପଡିଆରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ପୂର୍ବତନ ସାଂସଦ ମୁନା ଖାନ୍ ଓ ପୂର୍ବତନ ବିଧାୟକ ଅରବିନ୍ଦ ଢାଲି। ସେହିପରି ବିଧାନସଭା ବାହାରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଏହି ସମୟରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ମଧ୍ୟ ଉପସ୍ଥିତ ରହିଥିଲେ।

# ବିଜୁଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ପଦ ଛାଡ଼ିଲେ ସସ୍ମିତ ପାତ୍ର

**ନୂଆଦିଲ୍ଲୀ :** ସାଧାରଣ ସଭାରେ ବିଜୁଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ପଦ ଛାଡ଼ିଲେ ସାଂସଦ ସସ୍ମିତ ପାତ୍ର। ସେ ରାଜ୍ୟସଭାର ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟକୁ ପଠାଇଛନ୍ତି। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପ୍ରତିବାଦରେ ସେ ଇସ୍ତଫା ଦେଇଥିବା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। କମିଟିର ଅଧ୍ୟକ୍ଷ ପଦରେ ନିଶିକାନ୍ତ ଥିବାରୁ ପ୍ରତିବାଦ କରି ସେ ଏହି ଇସ୍ତଫା



ଦେଇଛନ୍ତି। ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ, ନିଶିକାନ୍ତଙ୍କ ମନ୍ତବ୍ୟ ଅପମାନଜନକ, ମିଥ୍ୟା ଓ ଆଧାରହୀନ। ବିଜୁ ବାବୁ ଜଣେ ଆନ୍ତର୍ଜାତିକସ୍ତରର ମହାନ ବ୍ୟକ୍ତିତ୍ୱ ଏବଂ ଜଣେ କିମ୍ବଦନ୍ତୀ ପୁରୁଷ। ଭାରତର ବିଶ୍ୱ କୂଟନୀତି ନିଶ୍ଚିତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍ଧାର କରିବାରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷିୟ ମାନଙ୍କୁ ସମର୍ଥନ କରିବାରେ ତାଙ୍କର ଭୂମିକା ଥିଲା। ଏହା ଦର୍ଶାଉଛି ଯେ ଭାରତୀୟ ଜନତା ପାର୍ଟି ପାଇଁ ଓଡ଼ିଆ ଅସ୍ମିତା କ'ଣ। ସେମାନେ ଓଡ଼ିଆ ଅସ୍ମିତା ବିଷୟରେ କଥାବାର୍ତ୍ତା କରନ୍ତି, କିନ୍ତୁ ବିଜୁ ବାବୁଙ୍କ ଭଳି ଜଣେ ରାଜନେତାଙ୍କ ବିରୁଦ୍ଧରେ ଏପରି ଅପମାନଜନକ, ମିଥ୍ୟା ଏବଂ ମନଗଢ଼ା ବୟାନ ଦେବା ପାଇଁ ଏତେ ନିମ୍ନ ସ୍ତରକୁ ଯାଇଥାନ୍ତି।'

# ସାତଦିନ ମଧ୍ୟରେ କ୍ଷମା ପ୍ରାର୍ଥନା ନକଲେ ଘର ସମ୍ମୁଖରେ ପ୍ରତିବାଦ

**କଟକ, ନ୍ୟୁଜ ବ୍ୟୁରୋ** ବିଜେଡି ସଭାପତି ନବୀନ ପଟନାୟକ ପୂର୍ବତନ ବିଧାୟକ ଡଃ ପ୍ରଭାତ ବିଶ୍ୱାଳଙ୍କୁ ବହିଷ୍କାର କରିଥିଲେ ମଧ୍ୟ ତାଙ୍କର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାକୁ ନେଇ ବିଜେଡି ଶିବିରରେ ବଡ କମ୍ପନ ସୃଷ୍ଟି ହୋଇଛି। ଏହି ଲୋକପ୍ରିୟତାରେ ଅଙ୍କୁଶ ଲଗାଇବା ପାଇଁ ବିଜେଡି ବିଭିନ୍ନ ପ୍ରକାରର ରାଜନୈତିକ ରଣକୌଶଳ ଆପଣେଇଛି। ଯାହା ରାଜ୍ୟ ରାଜନୀତିକୁ ସରଗରମ କରିପକାଇଛି। ଗତ କିଛିଦିନ ତଳେ ବିଜେଡି ରାଜ୍ୟ ଉପ-ସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସଂସ୍କୃତି ଓ କଳା ପରିଷଦର ମୁଖ୍ୟ ପୃଷ୍ଠପୋଷକ ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ ଦିନକୁ ଦିନ ତୀବ୍ରତର ହେବାରେ ଲାଗିଛି। ଯାହାକୁ ନେଇ ରାଜ୍ୟର ୩୦ଗୋଟି




ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାର ମାନଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରାଯାଇଛି। ଏହି ଅବସରରେ ଆଜି କଟକ ଗ୍ରାମାଂଚଳ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂସ୍କୃତି ଓ କଳା ପରିଷଦର ଜିଲ୍ଲା ସଭାପତି ଶ୍ୟାମ କୁମାର ନାୟାରଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରାଯାଇ ଲେଖାଶ୍ରୀଙ୍କ ନାଟକ ଆଉ ବେଶୀଦିନ ଚାଲିବ ନାହିଁ। ସଂକ୍ରୀତନ ମଣ୍ଡଳୀଙ୍କ ଟଙ୍କା ଯଦି ପ୍ରଭାତ ବିଶ୍ୱାଳ ଖାଇଛନ୍ତି, ତାହାଲେ ତାହର ପ୍ରମାଣ ଦିଅନ୍ତୁ ନଚେତ ସେ ଦେଇଥିବା ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହ ସାତ ଦିନ ମଧ୍ୟରେ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି ସେ କ୍ଷମା ପ୍ରାର୍ଥନା ନକରନ୍ତି ତାହାଲେ ଲେଖାଶ୍ରୀଙ୍କ ଘର ସମ୍ମୁଖରେ ୩୦ଗୋଟି ଜିଲ୍ଲାର ସଂକ୍ରୀତନ ମଣ୍ଡଳୀ ଓ କଳାକାର ସଂଘ ପକ୍ଷରୁ ପ୍ରତିବାଦ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ପ୍ରତିବାଦ ସଭାରେ ରାଜ୍ୟ ସଂସ୍କୃତି କଳା ପରିଷଦର ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, କଳାସଂସ୍କୃତି ବିଭାଗର ଶିକ୍ଷାବିତ ସ୍ନେହାଶିଷ ସିହ୍ନା, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସଂଯୋଜକ ମିଟୁ ମିଥୁନ, ସଦସ୍ୟ ବନ୍ଦିତା ନାୟାର, ଅମ୍ରିତ କୁମାର ସାହୁ ଏବଂ ସ୍ମୃତି ପ୍ରକାଶ ସାହୁଙ୍କ ସମେତ ଶତାଧିକ କଳାକାର ମାନେ ଏହି ପ୍ରତିବାଦରେ ସାମିଲ ହୋଇ ଲେଖାଶ୍ରୀଙ୍କ ପ୍ରତି କଟୁ ସମାଲୋଚନା କରିଥିଲେ।

# କେନ୍ଦୁଝରଗଡ ପୌର ଉପାଧ୍ୟକ୍ଷଙ୍କ ସହ ୯ ଜଣଙ୍କ ଇସ୍ତଫା : ବିଜେପି ମୁହାଁ ବିଜେଡି କାଉନସିଲର !

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ** ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଏହି କ୍ରମରେ କେନ୍ଦୁଝରରେ ମଧ୍ୟ ରାଜନୀତି ପାଣିପାଗ ସରଗରମ ରହିଛି। କେନ୍ଦୁଝରଗଡ ପୌରପାଳିକା ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସଙ୍କ ସହ ୯ ଜଣ କାଉନସିଲର ଆଜି ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ବିଜେଡି ରାଜ୍ୟ ସଭାପତିଙ୍କୁ ଇସ୍ତଫା ପତ୍ର ପଠାଇଛନ୍ତି। କେନ୍ଦୁଝରଗଡ ପୌରପାଳିକାର ୧୩ ମଧ୍ୟରୁ ସମସ୍ତ ୯ ବିଜେଡି କାଉନସିଲର ବିଜେପି ମୁହାଁ ହୋଇଥିବା ଜଣାପଡ଼ିଛି। ସୋମବାର ଭୁବନେଶ୍ୱର ଠାରେ କାଉନ୍‌ସିଲରମାନେ ବିଧିବଦ୍ଧ ଭାବେ ବିଜେପିରେ ମିଶିବେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ସୋମବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ସେଠାରେ ସମସ୍ତେ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏପଟେ ଇସ୍ତଫା ଦେଇଥିବା ୯ ଜଣଙ୍କୁ ଛାଡ଼ିଦେଲେ ସମସ୍ତ ବିଜେଡି କାଉନ୍‌ସିଲର ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଏନେଇ ଫୋନ୍ ଯୋଗେ ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିବା ସହ ଦଳୀୟ ନେତାଙ୍କ ଉପରେ ଅସନ୍ତୁଷ୍ଟ କାରଣରୁ ଏଭଳି ଇସ୍ତଫା ପତ୍ର ଦେଇଥିବା ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପରେ କେନ୍ଦୁଝର ସହରରେ ବିଜେଡି ନିଶ୍ଚିତ ଭାବେ ଦୁର୍ବଳ ହେବ। ଆଗାମୀ ପୌର ନିର୍ବାଚନରେ ବିଜେଡି ପାଇଁ ନିଜର କାଉନ୍‌ସିଲର ପ୍ରାର୍ଥୀଙ୍କୁ ଜିତେଇବା କଷ୍ଟକର ହୋଇଯିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ବିଜେଡ଼ି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ଏନେଇ ତାଙ୍କ ପାଖରେ ସୂଚନା ପହଞ୍ଚିଛି। ଦଳ ଭିତରେ ମନମାଳିନ୍ୟ ଥିଲେ ସମାଧାନ କରି ହୋଇଥାନ୍ତା। ଦଳ ବିରୋଧୀ ଦଳରେ ଥିବା ବେଳେ ଇସ୍ତଫା ପତ୍ର ଦେବା ନେଇ ରାଜ୍ୟ ନେତୃତ୍ୱ ବିଚାର କରିବେ ବୋଲି ପ୍ରକାଶ କରିଛନ୍ତି। ପୌର ନିର୍ବାଚନ ଆଉ ଅଳ୍ପ ଦିନ ବାକି ଥିବା ବେଳେ ବିଜେପିର ଏହି ରଣକୌଶଳ ନିର୍ବାଚନରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପ୍ରକାଶ ଯେ କେନ୍ଦୁଝର ଗଡ ପୌରପାଳିକାରେ ୨୧ ୱାର୍ଡ ଥିବା ବେଳେ ୧୩ଟି ବିଜେଡ଼ି ଜିତିଥିବା ବେଳେ ବିଜେପି ୮ ଜଣ କାଉନସିଲର ଜିତିଥିଲା। ଅଧ୍ୟକ୍ଷ ପଦ ଏକକ ଭାବେ ବିଜେପି ବାଜିମାତ୍ କରିଥିବା ବେଳେ ଅଧିକ କାଉନ୍ସିଲର୍ ଜିତି ମଧ୍ୟ ବିଜେଡ଼ିକୁ ଉପାଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହେବାକୁ ପଡିଥିଲା।

# ଏଣିକି ପେଟ୍ରୋଲ୍ ପମ୍ପରେ ମିଳିବ କିରୋସିନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ସମଗ୍ର ବିଶ୍ୱରେ ଦେଖା ଦେଇଛି ତୈଳ ଓ ଗ୍ୟାସ ସଂକଟ। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ଏପରି ସଂକଟର ମୁକାବିଲା ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ଉଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ଏବେ ପେଟ୍ରୋଲିୟମ ସୁରକ୍ଷା ଏବଂ ଲାଇସେନ୍ସ ନିୟମକୁ କୋହଳ କରିଛନ୍ତି, ଯାହାଦ୍ୱାରା କିରାସିନ ଘରେ ଘରେ ସହଜରେ ପହଞ୍ଚିପାରିବ। କେନ୍ଦ୍ର ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ଅନୁସାରେ, ସାଧାରଣ ଲୋକେ ଯେପରି ଇନ୍ଧନ ଅଭାବର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ କିରାସିନ ତେଲ ବିକ୍ରିକୁ ୬୦ ଦିନ ବଢ଼ାଇଛି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ। ସେଥିମଧ୍ୟରେ ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ ଓ ଗୁଜରାଟ ରହିଛନ୍ତି। ଏହି ପରିବର୍ତ୍ତନ ଅନୁଯାୟୀ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ବା ଓଏମସି ଦ୍ୱାରା ପରିଚାଳିତ ବଛା ବଛା ପେଟ୍ରୋଲ ପମ୍ପଗୁଡ଼ିକୁ କିରାସିନ ମହଜୁଦ ରଖିବା ଓ ବିତରଣ ପାଇଁ ଅନୁମତି ଦିଆଯାଇଛି। ପ୍ରତ୍ୟେକ ଆଉଟଲେଟ୍ ସର୍ବାଧିକ ୫ହଜାର ଲିଟର କିରାସିନ ରଖିପାରିବେ। ଏହାହସ ପ୍ରତ୍ୟେକ ଜିଲ୍ଲାରେ ସର୍ବାଧିକ ୨ଟି ପେଟ୍ରୋଲ ପମ୍ପ୍ ଏଥିପାଇଁ ନାମିତ ହେବେ।

ଉତ୍କଳ ଦୀପିକା

ଭୁବନେଶ୍ୱର,
୩୦ମାର୍ଚ୍ଚ, ସୋମବାର,
୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

### ଗ୍ରୁପ୍ ଅଫ ମିନିଷ୍ଟର୍ସର ପ୍ରଥମ ବୈଠକ

# ଯୁଦ୍ଧ ବେଳେ ଦେଶରେ ଶକ୍ତି ସଙ୍କଟ ଟାଳିବାକୁ ଉଦ୍ୟମ



ନୂଆଦିଲ୍ଲୀ, ୨୯/୦୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ବେଳେ ଦେଶରେ ଶକ୍ତି ସଙ୍କଟ ଟାଳିବାକୁ ଉଦ୍ୟମ ଚାଲିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଗ୍ରୁପ୍ ଅଫ ମିନିଷ୍ଟର୍ସର ପ୍ରଥମ ବୈଠକରେ ଆଲୋଚନା ହୋଇଛି। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଓ ଭାରତ ଉପରେ ଏହାର ପ୍ରଭାବକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଅଶୋଧିତ ତୈଳ ଓ ଗ୍ୟାସ୍ ଯୋଗାଣରେ ଯେପରି କୌଣସି ବାଧା ନଉପୁଜିବ ସେଥିପାଇଁ ସରକାର ସତର୍କ ଅଛନ୍ତି।

ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜି ମହଜୁଦ ଥିବା ନେଇ ସୂଚନା ଦିଆଯାଇଛି। ଉପସାଗରୀୟ ଦେଶଗୁଡ଼ିକରେ ରହୁଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା ବୋଲି ରାଜନାଥ ସିଂ କହିଛନ୍ତି।

ଯୁଦ୍ଧ ଯୋଗୁଁ ସାର ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ଆମଦାନୀ ଯେପରି ପ୍ରଭାବିତ ନହେବ, ସେନେଇ ବିକଳ୍ପ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କ ସମେତ ଅନେକ ମନ୍ତ୍ରୀ ଉପସ୍ଥିତ ଥିଲେ।

# ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବହିର୍ବିଭାଗରେ ନିଆଁ




କଟକ, ୨୯।୩
ନ୍ୟୁଜ ବ୍ୟୁରୋ

ଏସ୍‌ସିବି ମେଡିକାଲର ପିଛା ଛାଡୁନି ଅଗ୍ନିକାଣ୍ଡ। ପୁଣି ମେଡିକାଲରେ ସଟ୍‌ସର୍କିଟରୁ ନିଆଁ ଲାଗିଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବହିର୍ବିଭାଗର ଲିଫ୍ଟ ସମ୍ମୁଖରେ ଥିବା ପଙ୍ଖା ବୁଲୁଥିବାବେଳେ ହଠାତ୍ ଏଥିରୁ ନିଆଁ ଓ ଧୂଆଁ ବାହାରିଥିଲା। ପଙ୍ଖାରୁ ନିଆଁ ବାହାରିବା ଦେଖି ଉକ୍ତ ବିଭାଗରେ ଥିବା ରୋଗୀ, ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଉପସ୍ଥିତ କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ ବିଭାଗକୁ ଅବଗତ କରିବାରୁ ଘଟଣାସ୍ଥଳରେ ଉକ୍ତ ବିଭାଗର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ପଙ୍ଖାରେ ସାମାନ୍ୟ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ କୁମାର ପରିଜା ସୂଚନା ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ମେଡିକାଲ, କଲେଜ ଓ ହଷ୍ଟେଲର ପ୍ରତ୍ୟେକ କୋଣ ଅନୁକୋଣ ଯାଞ୍ଚ କରାଯାଇଛି।

# ରଥ ଉପରେ ମାଲମାଲ ସେବାୟତ : ଦିଅଁଙ୍କ ଦର୍ଶନରୁ ବଞ୍ଚିତ ଭକ୍ତ

ଭୁବନେଶ୍ୱର, ୨୯/୦୩
ନ୍ୟୁଜ ବ୍ୟୁରୋ

ବଡ଼ କିଏ? ସେବାୟତ ନା ଠାକୁର। କାହାକୁ ଗୁହାରି କରିବେ ଭକ୍ତ? କାହାକୁ ଦର୍ଶନ କରିବାକୁ ଶହ ଶହ କିଲୋମିଟର ଦୂରରୁ ଧାଇଁ ଆସିବେ? ମନର ଦୁଃଖ ସୁଖ କାହା ସହ ବାଣ୍ଟିବେ? ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପରେ ସାଧାରଣରେ ଏଭଳି କିଛି ପ୍ରଶ୍ନ ଉଠିଛି। ରଥାରୁଢ଼ ଦିଅଁଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ଶତ ଚେଷ୍ଟା କରିଥିଲେ ମଧ୍ୟ ଦର୍ଶନ ପାଇନଥିଲେ। ଭକ୍ତ ଓ ଭଗବାନଙ୍କ ମଝିରେ ପାଚେରି ସାଜିଥିଲେ ସେବାୟତ। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ବଢ଼ିଛି ଅସନ୍ତୋଷ। ଅଶୋକାଷ୍ଟମୀରେ ରଥାରୁଢ଼ ଦିଅଁଙ୍କୁ ଦର୍ଶନ କରିପାରିଲେନି ଶ୍ରଦ୍ଧାଳୁ। ଭକ୍ତଙ୍କୁ ଦର୍ଶନରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ଉଠିଛି। ଯେଉଁ ସେବାୟତ ଭକ୍ତ ଭଗବାନଙ୍କ ମଧ୍ୟରେ ସଂଯୋଗ ସେତୁ ହୋଇଥାନ୍ତି, ସେହି ସେବାୟତ ଭକ୍ତ-ଭଗବାନଙ୍କ ମଧ୍ୟରେ ପ୍ରାଚୀର



ହୋଇ ଛିଡ଼ା ହେବାକୁ ସବୁ ମହଲରେ ନାପସନ୍ଦ କରାଯାଇଛି। ତେବେ ବାରମ୍ବାର ଅଘଟଣ ଓ କ୍ରମାଗତ ଭାବେ ଭକ୍ତଙ୍କ ଅସନ୍ତୋଷ ବଢୁଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜୁଛି। କେବଳ ରଥଯାତ୍ରା ନୁହେଁ ସେବାୟତଙ୍କ ମନମାନି ପାଇଁ ବର୍ଷକୁ ଏକାଧିକବାର ପ୍ରଭୁ ଶ୍ରୀଲିଙ୍ଗରାଜ ଉପବାସ ରହୁଛନ୍ତି। ଅନେକ ନୀତି ମଧ୍ୟ ବନ୍ଦ ହେଉଛି।

ମହାପ୍ରଭୁଙ୍କ ଘୋଷଯାତ୍ରାରେ ଅଣସେବାୟତଙ୍କୁ ରଥ ଉପରକୁ ନଯିବା ପାଇଁ କଡ଼ା ନିୟମ ରହିଛି। କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଉଛି। ରୁକୁଣା ରଥଯାତ୍ରାରେ ସେବା ନିୟୋଜିତ ସେବାୟତଙ୍କ ସମେତ ଅଣସେବାୟତ ରଥ ଉପରେ ଦିଅଁଙ୍କ ସମ୍ମୁଖରେ ବସି ରହୁଛନ୍ତି। ପ୍ରତିବର୍ଷ ପ୍ରସ୍ତୁତି ବୈଠକରେ ଏନେଇ ଆଲୋଚନା କରାଯାଉଛି। ହେଲେ ଯଥା ପୂର୍ବଂ ତଥା ପରଂ। ଚଳିତବର୍ଷ ରଥ ଉପରୁ ଓହ୍ଲାଇ ଆସିବା ପାଇଁ ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ହେଁ କେହି ଶୁଣି ନଥିଲେ। ଆଇନ ମନ୍ତ୍ରୀ, ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ସେବାୟତଙ୍କ ଏଭଳି ମନମାନି ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଥିଲା। ଚଳିତ ବର୍ଷ ରଥ ଉପରେ ଅଧିକ ସେବାୟତ ଥିବା ଯୋଗୁ ବାରମ୍ବାର ଅଘଟଣ ଘଟିଥିଲା। ଅପରପକ୍ଷରେ ଏପର୍ଯ୍ୟନ୍ତ ଲିଙ୍ଗରାଜ ଆଇନ ଲାଗୁ ହୋଇ ପାରୁନାହିଁ। ଫଳରେ ବାରମ୍ବାର ଭକ୍ତଙ୍କ ଭାବାବେଗକୁ ନେଇ ଖେଳୁଛନ୍ତି ସେବାୟତ।

# ପ୍ରଗତିଶୀଳ ସମାଜ ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ

ଭୁବନେଶ୍ୱର, ୨୯/୦୩
ନ୍ୟୁଜ ବ୍ୟୁରୋ

ଏକ ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ଭୁବନେଶ୍ୱର ସ୍ଥିତ ରାମକୃଷ୍ଣ ମିଶନର ବିବେକାନନ୍ଦ ହଲ୍ ଠାରେ ଆୟୋଜିତ 'ଶିକ୍ଷକମାନଙ୍କ ପାଇଁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା' ସମ୍ପର୍କିତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ ଶିକ୍ଷା କେବଳ ସୂଚନା ସଂଗ୍ରହ ନୁହେଁ ବରଂ ଆନ୍ତରିକ ପୂର୍ଣ୍ଣତା, ଶକ୍ତି ଏବଂ ଚରିତ୍ରର ପରିପ୍ରକାଶ। ଗୁଣାତ୍ମକ ଶିକ୍ଷାର ଅଗ୍ରଗତି ନିମନ୍ତେ ରାମକୃଷ୍ଣ ମିଶନର କାର୍ଯ୍ୟକୁ ପ୍ରଶଂସା କରି ରାଜ୍ୟପାଳ କହିଛନ୍ତି, ରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାମକୃଷ୍ଣ ମିଶନ ନିରନ୍ତର ଏକ ସନ୍ତୁଳିତ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଆସିଛି ଯାହା




ବୌଦ୍ଧିକ, ନୈତିକ ଏବଂ ଆଧ୍ୟାତ୍ମିକ ଅଭିବୃଦ୍ଧିକୁ ସମନ୍ୱିତ କରିଥାଏ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ମୂଲ୍ୟବୋଧ କେବଳ ପୁସ୍ତକରୁ ଶିକ୍ଷା ଦିଆଯିବା ଉଚିତ୍ ନୁହେଁ ବରଂ ଦୈନନ୍ଦିନ ଜୀବନରେ ବଞ୍ଚିବା ଏବଂ ଅଭିଜ୍ଞତା ହାସଲ କରିବା ଉପରେ ଏହା ପର୍ଯ୍ୟବେଶିତ ହେବା ଉଚିତ୍। ଶିକ୍ଷକମାନେ ନିଜକୁ ଉନ୍ନତ କରିବା ପାଇଁ ଯତ୍ନବାନ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଅନୁଷ୍ଠାନଗୁଡ଼ିକ ଏପରି ଏକ ପରିବେଶ ସୃଷ୍ଟି କରିବା ଉଚିତ ଯାହା ନୀତି, ସାମାଜିକ ଦାୟିତ୍ୱ ଏବଂ ସେବା ମନୋଭାବକୁ ପ୍ରୋତ୍ସାହିତ କରିବ। ପ୍ରକୃତ ଜାତୀୟ ଶକ୍ତି କେବଳ ଆର୍ଥିକ ପ୍ରଗତିରେ ନୁହେଁ ବରଂ ଏହାର ନାଗରିକଙ୍କ ଚରିତ୍ରରେ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ରାମକୃଷ୍ଣଙ୍କ ମଠ ହାଇଦ୍ରାବାଦର ସମ୍ପାଦକ ସ୍ୱାମୀ ବୋଧମୟାନନ୍ଦ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ। ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆତ୍ମପ୍ରଭାନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମକୃଷ୍ଣ ମିଶନର ସଭାପତି ଡା. ଚଣ୍ଡୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତର ସାଟେଲାଇଟ୍ ନାଭିଗେସନ୍ ସିଷ୍ଟମ୍ ଅଚଳ

ନୂଆଦିଲ୍ଲୀ ୨୯/୦୩

ଭାରତର ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍ 'ନାଭିଗେସନ୍ ୱିଥ୍ ଇଣ୍ଡିଆନ୍ କନଷ୍ଟିଲେସନ୍ (ନାଭିକ)ର କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହୋଇଛି। ସବୁଠୁ ବଡ଼ ଚିନ୍ତା ହେଉଛି ଭାରତ ନିଜର ସୁରକ୍ଷା ଓ ରଣନୈତିକ ଉଦ୍ଦେଶ୍ୟ ନିମନ୍ତେ ଏହି ପ୍ରଣାଳୀର ଉପଯୋଗ କରିପାରିବ ନାହିଁ। ଇଣ୍ଡିଆନ ରିଜନାଲ ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍-୧ଏଫ୍ (ଆଇଆରଏନ୍‌ଏସ୍‌ଏସ୍୧ଏଫ୍)ର ଆଟମିକ୍ କ୍ଲକ୍ ବା ପରମାଣୁ ଘଡ଼ି ଚଳିତ ମାସ ୧୦ ତାରିଖରେ ଅଚଳ ହୋଇଗଲା। ଫଳରେ କେବଳ ୩ଟି ସାଟେଲାଇଟ୍ କକ୍ଷରେ ରହି ସ୍ଥାନ, ଦିଗ ଓ ସମୟ ସେବା ପ୍ରଦାନ କରୁଛନ୍ତି। ଇସ୍ରୋର ଜଣେ ପୂର୍ବତନ ବୈଜ୍ଞାନିକ କହିଛନ୍ତି, ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍ ଠିକ୍‌ରେ କାମ କରିବା ପାଇଁ ଅତିକମ୍‌ରେ ୪ ସାଟେଲାଇଟ୍ ସହିତ କାର୍ଯ୍ୟକ୍ଷମ ପରମାଣୁ ଘଡ଼ି ଆବଶ୍ୟକ। ସେ କହିଛନ୍ତି, ନାଭିକ୍ ଭଳି ପ୍ରଣାଳୀର ଦୁଇଟି ସଙ୍କେତ ରହିଛି। ଗୋଟିଏ ସାଧାରଣ ଲୋକଙ୍କ ପାଇଁ ମୁକ୍ତ ସଙ୍କେତ। ଅନ୍ୟଟି ପ୍ରତିବନ୍ଧିତ ସୈନ୍ୟ ସଙ୍କେତ, ଯାହା ସୁରକ୍ଷା ସଠିକତା ହାରକୁ ୧୦ ଗୁଣ ବଢ଼ାଏ। ରାଷ୍ଟ୍ରମାନଙ୍କର ସଶସ୍ତ୍ର ବାହିନୀ ଲଜିଷ୍ଟିକ୍, ମ୍ୟାପିଂ ଓ କାର୍ଯ୍ୟ ପରିଚାଳନା ଯୋଜନା ପାଇଁ ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍ ଉପଯୋଗ କରନ୍ତି। ଏହି ସ୍ଥିତିରେ ବିଦେଶୀ ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍ ଉପରେ ନିର୍ଭର କରିବା ସୁରକ୍ଷା ଚିନ୍ତା ବଢ଼ାଇପାରେ, ଖାସ୍‌କରି ଯୁଦ୍ଧ ସମୟରେ। ସେ ଆହୁରି କହିଛନ୍ତି ଯେ, ଯଦି କୌଣସି ଦେଶ ଯୁଦ୍ଧଗ୍ରସ୍ତ ଏବଂ ଅନ୍ୟ ଦେଶର ବୈଷୟିକ ପ୍ରଣାଳୀର ଉପଯୋଗ କରୁଥାଏ, ତେବେ ସେମାନେ ସିଗ୍‌ନାଲରେ ତ୍ରୁଟି କରିପାରନ୍ତି। ନାଭିଗେସନ୍ ତଥ୍ୟକୁ ତ୍ରୁଟିପୂର୍ଣ୍ଣ ରୂପେ ବଦଳାଇ ପାରନ୍ତି। ଯୁଦ୍ଧ ସମୟରେ ଅନ୍ୟ ଦେଶର ସାଟେଲାଇଟ୍ ଉପରେ ନିର୍ଭରଶୀଳତାର ଅର୍ଥ ନିଜ ନିୟନ୍ତ୍ରଣକୁ ଅନ୍ୟ ହାତକୁ ଟେକିଦେବା।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯/୦୩/୨୦୨୬
୬,୪୬,୨୮୪/- ଟଙ୍କା
ସୁନା:-୦୦ଗ୍ରାମ୍୦୨୦ ମିଲିଗ୍ରାମ
ରୂପା:-୧୧ଗ୍ରାମ୍୭୦୦ ମିଲିଗ୍ରାମ

# ୩୦ ଦିନର ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୫୯୦ ବିଲିୟନ ଡଲାର କ୍ଷତି

### ୩୦ ହଜାରରୁ ଅଧିକ ଏୟାରଷ୍ଟ୍ରାଇକ୍, ୮୭୦୦ମୃତ

ନୂଆଦିଲ୍ଲୀ, ୨୯।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଜିକୁ ୩୦ ଦିନରେ ପହଞ୍ଚିଛି। ଏହା ବନ୍ଦ ହେବାର କୌଣସି ସଙ୍କେତ ନାହିଁ। ଇରାନ ଉପରେ ଆକ୍ରମଣ ଜାରି ରହିଥିବା ବେଳେ, ଅନ୍ୟପକ୍ଷେ ଇରାନ ମଧ୍ୟ ଉପସାଗରରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରୁଛି। ଲଗାତାର ଆକ୍ରମଣ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ହୋଇଥିବା କ୍ଷତି ଯୁଦ୍ଧକ୍ଷେତ୍ର ବାହାରେ ବହୁ ଦେଶକୁ ପ୍ରଭାବିତ କରିଛି। ଏହି ଯୁଦ୍ଧ କେବଳ ଇରାନ, ଇସ୍ରାଏଲ ଏବଂ ଆମେରିକା ସହିତ ଜଡିତ ଘାଟିଗୁଡ଼ିକୁ ପ୍ରଭାବିତ କରିନାହିଁ ବରଂ ବିଶ୍ୱ ଅର୍ଥନୀତିକୁ ମଧ୍ୟ ଦୋହଲାଇ ଦେଇଛି ଏବଂ ଦୀର୍ଘକାଳୀନ ପରିବେଶଗତ ବିନାଶ ବିଷୟରେ ଚିନ୍ତା ସୃଷ୍ଟି କରିଛି। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ମାତ୍ର ୩୦ ଦିନରେ ୩୦୦୦୦ରୁ ଅଧିକ କ୍ଷେପଣାସ୍ତ୍ର, ଡ୍ରୋନ୍ ଏବଂ ବୋମା ଆକ୍ରମଣ ହୋଇଛି। ଏହାର ଅର୍ଥ ହେଉଛି ପ୍ରାୟ ପ୍ରତି ମିନିଟ୍‌ରେ ବିଭିନ୍ନ ଅଞ୍ଚଳରେ ଆକ୍ରମଣ ହେଉଛି। ସାମରିକ କାର୍ଯ୍ୟାନୁଷ୍ଠାନର ତୀବ୍ର ଗତି ଯୋଗୁଁ ସହର, ସାମରିକ ଘାଟି ଏବଂ ବେସାମରିକ ଭିତ୍ତିଭୂମିର ବ୍ୟାପକ ଧ୍ୱଂସ ଘଟିଛି। ସୂଚନା ଅନୁଯାୟୀ, ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ୮୭୧୦ ଜଣଙ୍କର ମୃତ୍ୟୁ ହୋଇଛି। ୩୪୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେଭଳି ଆବାସିକ ଅଞ୍ଚଳ ଏବଂ ସାର୍ବଜନୀନ ସୁବିଧା ସମେତ ୧୫୦୦୦ରୁ ଅଧିକ ସ୍ଥାନ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଛି। ଏହି ସଂଘର୍ଷର





ଆର୍ଥିକ ପ୍ରଭାବ ମଧ୍ୟପ୍ରାଚ୍ୟ ବାହାର ଦେଶଗୁଡ଼ିକରେ ମଧ୍ୟ ପହଞ୍ଚିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଅତି କମ୍‌ରେ ୧୪ଟି ରାଷ୍ଟ୍ର ସିଧାସଳଖ ପରିଣାମର ସମ୍ମୁଖୀନ ହୋଇଛନ୍ତି, ସେଭଳି ୩୦ରୁ ଅଧିକ ପ୍ରମୁଖ ବିଶ୍ୱ ଅର୍ଥନୀତି ଇନ୍ଧନ ମୂଲ୍ୟ ବୃଦ୍ଧି ଏବଂ ବାଧାପ୍ରାପ୍ତ ବାଣିଜ୍ୟ ଯୋଗୁଁ ଆର୍ଥିକ ଚାପ ଭୋଗ କରୁଛନ୍ତି। ୟୁରୋପୀୟ ଦେଶ, ଚୀନ୍, ଜାପାନ ଏବଂ ଦକ୍ଷିଣ କୋରିଆ ଭଳି ଏସୀୟ ଅର୍ଥନୀତି ଖୁବ୍ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ପ୍ରଥମ ମାସ ମଧ୍ୟରେ ଏହି ସଂଘର୍ଷରୁ ବିଶ୍ୱର ମୋଟ ଆର୍ଥିକ କ୍ଷତି ପ୍ରାୟ ୫୯୦ ବିଲିୟନ ଡଲାର (ପ୍ରାୟ ୪୯ ଲକ୍ଷ କୋଟି ଟଙ୍କା) ହେବ। ଏହି ଯୁଦ୍ଧରେ ଇରାନର ଜିଡିପି ୨୦% ରୁ ତଳକୁ ଖସିଛି। କେବଳ ଭିତ୍ତିଭୂମି କ୍ଷତି ୨ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ସହିତ, ଇରାନର ତୈଳ ରପ୍ତାନି, ଯାହା ଦିନକୁ ପ୍ରାୟ ୧୧୦୦ କୋଟି ଟଙ୍କା ମୂଲ୍ୟର ଥିଲା କ୍ଷତି ଏବଂ ପରିବହନ ବାଧାପ୍ରାପ୍ତି ଯୋଗୁଁ ପ୍ରାୟତଃ ବନ୍ଦ ହୋଇଯାଇଛି। ରପ୍ତାନି ବନ୍ଦ ଯୋଗୁଁ ପ୍ରାୟ ୩୩୦୦୦ କୋଟି ଟଙ୍କାର କ୍ଷତି ହୋଇସାରିଛି। ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଆର୍ଥିକ ସଙ୍କଟ ଜାରି ରହେ, ତେବେ ଇରାନରେ ପ୍ରାୟ ୪୦ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ପଡ଼ିପାରନ୍ତି। ସାମଗ୍ରିକ ଭାବରେ, ପ୍ରଥମ ମାସରେ ଇରାନର ମୋଟ କ୍ଷତି ପ୍ରାୟ ୧୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ହଜାର ହଜାର କୋଠା ନଷ୍ଟ ହୋଇଯାଇଛି। ଏହାକୁ ପୁନଃନିର୍ମାଣ କରିବାକୁ ପ୍ରାୟ ଦଶ ବର୍ଷ ସମୟ ଲାଗିପାରେ। ଯଦିଓ ଆମେରିକା ମୁଖ୍ୟ ଯୁଦ୍ଧକ୍ଷେତ୍ରରୁ ଭୌଗୋଳିକ ଭାବରେ ଦୂରରେ ରହିଛି, ତଥାପି ସେ ଏହାର ସାମରିକ କାର୍ଯ୍ୟକଳାପକୁ ବଜାୟ ରଖିବା ପାଇଁ ବିପୁଳ ପରିମାଣରେ ଖର୍ଚ୍ଚ କରିଛି। ପେଣ୍ଟାଗନର ଆକଳନ ଅନୁଯାୟୀ ଆମେରିକା ସଂଘର୍ଷର ପ୍ରାରମ୍ଭିକ ଦିନଗୁଡ଼ିକରେ ପ୍ରତିଦିନ ପ୍ରାୟ ୧୫୬୬୬ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ପ୍ରଥମ ମାସ ଶେଷ ସୁଦ୍ଧା, ମୋଟ ଖର୍ଚ୍ଚ ପ୍ରାୟ ୪.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମଧ୍ୟପ୍ରାଚ୍ୟରେ ଆମେରିକା ସହିତ ଜଡିତ ଘାଟିଗୁଡ଼ିକୁ ଇରାନର ଟାର୍ଗେଟ ଆହୁରି ଆର୍ଥିକ କ୍ଷତି କରିଛି। ଦୀର୍ଘକାଳୀନ ସାମରିକ ଅଭିଯାନ ଯୋଗୁଁ ଇସ୍ରାଏଲ ମଧ୍ୟ ବୃଦ୍ଧି ପାଉଥିବା ଖର୍ଚ୍ଚର ସମ୍ମୁଖୀନ ହୋଇଛି। ଗତ ମାସରେ ଆକ୍ରମଣାତ୍ମକ ଆକ୍ରମଣ ଏବଂ ପ୍ରତିରକ୍ଷା ପଦକ୍ଷେପ ପାଇଁ ଦେଶ ପ୍ରାୟ ୯୧୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଜରୁରୀକାଳୀନ ଗତିବିଧି ଏବଂ ବାରମ୍ବାର କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଆର୍ଥିକ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି ବୋଲି ସୂଚନା ମିଳିଛି।

# ଭିଜିଲାନ୍ସ ପଞ୍ଝାରେ ମଙ୍ଗରାଜପୁର ଆରଆଇ

କଟକ, ୨୯/୦୨
ନ୍ୟୁଜ ବ୍ୟୁରୋ



ମ୍ୟୁଟେସନ୍ ମାମଲାରେ ଜମି ପରିବର୍ତ୍ତନ ସଂପର୍କିତ ଏକ ଅନୁକୂଳ ରିପୋର୍ଟ ପ୍ରଦାନ କରିବା ପାଇଁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ କଟକଜିଲ୍ଲା ଚୌଦ୍ୱାର ତହସିଲ ଅଧୀନ ମଙ୍ଗରାଜପୁରର ରାଜସ୍ୱ ନିରୀକ୍ଷକ ରାଜାରାମ ବାନ୍ଦ୍ରା ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶ୍ରୀ ବାନ୍ଦ୍ରା ଜଣେ ଜମି ମାଲିକଙ୍କ ଠାରୁ ତାଙ୍କ ପତିତ ଜମିକୁ ହୋମଷ୍ଟେଡ୍ ଜମିରେ ପରିବର୍ତ୍ତନ କରିବା ପାଇଁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ପୂର୍ବରୁ ଦାବି କରିଥିବା ଟଙ୍କା ରବିବାର ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଅତର୍କିତ ଚଢ଼ଉ କରିଥିଲା। ଭିଜିଲାନ୍ସ ବିଭାଗର ସୂଚନା ଅନୁସାରେ ଜମି ମାଲିକ ଗତ ୧୦ ତାରିଖ ଦିନ ରାଜସ୍ୱ ବିଭାଗର ନିର୍ଦ୍ଦେଶାବଳୀ ଅନୁସାରେ ଅନ୍‌ଲାଇନରେ ଏକ ଆବେଦନ କରିଥିଲେ। କିନ୍ତୁ ଅଭିଯୁକ୍ତ ଆରଆଇ ଶ୍ରୀ ବାନ୍ଦ୍ରା ଜମି ମାଲିକଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ଶ୍ରୀ ବାନ୍ଦ୍ରା ଜମି ମାଲିକଙ୍କୁ କହିଥିଲେ, ଯଦି ତାଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ନଦିଆଯାଏ, ତେବେ ସେ ତାଙ୍କ ଦ୍ୱାରା ଦାୟର କରାଯାଇଥିବା ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ପ୍ରଦାନ କରିପାରିବେ ନାହିଁ। ଶ୍ରୀ ବାନ୍ଦ୍ରାଙ୍କ ଏହି କଥା ଜମି ମାଲିକଙ୍କୁ ବିରକ୍ତ କରିଥିଲା। ସେ ଅନ୍ୟ କୌଣସି ଉପାୟ ନପାଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ସବୁ କଥା ଅବଗତ କରିଥିଲେ। ପୂର୍ବ ଯୋଜନା ଅନୁସାରେ ରବିବାର ଭିଜିଲାନ୍ସର ଏକ ଟିମ୍ ଶ୍ରୀ ବାନ୍ଦ୍ରାଙ୍କ କାର୍ଯ୍ୟାଳୟରେ ଜମି ମାଲିକଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଅତର୍କିତ ଚଢ଼ଉ କରିଥିଲା। ଅଭିଯୁକ୍ତ ଶ୍ରୀ ବାନ୍ଦ୍ରାଙ୍କ କବଜାରୁ ଲାଞ୍ଚର ୩୦,୦୦୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ଡିଏ ମାମଲା ଦୃଷ୍ଟିକୋଣରୁ ଶ୍ରୀ ବାନ୍ଦ୍ରାଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଯାଞ୍ଚ ଚାଲିଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଟ୍ରାକ୍ଟରରେ ବୁହା ହେଲେ ଗର୍ଭବତୀ

କେନ୍ଦୁଝର, ୨୯/୦୩ ନ୍ୟୁଜ

ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ। ଟ୍ରାକ୍ଟରରେ ବୁହା ହେଲେ ଗର୍ଭବତୀ। ଟ୍ରାକ୍ଟରରେ ୨ କିମି ଯିବା ପରେ ମିଳିଲା ଆମ୍ବୁଲାନ୍ସ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ତେଲକୋଇ ଅଲୁଣି ଗାଁରେ। ଗାଁର ରୁବି ମୁର୍ମୁଙ୍କ ସ୍ତ୍ରୀ ସରସ୍ୱତୀ ମାରାଣ୍ଡି ଗର୍ଭ ଯନ୍ତ୍ରଣା ହେବାରୁ ଆଶା ଦିଦି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ମାତ୍ର ରାସ୍ତା ଭଲ ନଥିବାରୁ ଆମ୍ବୁଲାନ୍ସ ଅଧାବାଟରେ ଅଟକିଥିଲା। ଦୀର୍ଘ ୨ ଘଣ୍ଟା ପରେ ଗର୍ଭବତୀଙ୍କୁ ଏକ ଟ୍ରାକ୍ଟର ଯୋଗେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା। ପ୍ରଥମେ ତାଙ୍କୁ ତେଲକୋଇ ଓ ପରେ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ହାତୀ ପାଇଁ ହନ୍ତସନ୍ତ: ଗଡ଼ିଲାଣି ୪୦ମୁଣ୍ଡ, ଏବେ ଗାଁରୁ ସହରମୁହାଁ

ଖୋର୍ଦ୍ଧା, ୨୯/୦୩ ନ୍ୟୁଜ ବ୍ୟୁରୋ

ନୟାଗଡ଼ରେ ନାହିଁ ହାତୀମାନଙ୍କର ଏତେଟା ଉପଦ୍ରବ। ପଡ଼ୋଶୀ ପୁରୀ ଜିଲ୍ଲାରେ ବି ଏମାନଙ୍କ ହିଂସା ପ୍ରାୟ କମ୍। କିନ୍ତୁ ଖୋର୍ଦ୍ଧା ଜିଲ୍ଲାରେ ବଣୁଆ ହାତୀ ରକ୍ତମୁଖା ହୋଇପଡ଼ିଛନ୍ତି। ସେମାନଙ୍କ ହିଂସ୍ରପଣ ଏତେ ବଢ଼ିଛି ଯେ ଗତ ଦଶନ୍ଧିରେ ଜିଲ୍ଲାର ୪୦ ଲୋକଙ୍କୁ ଦଳି ଚକଟି ଜୀବନ ନେଇଛି। ଏବେଠୁ ପ୍ରକୃତି ଓ ପର୍ଯ୍ୟାବରଣ ପ୍ରତି ଧ୍ୟାନ ନ ହେଲେ, ଆଗକୁ ଦୁର୍ଘଟଣାଠୁ ବି ହାତୀ ଉପଦ୍ରବ ଜିଲ୍ଲା ପାଇଁ ଏକ ବଡ଼ ଆହ୍ୱାନ ହୋଇ ଠିଆ ନ ହେବ ତାହା କହି ହେବ ନାହିଁ। ଖୋର୍ଦ୍ଧା ବନଖଣ୍ଡ ତଥ୍ୟ ଅନୁସାରେ ୧୨ବର୍ଷ ତଳେ ଅର୍ଥାତ୍ ୨୦୧୪-୧୫ ଆର୍ଥିକ ବର୍ଷରେ ଜିଲ୍ଲାରେ ହାତୀ ଉପଦ୍ରବ ଏତେଟା ନ ଥିଲା। କାଁ ଭାଁ ହାତୀ ଜନବସତିମୁହାଁ ହେଉଥିଲେ। ହାତୀମୁହଁରେ ପଡ଼ି ସେହିବର୍ଷ ମାତ୍ର ଜଣେ ଲୋକଙ୍କ ମୃତ୍ୟୁ ହୋଇଥିଲା। ତା' ପର ବର୍ଷ ମୃତ୍ୟୁ ସଂଖ୍ୟା ଶୂନ ଥିଲା। ୨୦୧୭-୧୮ଆର୍ଥିକ ବର୍ଷ ଯାଏଁ ହାତୀ



ଆକ୍ରମଣରେ ମଣିଷଙ୍କ ମୃତ୍ୟୁସଂଖ୍ୟା ଏକରେ ସୀମିତ ରହୁଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ମୃତ୍ୟୁସଂଖ୍ୟା ଦୁଇକୁ ଡେଇଁଲା। ତା' ପରଠାରୁ ତାଲିକା ଆଗକୁ ଆଗକୁ ଲମ୍ବି ଲମ୍ବି ଚାଲିଛି। ଗଲା କୋଭିଡ୍ ସମୟରେ ଲୋକେ ଯେବେ ଲକ୍‌ଡାଉନ୍‌ର ଶିକାର ହୋଇଥିଲେ, ଖୋର୍ଦ୍ଧା ଜିଲ୍ଲାରେ ହାତୀ ଉପଦ୍ରବ ଚରମ ସୀମା ଛୁଇଁଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ୯ଜଣଙ୍କର ମୁଣ୍ଡ ଗଡ଼ିଥିଲା। ଏହି କ୍ରମରେ ୨୦୨୦-୨୧ ଆର୍ଥିକ ବର୍ଷରେ ହାତୀପଲ ୪ ଜଣଙ୍କୁ ମାରିଥିବା ବେଳେ ୨୦୨୧-୨୨ରେ ୬ ଜଣଙ୍କୁ, ୨୦୨୨-୨୩ରେ ୪ ଜଣଙ୍କୁ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ୮ଜଣଙ୍କ ଜୀବନ ନେଇଛି ହାତୀ। ୨୦୨୪-୨୫ ଆର୍ଥିକ ବର୍ଷରେ ହାତୀ ଆକ୍ରମଣରେ ୪ଜଣଙ୍କ ଜୀବନ ଯାଇଛି। ହାତୀପଲ ଖୋର୍ଦ୍ଧା ସହର ଉପକଣ୍ଠ ଅଞ୍ଚଳରେ ମୃତ୍ୟୁର ତାଣ୍ଡବ ଖେଳାଉଥିଲେ ଏବଂ ଚାଷୀଙ୍କର ଫସଲ ସବୁ ନଷ୍ଟ କରୁଥିଲେ। ଏବେ ହାତୀପଲ ସହରମୁହାଁ ହେଲେଣି। ଖୋର୍ଦ୍ଧା ସହର ଭାଲିଆବାଡ଼ିରେ ବି ଦନ୍ତାହାତୀର ଉପସ୍ଥିତି ଦେଖା ଦେଲାଣି। ଏମିତିକି, ସହର ଭିତରକୁ ଆସି ଘର ପାଚେରି ଭାଙ୍ଗିବା ଘଟଣା ସହରରେ ହାତୀଙ୍କର ଆତଯାତ କେମିତି ହେଲାଣି ତାହା ଦର୍ଶାଇ ଦେଉଛି। ଖୋର୍ଦ୍ଧା ସହର ଦେଇ ଦୁଇ ଜାତୀୟ ରାଜପଥ ଯାଇଛି। ଜାତୀୟ ରାଜପଥ ଉପରେ ବି ହାତୀପଲଙ୍କ ଯାତାୟାତର ନଜିର ରହିଛି। ହାତୀପଲ ଜନବସତିମୁହାଁ ହେବାରେ ଅଭ୍ୟସ୍ତ ହେବା ଏବଂ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ାଇବା ଯୋଗୁ ଆଗକୁ ଜିଲ୍ଲା ପାଇଁ ଭୟଙ୍କର ସ୍ଥିତି ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି ହେଲାଣି।

# ନାବାଳିକାଙ୍କୁ ଚେଙ୍କ ଦେଇ ଘର ମାଲିକାଣୀ ଅଟକ

ଭୁବନେଶ୍ୱର, ୨୯/୦୩
ନ୍ୟୁଜ ବ୍ୟୁରୋ

ନାବାଳିକାଙ୍କୁ ଚେଙ୍କ ଦିଆଯିବା ନେଇ ରାଜଧାନୀରେ ଚାଞ୍ଚଲ୍ୟ ଖେଳିଯାଇଛି। ଘରେ କାମ କରୁଥିବା ନାବାଳିକାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏଭଳି କିଛି ଅମାନବୀୟ କାଣ୍ଡକୁ ନେଇ ଥାନାରେ ଏତଲା ହୋଇଛି। ଭୁବନେଶ୍ୱର ଶୈଳଶ୍ରୀ ବିହାର୍‌ରେ ଜଣେ ମହିଳାଙ୍କ ଘରେ ନାବାଳିକାଙ୍କୁ କାମ କରାଇବା ସହ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଥାନାରେ ହୋଇଛି। ଅଭିଯୋଗ ପରେ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି ଶିଶୁ ସୁରକ୍ଷା କର୍ମୀ। ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ନାବାଳିକାଙ୍କୁ ଭର୍ତ୍ତି କରିଛନ୍ତି ଶିଶୁ ସୁରକ୍ଷା କର୍ମୀ। ଚନ୍ଦ୍ରଶେଖରପୁର ଥାନା ପୋଲିସ୍ ଘର ମାଲିକଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏନେଇ ସଂପୃକ୍ତ ମହିଳାଙ୍କ ପ୍ରତିକ୍ରିୟା ମିଳିପାରିନି।